ନୂତନ ଦଶନ୍ଧିରେ ଆତ୍ମନିର୍ଭରଶୀଳ ଭାରତ ପାଇଁ ମୂଳଦୁଆ ସ୍ଥାପନ କରି ବଜେଟ୍

ନିର୍ମଳା ସୀତାରମଣଙ୍କ ସହ ସାକ୍ଷାତକାର ପୃଷ୍ଠା. 22-25ରେ

ବର୍ଷ 1, ସଂଖ୍ୟା 16

ନ୍ୟୁ ଇଣ୍ଡିଆ ସମାଚାର

ଫେବୃଆରୀ 16-28, 2021

ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ବଜେଟ

ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇ ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି କେନ୍ଦ୍ର ବଜେଟରେ ଛଅଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଉପରେ ରେଖାପାତ କରାଯାଇଛି

ବାଲାକୋଟ ଏୟାରଷ୍ଟ୍ରାଇକର ଦୁଇ ବର୍ଷ ପୂର୍ତ୍ତି

“क्षमाशील हो रिपु-समक्ष
तुम हुए विनीत जितना ही,
दुष्ट कौरवों ने तुमको
कायर समझा उतना ही।
सच पूछो, तो शर में ही
बसती है दीप्ति विनय की,
सन्धि-वचन संपूज्य उसी का
जिसमें शक्ति विजय की।”

ରାମଧାରୀ ସିଂ ଦିନକର

ବାଲାକୋଟ ଏୟାରଷ୍ଟ୍ରାଇକ ପରେ
ଫେବ୍ରୁଆରୀ 26, 2019ରେ ଭାରତୀୟ
ସେନାର ଟ୍ୱିଟ୍

Balakot Strike

Muzaffarabad Strike

Chakothi Strike

ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ 1, ସଂଖ୍ୟା 16 ଫେବୃଆରୀ 16-28, 2021

1	ସମ୍ପାଦକୀୟ	ପୃଷ୍ଠା. 02
2	ଚିଠି ବାକ୍ସ	ପୃଷ୍ଠା. 03
3	ସଂକ୍ଷିପ୍ତ ସମାଚାର	ପୃଷ୍ଠା. 04-05
4	ବ୍ୟକ୍ତିତ୍ୱ	ପୃଷ୍ଠା. 06-07
5	ପ୍ରଚ୍ଛଦ ପ୍ରସଙ୍ଗ କେନ୍ଦ୍ର ବଜେଟ 2021-22	ପୃଷ୍ଠା. 08-21
6	ସାକ୍ଷାତକାର	ପୃଷ୍ଠା. 22-25
7	ଡାଭୋସ ଆଲୋଚନା	ପୃଷ୍ଠା. 26-27
8	କରୋନା ବିରୋଧୀ ଲଢ଼େଇ	ପୃଷ୍ଠା. 28-29
9	କେୱାଡିଆକୁ ଟ୍ରେନ	ପୃଷ୍ଠା.30-31
10	ପରାକ୍ରମ ଦିବସ	ପୃଷ୍ଠା.32
11	ପିଏମ୍‌କେଭିୱାଇ 3.0	ପୃଷ୍ଠା.33
12	ପ୍ରମୁଖ ଯୋଜନା ଏସପିଏମଆରଏମ	ପୃଷ୍ଠା.34-35
13	ପଦ୍ମ ପୁରସ୍କାର	ପୃଷ୍ଠା.36-39
14	କୃଷି	ପୃଷ୍ଠା.40-41
15	କ୍ୟାବିନେଟ୍ ନିଷ୍ପତ୍ତି	ପୃଷ୍ଠା.42
16	ସକାରାତ୍ମକ ଆଭିମୁଖ୍ୟ	ପୃଷ୍ଠା.43
17	ମନ୍ କୀ ବାତ୍	ପୃଷ୍ଠା.44

ସମ୍ପାଦକ
କୁଳଦୀପ ସିଂ ଧତୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

ଉପଦେଷ୍ଟା ସମ୍ପାଦକ
ବିନୋଦ କୁମାର
ସନ୍ତୋଷ କୁମାର

ଅଳଙ୍କରଣ
ରବୀନ୍ଦ୍ର କୁମାର ଶର୍ମା

ପ୍ରକାଶକ ଓ ମୁଦ୍ରାକାର
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ

Printed at
Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-1210030

ପ୍ରକାଶିତ
ବ୍ୟୁରୋ ଅଫ ଆଉଟରିଚ ଏବଂ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

ନ୍ୟୁ ଇଣ୍ଡିଆ ସମାଚାର

RNI No. : DELODI/2020/78831

response-nis@pib.gov.in

ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର

ନୂଆ ଦଶନ୍ଧିର ନୂଆ କେନ୍ଦ୍ର ବଜେଟ୍ ହେଉଛି ଏକ ଐତିହାସିକ ବଜେଟ । ଏଥିରେ ମହାମାରୀ ପ୍ରଭାବିତ ଅର୍ଥନୀତିକୁ ନୂଆ ଶକ୍ତି ଦେବା ପାଇଁ ଅନେକଗୁଡିଏ ଦୀର୍ଘକାଳୀନ ସଂସ୍କାରର ଲକ୍ଷ୍ୟ ରଖାଯାଇଛି । ସଦ୍ୟତମ ଅର୍ଥନୀତିକ ସର୍ଭେ ରିପୋର୍ଟରେ ଦେଶର ଅର୍ଥନୀତିର ଇଂରାଜୀ ଭି ଅକ୍ଷର ଆକୃତିରେ ପୁନରୁତ୍ଥାନ ଘଟିବ ବୋଲି ଆକଳନ କରାଯାଇଛି । ଅନ୍ୟପକ୍ଷରେ ବଜେଟ୍‌ରେ ଅର୍ଥନୀତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

"ସବ୍‌କା ସାଥ୍, ସବ୍‌କା ବିକାଶ" ମନ୍ତ୍ରକୁ ଭିତ୍ତିକରି ଏହି ବଜେଟ୍‌କୁ ଚାରି ସ୍ତମ୍ଭରେ ସୁଦୃଢ କରାଯାଇଛି । ସେଗୁଡିକ ହେଉଛି:- ସ୍ୱାସ୍ଥ୍ୟ ଏବଂ ସୁସ୍ଥ ରହିବା, ବାସ୍ତବ ଏବଂ ଅର୍ଥନୀତିକ ରାଜଧାନୀ ଓ ଭିତ୍ତିଭୂମି, ଆକାଂକ୍ଷୀ ଭାରତ ଲକ୍ଷ୍ୟ ହାସଲ ପାଇଁ ଆଭ୍ୟନ୍ତରୀଣ ପ୍ରଗତି, ମାନବ ସମ୍ବଳର ପୁନରୁତ୍ଥାନ , ଉଦ୍ଭାବନ ଏବଂ ଗ୍ରାମ୍ୟ ଉନ୍ନତି ଓ ସରକାର ଏବଂ ସର୍ବାଧିକ ପ୍ରଶାସନ ।

କୋଭିଡ-19ମହାମାରୀରୁ ଶିକ୍ଷା ମିଳିବା ପରେ ସରକାର ସ୍ୱାସ୍ଥ୍ୟ ଏବଂ ସୁସ୍ଥ ରହିବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ପୂର୍ବର ବଜେଟ୍‌ଗୁଡିକ ଠାରୁ ଏହି ବଜେଟ୍‌ରେ ସମ୍ଭବତଃ ପ୍ରଥମ ଥର ପାଇଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଉଲ୍ଲେଖନୀୟଭାବେ ଗୁରୁତ୍ୱ ଦିଆଯାଇଛି । ଏହା କୁହାଯାଇପାରିବ ଯେ, ଆତ୍ମନିର୍ଭର ଦେଶ ପାଇଁ ଏହି ବଜେଟ ଏକ ଟୀକା ଭଳି ଆତ୍ମ ବିଶ୍ୱାସ ସୃଷ୍ଟି କରିଛି ।

ପ୍ରିୟ, ପାଠକଗଣ
ଆପଣମାନେ ପୂର୍ବପରି ସ୍ନେହ ଓ ବିଶ୍ୱାସର ସହିତ ନିଜର ମତାମତ ଦେଇଚାଲନ୍ତୁ ।

ଠିକଣା: ବ୍ୟୁରୋ ଅଫ ଆଉଟ୍‌ରିଚ୍ କମ୍ୟୁନିକେସନ
ଦ୍ୱିତୀୟ ମହଲା, ସୂଚନାଭବନ
ନୂଆଦିଲ୍ଲୀ -୧୧୦୦୦୩

Email ID: Reponce-nis@pib.gov.in

(କେ.ଏସ. ଧତୱାଲିଆ)

ଚିଠି ବାକ୍ସ

ବନ୍ଧୁଗଣ
ସର୍ବପ୍ରଥମେ ଏଭଳି ଏକ ଚମତ୍କାର ପତ୍ରିକା ପ୍ରକାଶ ପାଇଁ ମୁଁ ଶୁଭେଚ୍ଛା ଜଣାଉଛି । ଦେଶରେ ନାଗରିକ ଭାବରେ ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସକାରାତ୍ମକ ପଦକ୍ଷେପକୁ ମୁଁ ସବୁବେଳେ ସମର୍ଥନ କରେ । ଏ କ୍ଷେତ୍ରରେ ମୋ ଉପଦେଶଗୁଡିକ ହେଉଛି
1) ଦେଶର ନାଗରିକମାନଙ୍କ ପାଇଁ ଗୁରୁତ୍ୱବହନ କରୁଥିବା ଯୋଜନା ଗୁଡିକ ସମ୍ପର୍କରେ ସଂକ୍ଷେପରେ ସୂଚନା ଦିଅନ୍ତୁ ।
2) ସମାଜ ପାଇଁ କିଛି ସକରାତ୍ମକ ଏବଂ ଦୃଢ ପଦକ୍ଷେପ ନେଇଥିବା ସମାଜର ପ୍ରକୃତ ଯୋଦ୍ଧାମାନଙ୍କ ସମ୍ପର୍କରେ ସୂଚନା ଦିଅନ୍ତୁ ।
3) ଦେଶର ନ୍ୟାୟ ପ୍ରଦାନ ଓ ଶିକ୍ଷାଦାନ କ୍ଷେତ୍ରରେ ସୂଚନା ଦିଅନ୍ତୁ, କାରଣ ଏହି ଦୁଇଟି ବିଷୟ କୌଣସି ଏକ ସଂଗଠନର ଭିତ୍ତିଭୂମି।

ଧନ୍ୟବାଦ
ହିତେଶ କୁନଭାର୍ତ୍ତି
Hit7sci1@gmail.com

ମହାଶୟ
ମୁଁ ପତ୍ରିକାର ସଦ୍ୟତମ ସଂଖ୍ୟା ପଢିବା ପରେ ମୋତେ ଲାଗିଲା ସତେ ଯେପରି ଭାରତ ସରକାର ନୂଆ ଭାରତ ଗଠନ ପାଇଁ ନେଇଥିବା ପଦକ୍ଷେପ ସମୂହର ଏହା ହେଉଛି ଏକ ଦର୍ପଣ । ଏ ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ପାଇଁ ମୁଁ ଶୁଭେଚ୍ଛା ଜଣାଉଛି ।

ଆପଣଙ୍କର ବଶମ୍ବଦ
ମଧୁସୂଦନ
Academic1978cskhpku@gmail.com

ମହାଶୟ/ମହାଶୟା,
ନ୍ୟୁ ଇଣ୍ଡିଆ ସମାଚାର ପ୍ରକାଶ ପାଇବା ଦିନଠାରୁ ମୁଁ ଏହାର ଜଣେ ନିୟମିତ ପାଠକ । କିଛି ଲୋକଙ୍କ ଦ୍ୱାର ଭୟ ଓ ଗୁଜବ ସୃଷ୍ଟି ସତ୍ତ୍ୱେ ଏହି ପତ୍ରିକାର ସମ୍ବାଦ, ସାମାଜିକ କ୍ଷେତ୍ରରେ ଲୋକଙ୍କ ଆଶା ଓ ପ୍ରଗତି ପ୍ରତିଫଳିତ ହେଉଛି ।

Nayananand164@gmail.com

ମହାଶୟ/ମହାଶୟା,
ନ୍ୟୁ ଇଣ୍ଡିଆ ପତ୍ରିକାଟିରେ ସରକାରୀ ଯୋଜନା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ରହିଛି । ମୁଁ ଦେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ନ୍ୟୁ ଇଣ୍ଡିଆ ସମାଚାରର ଗ୍ରାହକ ହେବାକୁ ଚାହେଁ । ଦୟାକରି ଏହି ପତ୍ରିକା ପାଇବାର ପଦ୍ଧତି ଜଣାଇବେ ।

ଧନ୍ୟବାଦ
ପି. ଶାନ୍ତି
pshanthir@gmail.com

ମାନନୀୟ ମହାଶୟ,

ନ୍ୟୁ ଇଣ୍ଡିଆ ସମାଚାର ପ୍ରତିକା ପ୍ରକାଶ ପାଇଁ ମୁଁ ସର୍ବପ୍ରଥମେ ଶୁଭେଚ୍ଛା ଜଣାଉଛି । ଡିସେମ୍ବର ମାସର ସଂସ୍କରଣକୁ ଅନଲାଇନରେ ପଢିବା ପରେ ଏଥିରେ ରହିଥିବା ତଥ୍ୟଗୁଡିକ ମୋତେ ଆଶ୍ଚର୍ଯ୍ୟ କରିଦେଲା । ଦୟାକରି ପତ୍ରିକାର ଇଂରାଜୀ ଏବଂ ବଙ୍ଗଳା ସଂସ୍କରଣ ମୋ ଇମେଲକୁ ନିୟମିତ ପଠାନ୍ତୁ । ମୁଦ୍ରିତ ପତ୍ରିକା ମିଳୁଛି କି ନାହିଁ, ଜଣାଇବାକୁ ଅନୁରୋଧ ।

ଧନ୍ୟବାଦ
ସୁମିତ ମହାତ
sumitmahata14@gmail.com

ମହାଶୟ,
ପତ୍ରିକାର ଭିତର ମଲାଟ ପୃଷ୍ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କବିତା ଆମକୁ ଉଲ୍ଲସିତ କରିଦେଲା । ସେହିପରି ୱିଲିୟମ ୱାର୍ଡସ ୱେର୍ଥ୍ଙ୍କ କବିତାର ଚମତ୍କାର ବର୍ଣ୍ଣନା ପ୍ରକୃତିର ସୁନ୍ଦର ରୂପକୁ ମନେ ପକାଇଦେଲା । ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ପଥ ବର୍ତ୍ତମାନ ଅନୁସରଣ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ କବିତା ଲେଖିଛନ୍ତି, ଦୟାକରି ତାଙ୍କର ଅଧିକ କବିତା ପ୍ରକାଶ କରନ୍ତୁ ।

ଧନ୍ୟବାଦ
ଡକ୍ଟର ସତୀଶ କୁମାର ଇଦାଗୀ
Department of Journalism And Mass Communication
Rani Cahannamma Univeristy, Belagavi(Karnataka)
Satishitagi10@gmail.com

ଯୁଦ୍ଧ କ୍ଷେତ୍ରରେ ସୈନିକମାନଙ୍କ ଜୀବନ ରକ୍ଷା ପାଇଁ ରିମୋଟ ପରିଚାଳିତ ଯାନ ଏବଂ ମାଇନ ଚିହ୍ନଟ ଯନ୍ତ୍ର

ଲ୍ୟାଣ୍ଡମାଇନଗୁଡିକ ନିରାପତ୍ତା ରକ୍ଷୀ ଏବଂ ସାଧାରଣ ଲୋକଙ୍କ ଜୀବନ ପ୍ରତି ସର୍ବାଧିକ ବିପଦ ସୃଷ୍ଟି କରିଥାଏ। ଏ କ୍ଷେତ୍ରରେ ବିପଦର ସମ୍ଭାବନାକୁ କମାଇବା ପାଇଁ ପୁଣେ ସ୍ଥିତ ମିଲିଟାରୀ ଇଞ୍ଜିନିୟରିଂ କଲେଜର କ୍ୟାପଟେନ ରାଜ ପ୍ରସାଦ ସାପରସ୍କାଉଟ୍ ନାମକ ଏକ ମାନବ ବିହୀନ ମାଇନ୍ ଅନୁସନ୍ଧାନକାରୀ ଭୂମି ଉପରେ ଚାଲୁଥିବା ଯାନ ନିର୍ମାଣ କରିଛନ୍ତି । ଏହି ଯାନଟି ମାଇନ ଥିବା କ୍ଷେତ୍ରରେ ଟୁପର ନିରାପଦ ଯାତ୍ରା ପାଇଁ ପୋତାଯାଇଥିବା ମାଇନଗୁଡିକୁ ଠାବ କରିବା ସହ ସେହି ସ୍ଥାନଗୁଡିକୁ ଚିହ୍ନିତ କରିପାରିବ। ଏହାକୁ ରିମୋଟ ଦ୍ୱାରା ପରିଚାଳନା କରାଯିବ। ଶ୍ରୀ ପ୍ରସାଦ ମଧ୍ୟ ରିମୋଟ ଦ୍ୱାରା ପରିଚାଳିତ ହେଉଥିବା ଏକ ଏକ୍ସପ୍ଲୋଡର ନାମକ ଯାନ ଉନ୍ନତିକରଣ କରିଛନ୍ତି। ବ୍ୟାକ୍‌ପ୍ୟାକ୍ ଆକାରର ଅଳ୍ପ ଓଜନ ବିଶିଷ୍ଟ ଏହି ଯାନଟି ମାଟିରେ ପୋତାଯାଇଥିବା ବିସ୍ଫୋଟକ ପଦାର୍ଥଗୁଡିକୁ ନିରାପଦ ଦୂରତାରେ ଥାଇ ରିମୋର୍ଟ ମାଧ୍ୟମରେ ନଷ୍ଟ କରିଦେଇପାରିବ। ଏହି ଦୁଇଟିର ବର୍ତ୍ତମାନ ପରୀକ୍ଷା କରାଯାଉଛି । ଏହାର ସଫଳତା ମିଳିବା ପରେ ଏହାକୁ ସ୍ଥଳସେନା ବାହିନୀରେ ସାମିଲ କରାଯିବ ।

ଷ୍ଟାର୍ଟ ଅପ ଇଣ୍ଡିଆ ପାଇଁ ହଜାର କୋଟିର ମୂଳପାଣ୍ଠି

ଦେଶରେ ଷ୍ଟାର୍ଟ ଅପ୍ ଇକୋ ସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଷ୍ଟାର୍ଟଅପ ମୂଳପାଣ୍ଠି ଯୋଗାଇ ଦେବାକୁ ଗତ ଜାନୁୟାରୀ 16 ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି ।
ପ୍ରାରମ୍ଭ-ଷ୍ଟାର୍ଟଅପ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସମ୍ମିଳନୀ' ସମୟରେ ଷ୍ଟାର୍ଟଅପ ଇଣ୍ଡିଆ ପାଇଁ ମୂଳପାଣ୍ଠି ହଜାର କୋଟି ଟଙ୍କା ଯୋଗାଇ ଦିଆଯିବା ଘୋଷଣା କରି ଏ କ୍ଷେତ୍ରରେ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ସେ କହିଛନ୍ତି । ଗ୍ୟାରେଂଟର ମାନଙ୍କ ମାଧ୍ୟମରେ ସରକାର ଷ୍ଟାର୍ଟଅପ ପାଇଁ ପାଣ୍ଠି ବୃଦ୍ଧିରେ ସହାୟତା କରିବେ ।

#startupindia

'ଯୁବଗୋଷ୍ଠୀମାନଙ୍କର, ଯୁବଗୋଷ୍ଠୀମାନଙ୍କ ଦ୍ୱାରା ଏବଂ ଯୁବଗୋଷ୍ଠୀମାନଙ୍କ ପାଇଁ' ମନ୍ତ୍ରକୁ ଭିତ୍ତିକରି ଭାରତ ଷ୍ଟାର୍ଟଅପ ଇକୋସିଷ୍ଟମ ଦିଗରେ ଆଗେଇ ଚାଲିଛି । ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ତା 6 ବର୍ଷ ପାଇଁ ଆମକୁ ଲକ୍ଷ୍ୟ ସ୍ଥିର କରିବାକୁ ପଡିବ । ଏହି ଲକ୍ଷ୍ୟ ହିଁ ଆମର ଷ୍ଟାର୍ଟଅପ । ଭବିଷ୍ୟତ ବିଶ୍ୱର ବୈଷୟିକ ଜ୍ଞାନ କୌଶଳକୁ ନେତୃତ୍ୱ ଦେବା ପାଇଁ ଏହା ନିତାନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନଗଦ ବିହୀନ ଦେଣନେଣ ପାଇଁ ବୁଲାବିକାଳୀଙ୍କୁ ତାଲିମ

ବୁଲା ବିକାଳୀମାନଙ୍କୁ ନଗଦ ବିହୀନ ଦେଣନେଣ ପାଇଁ ପ୍ରଧାନମନ୍ତ୍ରୀ ଏସ.ଭି.ଏ ନିଧି ଅଧୀନରେ ତାଲିମ ଦେବା ଅଭିଯାନ ଆରମ୍ଭ ହୋଇଛି । ଏହି ଦେଶବ୍ୟାପୀ ଅଭିଯାନ ଚଳିତବର୍ଷ ଜାନୁୟାରୀ 4ତାରିଖରୁ 22ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ବୁଲା ବିକାଳିମାନଙ୍କୁ ଏହି ବ୍ୟବସ୍ଥାର ଉପକାରିତା ସମ୍ପର୍କରେ ବୁଝାଇ ଦିଆଯାଇଥିଲା । ଏହି ବ୍ୟବସ୍ଥାରେ ଆର୍ଥିକ ଦେଣନେଣ କରିଲେ ମାସକୁ ପ୍ରୋତ୍ସାହନ ରାଶିଭାବରେ 100ଟଙ୍କା ଫେରସ୍ତ ମିଳିବ । ବହୁଳ ଭାବରେ ନଗଦ ବିହୀନ ଦେଣନେଣ କରୁଥିବା ବ୍ୟବସାୟୀଙ୍କୁ ବ୍ୟାଙ୍କଗୁଡିକ ସହଜରେ ଋଣ ଦେବେ ବୋଲି ବିଭିନ୍ନ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଯୋଜନାରେ ବୁଲାବିକାଳୀଙ୍କୁ 10ହଜାର ପର୍ଯ୍ୟନ୍ତ ଟଙ୍କାର ଋଣ ଚଳନ୍ତି ପୁଞ୍ଜିଭାବରେ ଏହି ଯୋଜନା ଅଧୀନରେ ଦିଆଯିବ ଏବଂ ଏଥିରେ 50ଲକ୍ଷ ବୁଲା ବିକାଳୀ ଲାଭବାନ ହେବେ ବୋଲି ଲକ୍ଷ୍ୟ ରଖାଯାଇଛି । ଏହି କେନ୍ଦ୍ରୀୟ ଯୋଜନାରେ ସୁଧ, ରିହାତି ଏବଂ କ୍ୟାସବ୍ୟାକ୍ ଦୋକାନୀମାନଙ୍କ ଆକାଉଂଟକୁ ଆସିଯିବ ବୋଲି ଇଣ୍ଡିଆନ ବ୍ୟାଙ୍କ ପ୍ରକାଶ କରିଛି। ଏ ସମ୍ପର୍କରେ ଅଧିକ ଜାଣିବାକୁ ସ୍ଥାନୀୟ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

ଦେଶରେ ପ୍ରଥମ କରି ଖଦୀ ଗ୍ରାମୋଦ୍ୟୋଗ କମିଶନ ଗୋବର- ପ୍ରସ୍ତୁତ ପରିବେଶ ଅନୁକୂଳ ରଙ୍ଗ ବଜାରକୁ ଛାଡିଲା

ଖଦୀ ଏବଂ ଗ୍ରାମୋଦ୍ୟୋଗ କମିଶନ 'ଖଦୀ ପ୍ରାକୃତିକ ରଙ୍ଗ' (paint) ବଜାରକୁ ଛାଡିଛି । ଗୋବରରୁ ପ୍ରସ୍ତୁତ ପରିବେଶ ଅନୁକୂଳ ଏହି ରଙ୍ଗ ଦେଶରେ ପ୍ରଥମକରି ପ୍ରସ୍ତୁତ ହୋଇଛି । ଏ କ୍ଷେତ୍ରରେ ଏହା ଏକ ନୂଆ ଉଦ୍ଭାବନ। ଏହା ବିଷାକ୍ତ ପଦାର୍ଥ ବିହୀନ, ଫିମ୍ପି ଏବଂ ଜୀବାଣୁ ନିରୋଧକ ଗୁଣ ସମ୍ପନ୍ନ । ଏହି ରଙ୍ଗ ସୀସା, ପାରଦ, କ୍ରୋମିୟମ, ଶଙ୍ଖୁଆବିଷ, କାଡମିୟମ ଭଳି ଗୁରୁଧାତୁ ବିହୀନ । ଏହି ଗନ୍ଧହୀନ ରଙ୍ଗକୁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ ପ୍ରମାଣିତ କରିଛି। ଡିସ୍‌ଟେମ୍ପର ଏବଂ ପ୍ଲାଷ୍ଟିକ ଇମଲସନ ଭାବରେ ଦୁଇପ୍ରକାରର ଖଦୀ ପ୍ରାକୃତିକ ରଙ୍ଗ ମିଳୁଛି ।

ଡିସ୍‌ଟେମ୍ପର ଲିଟର ପ୍ରତି 120ଟଙ୍କା ଏବଂ ଇମଲସନ ଲିଟର ପ୍ରତି 225ଟଙ୍କା ଦରରେ ବିକ୍ରି ହେଉଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ ନିଯୁକ୍ତ

ଗୁଜରାଟ ସ୍ଥିତ ଶ୍ରୀ ସୋମନାଥ ଟ୍ରଷ୍ଟର ପରବର୍ତ୍ତୀ ଅଧ୍ୟକ୍ଷ ଭାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ହୋଇଛନ୍ତି। ଟ୍ରଷ୍ଟ ପ୍ରଧାନମନ୍ତ୍ରୀଙ୍କୁ ଆସନ୍ତା ସମୟରେ ଦିଗ୍‌ଦର୍ଶନ ଦେବା ପାଇଁ ମନୋନୟନ କରିଛି । ଗତ 2020 ଅକ୍ଟୋବର ମାସରେ କେସୁଭାଇ ପଟେଲଙ୍କ ଦେହାନ୍ତ ପରେ ଏହି ପଦବୀଟି ଶୂନ୍ୟ ଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରି କହିଛନ୍ତି ଯେ, ଭିତ୍ତିଭୂମି ଗଠନ, ଦର୍ଶନାର୍ଥୀଙ୍କୁ ଆଶ୍ରୟ ଦେବା ଓ ମନୋରଞ୍ଜନ ଆଦି କ୍ଷେତ୍ରରେ ଦେଶରେ ଏହି ଐତିହ୍ୟ ସ୍ଥଳୀ ସହିତ ତୀର୍ଥଯାତ୍ରୀଙ୍କ ସଂଯୋଗ ସ୍ଥାପନ ଆଦିରେ ଟ୍ରଷ୍ଟ ଏଣିକି ଆହୁରି ଉତ୍ତମ ସେବା ଯୋଗାଇବ । ଶ୍ରୀ ସୋମନାଥ ଟ୍ରଷ୍ଟର ମୁଖ୍ୟ ତଥା ଚେୟାରମ୍ୟାନ ପଦବୀରେ ମୋରାରଜୀ ଦେଶାଇଙ୍କ ପରେ ନରେନ୍ଦ୍ର ମୋଦୀ ହେଉଛନ୍ତି ଦ୍ୱିତୀୟ ପ୍ରଧାନମନ୍ତ୍ରୀ । ଏହି ଟ୍ରଷ୍ଟରେ 8ଜଣ ସଦସ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପୂର୍ବତନ ଉପପ୍ରଧାନମନ୍ତ୍ରୀ ଏଲ.କେ. ଆଡଭାନୀ, ହର୍ଷବର୍ଦ୍ଧନ ନିଓଟିଆ ଓ ଜେଡି ପରମାର ରହିଛନ୍ତି । ■

ଦୈନିକ 76 କିଲୋମିଟର ରାଜପଥ ନିର୍ମାଣର ରେକର୍ଡ

ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଗତ ଜାନୁୟାରୀ 8ତାରିଖ ପର୍ଯ୍ୟନ୍ତ ସରିଥିବା ସପ୍ତାହରେ 534କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରି ଏକ ରେକର୍ଡ ସୃଷ୍ଟି କରିଛି । ଏହାଫଳରେ ବର୍ତ୍ତମାନ ଦୈନିକ 76 କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଉଛି। ଚଳିତ 2020-21 ଆର୍ଥିକ ବର୍ଷର ଏପ୍ରିଲ ଠାରୁ 20921 ଜାନୁୟାରୀ 15ତାରିଖ ମଧ୍ୟରେ 8ହଜାର 169କିଲୋମିଟର ଜାତୀୟ ରାଜପଥ ନିର୍ମିତ ହୋଇଛି। ଏଥିରୁ ଜଣାଯାଇଛି ଯେ, ଦିନକୁ ହାରାହାରି 28.16 କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଉଛି। ଏହିଭଳି ଦ୍ରୁତଗତିରେ ନିର୍ମାଣ କାର୍ଯ୍ୟକୁ ନେଇ 2021ମାର୍ଚ୍ଚ 31ସୁଦ୍ଧା 11ହଜାର କିଲୋମିଟର ରାସ୍ତା ନିର୍ମାଣ ଲକ୍ଷ୍ୟ ଅତିକ୍ରମ କରାଯାଇପାରିବ ବୋଲି ମନ୍ତ୍ରଣାଳୟ ଆଶା କରୁଛି । ଗତବର୍ଷ ଏହି ସମୟ ମଧ୍ୟରେ 7ହଜାର 573 କିଲୋମିଟର ଜାତୀୟ ରାଜପଥ ନିର୍ମିତ ହୋଇଥିଲା । ଏହା ଦୈନିକ ହାରାହାରି 26.11 କିଲୋମିଟର ରାସ୍ତା ନିର୍ମାଣ ଥିଲା । ■

GoI CALENDAR APP

The application can be downloaded on Android devices from Google Play Store link
https://play.google.com/store/apps/details?id=in.gov.calendar

On iOS devices, the App can be downloaded from
https://apps.apple.com/in/app/goi-calendar/id1546365594

https://goicalendar.gov.in/

ଗୁରୁଦେବଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି

ରବୀନ୍ଦ୍ରନାଥ ଠାକୁର ବା 'ଗୁରୁଦେବ' କେବଳ ଜଣେ କବି କିମ୍ବା ଲେଖକ ନୁହନ୍ତି, ବରଂ ଜଣେ ସଙ୍ଗୀତଜ୍ଞ, ଦାର୍ଶନିକ ଓ ଚିତ୍ରକର। ତାଙ୍କର କବିତା ଓ ପଦ୍ୟାବଳୀଗୁଡ଼ିକ ଏତେ ଲୋକପ୍ରିୟ ଯେ ଦୁଇଟି ରାଷ୍ଟ୍ର-ଭାରତ ଓ ବାଂଲାଦେଶ ଏହାକୁ ସେମାନଙ୍କର ଜାତୀୟ ସଙ୍ଗୀତ ଭାବେ ଗ୍ରହଣ କରିଛନ୍ତି। ଭାରତର 'ଜନ ଗଣ ମନ' ଏବଂ ବାଂଲାଦେଶର 'ଆମାର ସୋନାର ବାଂଲା', ଉଭୟକୁ ତାଙ୍କ ସଙ୍ଗୀତରୁ ଉଦ୍ଧୃତ କରାଯାଇଛି।

ଆବିର୍ଭାବ : ମେ 7, 1861 ତିରୋଧାନ : ଅଗଷ୍ଟ 7, 1941

ରବିନ୍ଦ୍ରନାଥ ଠାକୁର 1861 ମସିହା ମେ 7 ତାରିଖରେ କୋଲକାତାର ଯୋରାସଙ୍କୋ ମାନସନରେ ବିଶିଷ୍ଟ ସମାଜ ସଂସ୍କାରକ ଦେବେନ୍ଦ୍ରନାଥ ଟାଗୋର ଏବଂ ସାରଦା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। ସେ ଜଣେ ବହୁଜ୍ଞ ବ୍ୟକ୍ତି ଥିଲେ କୃତି ଏବେସୁଦ୍ଧା ଲୋକମାନଙ୍କୁ ପ୍ରଭାବିତ କରୁଛି।

ବାଲ୍ୟକାଳରୁ ସାହିତ୍ୟ ପ୍ରତି ପ୍ରେମ

ପିଲାଟି ଦିନରୁ କଳା ଓ ସାହିତ୍ୟର ପରିବେଶ ମଧ୍ୟରେ ରହିବାର ସୁଯୋଗ ଠାକୁରଙ୍କୁ ମିଳିଥିଲା। ସେ ଏପରି ଏକ ମାହୋଲ ମଧ୍ୟରେ ବଢ଼ିଥିଲେ ଯେଉଁଠି ସାହିତ୍ୟ ପତ୍ରିକା ପ୍ରକାଶିତ ହେଉଥିଲା, ସଙ୍ଗୀତ ଗାନ କରାଯାଉଥିଲା ଏବଂ ନାଟକ ପ୍ରଦର୍ଶିତ ହେଉଥିଲା। ସେ ମାତ୍ର ଆଠ ବର୍ଷର ବାଳକ ହୋଇଥିବା ବେଳେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କୁ ଯେତେବେଳେ 16 ବର୍ଷ ହୋଇଥିଲା ସେତେବେଳକୁ ସେ ନିଜର କବିତା ସଙ୍କଳନ ଭାନୁସିଂହା ନାମରେ ପ୍ରକାଶିତ କରିସାରିଥିଲେ। ଆହୁରି ସେ ନିଜ ନାମରେ କ୍ଷୁଦ୍ର ଗଳ୍ପ ଏବଂ ନାଟକ ରଚନା ଆରମ୍ଭ କରିସାରିଥିଲେ। 1878ରେ ବାରିଷ୍ଟର ହେବାର ଲକ୍ଷ୍ୟ ନେଇ ଠାକୁର ଇଂଲଣ୍ଡ ଯାତ୍ରା କରିଥିଲେ। ତେବେ, 1880ରେ ସେ ବିନା ଡିଗ୍ରୀରେ ବଙ୍ଗକୁ ଫେରିଆସିଥିଲେ ଏବଂ ଲେଖାଲେଖି ଆରମ୍ଭ କରି ଦେଇଥିଲେ। ଏହି ସମୟ ବେଳକୁ ସେ ବଙ୍ଗଳା ଓ ୟୁରୋପୀୟ ସାହିତ୍ୟର ଉପାଦାନକୁ ମିଶାଇ ସାହିତ୍ୟ କୃତି ରଚନା ଆରମ୍ଭ କରିସାରିଥିଲେ। ଡିସେମ୍ବର 22, 1901ରେ ସେ ବ୍ରହ୍ମଚାର୍ଯ୍ୟାଶ୍ରମ ନାମରେ ଏକ ବିଦ୍ୟାଳୟ ପ୍ରତିଷ୍ଠା କଲେ ଯାହା ପରବର୍ତ୍ତୀ ସମୟରେ ଶାନ୍ତି ନିକେତନ ନାମରେ ପ୍ରସିଦ୍ଧ ହେଲା। 1921ରେ ସେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଲେ।

> ମୁଁ ଶୋଇଥିଲି ଏବଂ ସ୍ୱପ୍ନ ଦେଖିଲି ଯେ ଜୀବନ ଆନନ୍ଦମୟ ଥିଲା।
> ମୁଁ ଉଠିଲି ଏବଂ ଦେଖିଲି ଯେ ସେବା ହିଁ ଜୀବନ ଥିଲା।
> ମୁଁ କାମ କଲି ଏବଂ ଜାରି ରଖିଲି,
> ସେବା ହିଁ ଆନନ୍ଦ ଥିଲା
> -ରବୀନ୍ଦ୍ରନାଥ ଠାକୁର

ନୋବେଲ ପୁରସ୍କାର ଜିତିବାରେ ପ୍ରଥମ ଅଣ-ୟୁରୋପୀୟ

'ଗୁରୁଦେବ' ବଙ୍ଗଳା ସାହିତ୍ୟ ଓ ସଙ୍ଗୀତକୁ ନୂଆ ରୂପ ଦେଇଥିଲେ। ସେ ମଧ୍ୟ ପାଶ୍ଚାତ୍ୟରେ ଭାରତୀୟ ସମୃଦ୍ଧି ସାଂସ୍କୃତିକ ପରମ୍ପରାକୁ ପରିଚିତ କରାଇପାରିଥିଲେ। 1913ରେ ସେ ପ୍ରଥମ ଅଣ-ୟୁରୋପୀୟ ଭାବେ ସାହିତ୍ୟରେ ନୋବେଲ ପୁରସ୍କାର ହାସଲ କରିଥିଲେ। ବିଂଶ ଶତାବ୍ଦୀର ମହାନତମ କବିଙ୍କ ମଧ୍ୟରୁ ଅନ୍ୟତମ ଡବ୍ଲୁବି ୟେଟ୍ସ ସେହି ଲୋକମାନଙ୍କ ମଧ୍ୟରେ ଜଣେ ଥିଲେ ଯିଏକି ଠାକୁରଙ୍କ 'ଗୀତାଞ୍ଜଳି'ର ଉଚ୍ଚପ୍ରଶଂସା କରିଥିଲେ। ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ' ତାଙ୍କର କାବ୍ୟ 'ଭାରତ ଭାଗ୍ୟ ବିଧାତା'ରୁ ଉଦ୍ଧୃତ ହୋଇଛି। ଅନ୍ୟପକ୍ଷରେ ବାଂଲାଦେଶର ଜାତୀୟ ସଙ୍ଗୀତ 'ଆମାର ସୋନାର ବାଂଲା' ସେହି ନାମରେ ଥିବା ତାଙ୍କର ସଙ୍ଗୀତରୁ ନିଆଯାଇଛି। ଶ୍ରୀଲଙ୍କାର ଜାତୀୟ ସଙ୍ଗୀତ - 'ଶ୍ରୀଲଙ୍କା ମାତା' ଉପରେ ମଧ୍ୟ ତାଙ୍କର ପ୍ରଭାବ ରହିଛି। ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ ଆନନ୍ଦ ସମରକୁନ ଏହି ଜାତୀୟ ସଙ୍ଗୀତର ରଚନା ଓ ସ୍ୱର ସଂଯୋଜନା କରିଥିଲେ।

'ଗୁରୁଦେବ' ଏବଂ ତାଙ୍କର 'ମହାତ୍ମା'

ଠାକୁର ସେହି ସମସାମୟିକ ବିଶିଷ୍ଟ ବ୍ୟକ୍ତି ଥିଲେ ଯିଏକି 'ମହାତ୍ମା' ନାମରେ ଏମ କେ ଗାନ୍ଧୀଙ୍କୁ ସମ୍ବୋଧିତ କରିଥିଲେ। ଗାନ୍ଧୀଜୀ ମଧ୍ୟ ତାଙ୍କୁ ଗୁରୁଦେବ ନାମରେ ସମ୍ବୋଧିତ କରିଥିଲେ। ଦୁହେଁ ପରସ୍ପରକୁ ସାକ୍ଷାତ କରିବା ପୂର୍ବରୁ ଉଭୟଙ୍କ ମଧ୍ୟରେ ଆପୋସ ସମ୍ମାନବୋଧ ରହିଥିଲା। ସେମାନଙ୍କ ମଧ୍ୟରେ ବିଚାରଗତ ମତପାର୍ଥକ୍ୟ ରହିଥିବା ସମ୍ପର୍କରେ ଉଭୟ ହୃଦବୋଧ କରିବା ପରେ ମଧ୍ୟ ପରସ୍ପର ପ୍ରତି ସମ୍ମାନବୋଧ ପୂର୍ବ ଭଳି ଜାରି ରହିଥିଲା। ସେମାନେ ପରସ୍ପରର ସମାଲୋଚନାକୁ ସକାରାତ୍ମକ ଭାବେ ଗ୍ରହଣ କରିଥିଲେ।

ଭାରତର ବହୁମୁଖୀ ସାହିତ୍ୟିକ

କଳା ଓ ସାହିତ୍ୟର ଏମିତି କୌଣସି ଅଙ୍ଗ ନାହିଁ ଯାହା ଠାକୁରଙ୍କ ଠାରୁ ଅସ୍ପୃଶ୍ୟ ହୋଇ ରହିଛି। ସଙ୍ଗୀତ, କବିତା, ଉପନ୍ୟାସ, କାହାଣୀ, ନାଟକ, ମୂର୍ତ୍ତିକଳା, ଚିତ୍ରକଳା, ଏ ସମସ୍ତ କ୍ଷେତ୍ରରେ ଠାକୁରଙ୍କର ବିଶ୍ୱପ୍ରସିଦ୍ଧ କୃତି ରହିଛି। ସେ ଅନେକଗୁଡ଼ିଏ ଉପନ୍ୟାସ ରଚନା କରିଛନ୍ତି ସେଗୁଡ଼ିକ ମଧ୍ୟରୁ ପ୍ରସିଦ୍ଧ ହେଉଛି- ଗୋରା, ଘରେ-ବାଏରେ, ଶେଷେର କବିତା ଏବଂ ଯୋଗାଯୋଗ। ଏପରିକି ସେ ଇଂରାଜୀ ଭାଷାରେ ଅନେକଗୁଡ଼ିଏ ପୁସ୍ତକ ଅନୁବାଦ କରିଥିଲେ। ତାଙ୍କର ଏହି ଅନୁବାଦ ଯୋଗୁ ପାଶ୍ଚାତ୍ୟ ଜଗତରେ ତାଙ୍କର ପ୍ରସିଦ୍ଧି ଆଣି ଦେଇଥିଲା। ଗୀତାଞ୍ଜଳି ପ୍ରକାଶ ପାଇବା ପରେ ବିଶ୍ୱସ୍ତରରେ ତାଙ୍କର ପ୍ରସିଦ୍ଧି ଆହୁରି ବୃଦ୍ଧି ପାଇଲା। ସେ ପାଖାପାକି 2,230ଟି ସଙ୍ଗୀତ ରଚନା କରିଥିଲେ, ଯେଉଁଗୁଡ଼ିକ ଏବେ ରବିନ୍ଦ୍ର ସଙ୍ଗୀତ ନାମରେ ପରିଚିତ।

ବ୍ରିଟିଶଙ୍କ ବିରୋଧରେ ଅସ୍ତ୍ର ଭାବେ ସାହିତ୍ୟ କୃତିର ଉପଯୋଗ

ଭାରତର ତତ୍କାଳୀନ ଭାଇସରଏ ଲର୍ଡ କର୍ଜନ ଯେତେବେଳେ ବଙ୍ଗକୁ ଦୁଇ ଭାଗରେ ବିଭକ୍ତ କରିବାକୁ ଘୋଷଣା କଲେ, ଠାକୁର ତାଙ୍କ ସାହିତ୍ୟକୁ ଅସ୍ତ୍ର ଭାବେ ଉପଯୋଗ କରିଥିଲେ। ସେ କବିତା ଏବଂ ସାହିତ୍ୟ କୃତି ମାଧ୍ୟମରେ ବ୍ରିଟିଶ ଶାସନର ଏହି ଘୃଣ୍ୟ କାର୍ଯ୍ୟକୁ ପଦାରେ ପକାଇ ଦେଇଥିଲେ। ଜାଲିଆନାଓ୍ୱାଲାବାଗ ଗଣହତ୍ୟା ବିରୋଧରେ "ପ୍ରତୀକାତ୍ମକ ପ୍ରତିବାଦ ସ୍ୱରୂପ" ସେ ବ୍ରିଟିଶ ନାଇଟହୁଡ ଉପାଧିକୁ ଫେରାଇ ଦେଇଥିଲେ।

ବିଶ୍ୱ-ଭାରତୀ ବିଶ୍ୱବିଦ୍ୟାଳୟର ଶତବାର୍ଷିକୀ ସମାରୋହ ପାଳିଲା ଭାରତ

ଭାରତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଶତାବାର୍ଷିକୀ ପାଳନ କରିବା ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠାକୁରଙ୍କ ସ୍ମରଣ କରି କହିଥିଲେ, "ବେଦରୁ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ପ୍ରବାହିତ ହୋଇଥିବା ଭାରତୀୟ ବିଚାରଧାରା ମଧ୍ୟ ଗୁରୁଦେବଙ୍କ ଜାତୀୟତାବାଦରେ ପ୍ରକଟିତ ହୋଇଥିଲା। ଏହି ଧାରା କେବଳ ଅନ୍ତର୍ବାହୀ ନଥିଲା; ଏହା ଭାରତକୁ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ଠାରୁ ପୃଥକ କରିବାକୁ ଉଦ୍ଦିଷ୍ଟ ନଥିଲା। ତାଙ୍କର ବିଚାର ଥିଲା, ଭାରତରେ ଯାହା ଶ୍ରେଷ୍ଠ ସେଥିରୁ ବିଶ୍ୱ ଉପକୃତ ହେଉ ଏବଂ ବିଶ୍ୱରେ ଥିବା ସବୁ ଭଲ କଥା ଭାରତ ଶିକ୍ଷାଲାଭ କରୁ।

ନୂତନ ଭାରତ



"ବଜେଟ ଦେଶର ପ୍ରତି କ୍ଷେତ୍ର ସଂପର୍କରେ ସୂଚୀତ କରେ, ଅର୍ଥାତ୍, ସାମଗ୍ରିକ ବିକାଶ କଥା କହେ । ବିଶେଷ କରି ମୁଁ ଏଥିପାଇଁ ଖୁସି ଯେ ଏହି ବଜେଟରେ ଦକ୍ଷିଣ, ଉତ୍ତର-ପୂର୍ବାଞ୍ଚଳ ଏବଂ ଉତ୍ତର କ୍ଷେତ୍ରର ଲେହ – ଲଦାଖର ବିକାଶ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି । ବଜେଟରେ ତଟୀୟ ରାଜ୍ୟ ଯଥା ତାମିଲ ନାଡୁ, କେରଳ ଓ ପଶ୍ଚିମ ବଙ୍ଗ ଭଳି ରାଜ୍ୟକୁ ବ୍ୟବସାୟିକ ଶକ୍ତିକେନ୍ଦ୍ରରେ ପରିଣତ କରିବା ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ଆସାମ ଭଳି ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଏପର୍ଯ୍ୟନ୍ତ ଅନାବିଷ୍କୃତ ସାମର୍ଥ୍ୟକୁ ଉପଯୋଗ କରିବା ଦିଗରେ ମଧ୍ୟ ଏହି ବଜେଟ ସହାୟକ ହେବ ।"

-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ପାଇଁ ବଜେଟ

2021-22 ବର୍ଷର ସାଧାରଣ ବଜେଟରେ ସମାଜର ପ୍ରତ୍ୟେକ ବର୍ଗଙ୍କ ନିମନ୍ତେ କିଛି ନା କିଛି ସୁବିଧା ରହିଛି । ଏହି ବଜେଟ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବ । ଏଥିରେ ସରକାରଙ୍କ ଦୀର୍ଘକାଳୀନ ଯୋଜନା ପ୍ରତିଫଳିତ ହୋଇଛି। ଦେଶକୁ ଆତ୍ମ ନିର୍ଭରଶୀଳ କରିବା ନିମନ୍ତେ ଆତ୍ମବିଶ୍ୱାସ ଯୋଗାଇବା ଦିଗରେ ଏହି ବଜେଟ ଏକ ପ୍ରତିଷେଧକ ଟିକା ରୂପେ କାର୍ଯ୍ୟ କରିବ ।

ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏହି ବଜେଟରେ ସର୍ବକାଳୀନ ସର୍ବାଧିକ ନିବେଶ ନିମନ୍ତେ ଘୋଷଣା କରାଯାଇଛି ଯାହାକି ଆତ୍ମନିର୍ଭରତା ନିମନ୍ତେ ପଥ ଉନ୍ମୁକ୍ତ କରିବ ।

ଏହା ଏପରି ଏକ ବଜେଟ ଯେଉଁଥିରେ ଆଶା ଓ ଆତ୍ମବିଶ୍ୱାସ ରହିଛି ଏବଂ ଦେଶର ସମସ୍ତ ବର୍ଗଙ୍କୁ ସାମିଲ କରାଯାଇଛି । ଏହି ବଜେଟ ଭାରତକୁ ଆତ୍ମବିଶ୍ୱାସ ଭରା ଏବଂ ଆତ୍ମନିର୍ଭୀଶୀଳ କରିବା ନିମନ୍ତେ ଏକ ବ୍ଲୁପ୍ରିଣ୍ଟ ବୋଲି କୁହାଯାଇପାରେ । ଏହି ବଜେଟରେ ଘୋଷଣା କରାଯାଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ ପ୍ରଥମେ ରାଷ୍ଟ୍ରର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହିତ କୃଷକମାନଙ୍କ ଉପାର୍ଜନ ଦ୍ୱିଗୁଣିତ କରାଯିବା, ସୁଦୃଢ଼ ଭିତ୍ତିଭୂମି, ସୁସ୍ଥ ଭାରତ, ସୁଶାସନ ଯୁବକମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି, ସମସ୍ତଙ୍କ ପାଇଁ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ସମାବେଶୀ ବିକାଶର ସୁଯୋଗ ତଥା ଅନ୍ୟାନ୍ୟ ପ୍ରସଙ୍ଗ ଭରପୂର ରହିଛି ।

ନୂତନ ଦଶନ୍ଧିର ଏହା ହେଉଛି ପ୍ରଥମ ବଜେଟ ଯାହାକୁ ଏଥିପାଇଁ ଐତିହାସିକ ବୋଲି ବିବେଚନା କରାଯାଉଛି କାରଣ ଏହା ହେଉଛି ଦେଶର ପ୍ରଥମ ଡିଜିଟାଲ ବଜେଟ । ରାଜସ୍ୱ ସଂଗ୍ରହ ନିମନ୍ତେ ଏହି ବଜେଟରେ ସରକାର ସାଧାରଣ ଲୋକଙ୍କ ଉପରେ କୌଣସି ପ୍ରକାର ଟିକସ ବୋଝ ଲଦି ନାହାନ୍ତି । ବରଂ ଏହା ରଣନୀତିକ ବିନିବେଶ ପାଇଁ ସିଦ୍ଧାନ୍ତ ଗ୍ରହଣ କରିଛି ଏବଂ ରାଜସ୍ୱ ସମ୍ବଳ ସଂଗ୍ରହର ଅନ୍ୟାନ୍ୟ ମାର୍ଗ ଆପଣାଇଛି । ଦେଶର ଅର୍ଥବ୍ୟବସ୍ଥା ଉପରେ କରୋନା ମହାମାରୀ ବ୍ୟାପକ କୁପ୍ରଭାବ ପକାଇଥିବା ଦୃଷ୍ଟିରୁ ଏହା କରିବା ସରକାରଙ୍କ ସକାଶେ ମଧ୍ୟ ଏକ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା । ସରକାର ତାଙ୍କର ଦୀର୍ଘକାଳୀନ ଯୋଜନା ଏବଂ ଜନଭାଗୀଦାରି ସହିତ ଏଭଳି ସଂକଟକୁ ସୁଯୋଗରେ ପରିଣତ କରିପାରିଛନ୍ତି । 'ସବକା ସାଥ, ସବକା ବିକାଶ' ମନ୍ତ୍ରକୁ ଆପଣାଇ ଏହି ବଜେଟ ପ୍ରସ୍ତାବକୁ ମୁଖ୍ୟତଃ ଛଅଟି ସ୍ତମ୍ଭ ଉପରେ ଉପସ୍ଥାପନ କରାଯାଇଛି ।

ସେଗୁଡ଼ିକ ହେଲା, ସ୍ୱାସ୍ଥ୍ୟ ଓ ନିରାମୟତା; ବାସ୍ତବ ଓ ଆର୍ଥିକ ପୁଞ୍ଜି ଓ ଭିତ୍ତିଭୂମି, ଆକାଂକ୍ଷୀ ଭାରତ ନିମନ୍ତେ ସମାବେଶୀ ବିକାଶ; ମାନବ ପୁଂଜିର ପୁନର୍ଜାଗରଣ; ଅଭିନବତା ଏବଂ ଗବେଷଣା ଓ ବିକାଶ; ଏବଂ ସର୍ବନିମ୍ନ ସରକାର ଓ ସର୍ବାଧିକ ସୁଶାସନ ।

ସ୍ୱାସ୍ଥ୍ୟ ଓ ନିରାମୟତା

ଏହା କହିବା ଅତ୍ୟୁକ୍ତି ହେବନାହିଁ ଯେ ଏହି ବଜେଟ ଦେଶରେ ଏକ ସ୍ୱାସ୍ଥ୍ୟ ବିପ୍ଳବ ଆଣିବ

ପ୍ରଥମ ଥର ପାଇଁ ଡିଜିଟାଲ ବଜେଟ- କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂତନ ଦଶନ୍ଧିର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି ଏବଂ ତାହା ପୁଣି ଡିଜିଟାଲ ବଜେଟ ଭାବେ ଉପସ୍ଥାପନ କରାଯାଇଛି । କୋଭିଡ୍ 19 ସଂକଟ ପୃଷ୍ଠଭୂମିରେ ତାହା ଉପସ୍ଥାପନ କରାଯାଇଛି । ଚଳିତଥର କୌଣସି ଛାପା ବଜେଟ ପୁସ୍ତକ ପ୍ରସ୍ତୁତ କରାଯାଇନାହିଁ ।

ଯାହା ମାଧ୍ୟମରେ ଜନସାଧାରଣଙ୍କ ସମସ୍ତ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ ହୋଇପାରିବ । 2021-22 ବର୍ଷର ବଜେଟରେ ସ୍ୱାସ୍ଥ୍ୟ ଏବଂ ନିରାମୟ କ୍ଷେତ୍ରରେ 137 ପ୍ରତିଶତ ନିବେଶ ବୃଦ୍ଧି କରାଯାଇଛି । ଏହି ଅର୍ଥ ପରିଣାମ କେବଳ ଲୋକମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ଅପରନ୍ତୁ ଏହା ଦେଶର ପ୍ରାଥମିକ, ସେକେଣ୍ଡାରୀ ଏବଂ ଟର୍ସିଆରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିପାରିବ । ଏହା ଦ୍ୱାରା ବର୍ତ୍ତମାନ ସକ୍ରିୟ ଥିବା ଜାତୀୟ ଅନୁଷ୍ଠାନମାନ ସୁଦୃଢ଼ ହେବ ଏବଂ ନୂତନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନମାନ ସୃଷ୍ଟି କରାଯିବ ଯାହା ଫଳରେ ନୂତନ ତଥା ଆକସ୍ମିକ ଭାବେ ଦେଖା ଦେଉଥିବା ରୋଗର ଚିହ୍ନଟ ଏବଂ ଚିକିତ୍ସା ସୁବିଧା ମଧ୍ୟ କରାଯାଇପାରିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା' ନିମନ୍ତେ 6 ବର୍ଷ ପାଇଁ 64,180 କୋଟି ଟଙ୍କାର ପୁଂଜି ପ୍ରାବଧାନ କରାଯାଇଛି। ପୌଷ୍ଟିକ ସାଧନ, ସନ୍ତାନ ପ୍ରସବ, ଆଉଟରିଚ୍ ଏବଂ ଏହାର ପରିଣାମକୁ ସୁଦୃଢ଼ କରିବା ନିମନ୍ତେ ସରକାର ପୋଷଣ ଅଭିଯାନ 2.0 ଆରମ୍ଭ କରିବେ ।

ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ

ଯେକୌଣସି ପ୍ରକାର ବିକାଶ ନିମନ୍ତେ ଭିତ୍ତିଭୂମି ହେଉଛି ତାହାର ମୂଳ ଆଧାର । ଏହି ସତ୍ୟକୁ ଉପଲବ୍ଧ କରି ସରକାର ଭିତ୍ତିଭୂମି ବିକାଶ ଉପରେ 2014 ମସିହା ଠାରୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି



ଏବଂ 2021-22 ଆର୍ଥିକ ବର୍ଷର ବଜେଟ ଏହାର ବ୍ୟତୀକ୍ରମ ନୁହେଁ। ସରକାର ଏଥିରେ ସଡ଼କ ଭିତ୍ତିଭୂମିର ବିକାଶ ସକାଶେ 1.18 ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି । ଆର୍ଥିକ କରିଡୋର ନିର୍ମାଣ ପାଇଁ ମଧ୍ୟ ଯୋଜନା କରାଯାଉଛି ଯଦ୍ୱାରା ତାମିଲ ନାଡୁ, କେରଳ, ପଶ୍ଚିମ ବଙ୍ଗ ଓ ଆସାମ ତଥା ଅନ୍ୟାନ୍ୟ ରାଜ୍ୟର ସଡ଼କି ଭିତ୍ତିଭୂମିକୁ ଆହୁରି ଅଧିକ ଉନ୍ନତ କରାଯାଇପାରିବ । ଜାତୀୟ ଭିତ୍ତିଭୂମି ପାଇପଲାଇନ (ଏନଆଇପି)କୁ ଏବେ 7,400ଟି ପ୍ରକଳ୍ପକୁ ସଂପ୍ରସାରିତ କରାଯାଇଛି ।

ଯାତ୍ରାକୁ ଦ୍ରୁତତର ଏବଂ ସହଜସାଧ କରିବା ନିମନ୍ତେ, ଭାରତୀୟ

> "ଦେଶର କୃଷି କ୍ଷେତ୍ର, ଆମର କୃଷକ, ଆମର ଗ୍ରାମଗୁଡ଼ିକ ହେଉଛନ୍ତି ଆତ୍ମନିର୍ଭର ଭାରତର ଆଧାର, ଏକ ଆତ୍ମବିଶ୍ୱାସପୂର୍ଣ୍ଣ ଭାରତ । ଯଦି ସେମାନେ ସୁଦୃଢ଼ ରହିବେ ତେବେ ଆତ୍ମନିର୍ଭର ଭାରତ ମଧ୍ୟ ମଜବୁତ ହୋଇପାରିବ ।"
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

> **କରୋନା ବିରୁଦ୍ଧରେ ଭାରତ ସଦାବେଳେ ପ୍ରତିକ୍ରିୟାଶୀଳ ହେବା ପରିବର୍ତ୍ତେ ସକାରାତ୍ମକ ମନୋଭାବ ଓ କାର୍ଯ୍ୟପନ୍ଥା ପ୍ରଦର୍ଶନ କରିଆସିଛି । ତାହା କରୋନା ଅବଧିରେ ଗ୍ରହଣ କରାଯାଇଥିବା ସଂସ୍କାର ବ୍ୟବସ୍ଥା ହୋଇଥାଉ ଅବା ଆତ୍ମନିର୍ଭର ଭାରତ ପ୍ରତିବଦ୍ଧତା ଘୋଷଣା । ଏହି ସକାରାତ୍ମକ ମନୋଭାବକୁ ଆଗକୁ ଆଗେଇ ନେବା ସକାଶେ ଆଜିର ବଜେଟରେ କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।**
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ରେଳବାଇ ଭାରତ ପାଇଁ ଜାତୀୟ ରେଳ ଯୋଜନା- 2030 ପ୍ରସ୍ତୁତ କରାଯାଇଛି । 2030ମସିହା ସୁଦ୍ଧା 'ଭବିଷ୍ୟତର ଆବଶ୍ୟକତା ମୁକାବିଲାକ୍ଷମ' ଏକ ଯୋଜନା ପ୍ରସ୍ତୁତ ହୋଇଛି । ଆଗାମୀ ବର୍ଷ ବଜେଟରେ ରେଳବାଇ ନିମନ୍ତେ ରେକର୍ଡ଼ 1,10,055 କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଛି ଯେଉଁଥିରୁ 1,07,100 କୋଟି ଟଙ୍କାର କ୍ୟାପିଟାଲ ପୁଂଜି ବ୍ୟୟ କରାଯିବ । ଛୋଟ ଛୋଟ ସହରମାନଙ୍କରେ ମେଟ୍ରୋ ରେଳସେବା ଆରମ୍ଭ କରାଯିବ ।

ସବୁଜ ଶକ୍ତି ଉପରେ ଅଧିକ ଧ୍ୟାନ ଦିଆଯିବ । ଏହାର ଲକ୍ଷ୍ୟ ହେଉଛି ଆଗାମୀ ତିନି ବର୍ଷ ମଧ୍ୟରେ 100ଟିରୁ ଅଧିକ ସହରକୁ ପାଇପ ଯୋଗେ ବାଷ୍ପ ଯୋଗାଣ । ଏଥି ସହିତ, 2021-22 ଆର୍ଥିକ ବର୍ଷରେ ଏକ ବ୍ୟାପକ 'ହାଇଡ୍ରେଜେନ୍ ଶକ୍ତି ମିଶନ'ର ଶୁଭାରମ୍ଭ କରାଯିବ ।

ଭାରତକୁ ଏକ 5 ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବା ସକାଶେ ଦେଶର ଉତ୍ପାଦନ କ୍ଷେତ୍ରକୁ ନିରବଚ୍ଛିନ୍ନ ଭାବେ ଦୁଇ ଅଙ୍କରେ ପରିଣତ କରିବାକୁ ପଡ଼ିବ । ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ, ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ 13ଟି କ୍ଷେତ୍ର ସକାଶେ ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନା ଘୋଷଣା କରିଛନ୍ତି ।

ଏହା ଏକ ଆତ୍ମନିର୍ଭର ଭାରତ ନିର୍ମାଣ ସହିତ ଦେଶକୁ ବୈଶ୍ୱିକ ସ୍ତରରେ ଏକ ଉତ୍ପାଦନ ପେଣ୍ଠସ୍ଥଳୀରେ ପରିଣତ କରାଯାଇପାରିବ। ଏଥିପାଇଁ ସରକାର ଆଗାମୀ 5 ବର୍ଷ ଭିତରେ 1.97 ଲକ୍ଷ କୋଟି ଟଙ୍କା ନିବେଶ ସକାଶେ ପ୍ରତିବଦ୍ଧତା ପ୍ରକଟ କରିଛନ୍ତି ।

ଗ୍ରାମ, କୃଷକ ଓ ଶ୍ରମିକମାନଙ୍କ ସକାଶେ ସମାବେଶୀ ବିକାଶ

କୃଷକ, ଶ୍ରମିକ, ଗ୍ରାମାଞ୍ଚଳ ଭାରତ, କୃଷି ଏବଂ ତତ୍ ସଂକ୍ରାନ୍ତ କାର୍ଯ୍ୟକଳାପ ସଂପର୍କରେ ଏହି ବଜେଟରେ ବିଶେଷ ଭାବେ ଉଲ୍ଲେଖ ରହିଛି । କୃଷି କ୍ଷେତ୍ରର ସମାବେଶୀ ବିକାଶକୁ ସୁନିଶ୍ଚିତ କରିବା ନିମନ୍ତେ 2022 ଆର୍ଥିକ ବର୍ଷରେ କୃଷି ଋଣ ଟାର୍ଗେଟକୁ 16.5 ଲକ୍ଷ କୋଟିକୁ ବଢ଼ାଇ ଦିଆଯାଇଛି ।ଏଥିରେ ଗୋପ୍ରଜନନ, ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟଚାଷକୁ ଋଣ ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । କୃଷକମାନଙ୍କୁ ସହଜରେ ଋଣ ଯୋଗାଣ ଏବଂ ବଜାର ସୁଦୃଢ଼ୀକରଣ ଉପରେ ମଧ୍ୟ ପ୍ରାଧାନ୍ୟ ଆରୋପ କରାଯାଇଛି । ବଜେଟରେ ଦେଶର 1000ରୁ ଅଧିକ ମଣ୍ଡିକୁ ଇ-ନାମ ବ୍ୟବସ୍ଥା ସହିତ ସମନ୍ୱିତ କରିବା ନିମନ୍ତେ ପ୍ରସ୍ତାବ ରହିଛି ଯଦ୍ୱାରା ଏଥିରେ ସ୍ୱଚ୍ଛତା ଏବଂ ପ୍ରତିଯୋଗୀତାମୂଳକ ମନୋଭାବ ଜାଗ୍ରତ ହୋଇପାରିବ। ଦେଶର ସମସ୍ତ ରାଜ୍ୟଙ୍କୁ 'ସ୍ୱାମୀତ୍ୱ' ଯୋଜନାକୁ ସଂପ୍ରସାରଣ କରାଯିବା ନିମନ୍ତେ ସରକାର ସ୍ଥିର କରିଛନ୍ତି ।

ପ୍ରବାସୀ ଓ ଶ୍ରମିକମାନଙ୍କ ନିମନ୍ତେ ସରକାର 'ଏକ ରାଷ୍ଟ୍ର, ଏକ ପଡ଼ିକାର୍ଡ଼' ଯୋଜନା ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ହିତାଧିକାରୀମାନେ ସେମାନଙ୍କର ପଡ଼ି ଖାଦ୍ୟସାମଗ୍ରୀ ଦେଶର ଯେକୌଣସି ସ୍ଥାନରୁ ନେଇପାରିବେ । ସେହିଭଳି ଦେଶରେ ଚାରିଟି ନୂତନ ଶ୍ରମ ସଂହିତା ପ୍ରଣୀତ ହୋଇଛି। ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଅଧୀନରେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଏବଂ ମହିଳାମାନଙ୍କୁ ଅଧିକ ଋଣ ଯୋଗାଣ ନିମନ୍ତେ ଆବଶ୍ୟକ ମାର୍ଜିନ ଅର୍ଥ ମାତ୍ରାକୁ ଅର୍ଥମନ୍ତ୍ରୀ 25 ପ୍ରତିଶତରୁ 15 ପ୍ରତିଶତକୁ କମାଇ ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଅଧିକନ୍ତୁ, ଏମଏସଏମଇ କ୍ଷେତ୍ରକୁ ସହାୟତା ପ୍ରଦାନ ନିମନ୍ତେ କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ଷେତ୍ର ସକାଶେ ସରକାର 15,700 କୋଟି ଟଙ୍କା ଯୋଗାଇ ଦେବା ସକାଶେ ପ୍ରାବଧାନ ରଖିଛନ୍ତି- ଯାହାକି 2020-21 ଆର୍ଥିକ ବର୍ଷ ପରିମାଣ ତୁଳନାରେ ଦୁଇଗୁଣରୁ ଅଧିକ ।

ଶିକ୍ଷା ଓ ଗବେଷଣାରେ ପ୍ରଗତି

ଏକ ସମାଜର ବିକାଶରେ ଗୁଣାତ୍ମକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ବଜେଟରେ ଶିକ୍ଷା ଓ ଗବେଷଣା କ୍ଷେତ୍ର ପାଇଁ ବିଶେଷ ପ୍ରାବଧାନ କରାଯାଇଛି । ଏଥିରେ ଦେଶର 15,000 ବିଦ୍ୟାଳୟକୁ ଗୁଣାତ୍ମକ ଦୃଷ୍ଟିରୁ ସୁଦୃଢ଼ କରାଯିବା ଲାଗି ପ୍ରସ୍ତାବ ରଖାଯାଇଛି ଯେଉଁଠାରେ ରାଷ୍ଟ୍ରୀୟ ଶିକ୍ଷା ନୀତିର ସମସ୍ତ ସାଧନ ଉପଲବ୍ଧ ରହିବ । ଏଥି ସହ 100ଟି ନୂତନ ସୈନିକ ସ୍କୁଲ ଏବଂ 750ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯିବାର ପ୍ରସ୍ତାବ ରଖାଯାଇଛି । ଏହା ବ୍ୟତୀତ ଭାରତର ଉଚ୍ଚଶିକ୍ଷା କମିଶନ ନାମକ ଏକ ସାମୂହିକ ସଂସ୍ଥା ଗଠନ କରାଯିବାକୁ ପ୍ରସ୍ତାବ ରହିଛି ଯାହାର ଚାରିଟି ପୃଥକ୍ ଭୂମିକା ରହିବ । ଏହି ସଂସ୍ଥା ଉଚ୍ଚଶିକ୍ଷାର ମାନ ନିର୍ଦ୍ଧାରଣ, ଆକ୍ରିଡିଟେସନ, ନିୟନ୍ତ୍ରଣ ଏବଂ ପାଣ୍ଠି ଯୋଗାଣ କାର୍ଯ୍ୟ ସଂପାଦନ କରିବ । ରାଷ୍ଟ୍ରୀୟ ଶିକ୍ଷା ନୀତି ଦର୍ଶାଏଯେ ଦେଶରେ ଏକ ରାଷ୍ଟ୍ରୀୟ ଗବେଷଣା ନ୍ୟାସ (ଏନଆରଏଫ) ଗଠନ କରାଯିବ ଯାହା ସାମଗ୍ରିକ ଭାବେ ଜାତୀୟ ଅଗ୍ରାଧିକାର ପ୍ରମୁଖ କ୍ଷେତ୍ରରେ ଗବେଷଣା ବାତାବରଣ ଉପରେ ଧ୍ୟାନ କେନ୍ଦ୍ରିତ କରିବ । ଏଥିପାଇଁ ଆଗାମୀ 5 ବର୍ଷରେ 50,000 ଟଙ୍କା ବ୍ୟୟ କରାଯିବା ଲାଗି ପ୍ରସ୍ତାବ ରହିଛି ।

ସର୍ବନିମ୍ନ ସରକାର ସର୍ବାଧିକ ସୁଶାସନ ଅଧୀନରେ ବରିଷ୍ଠ ନାଗରିକ ଯେଉଁ ମାନଙ୍କ ବୟସ 75 ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ସେମାନଙ୍କ ଉପରେ ଟିକସ ଭରଣା ଆଦି ବୋଝକୁ ସରକାର ଲାଘବ କରିଛନ୍ତି ।ସେଭଳି ବରିଷ୍ଠ ନାଗରିକ ଯେଉଁମାନେ କେବଳ ପେନସନ ଓ ସେଥିରୁ ମିଳୁଥିବା ସୁଧ ଉପରେ ନିର୍ଭରଶୀଳ ସେମାନଙ୍କୁ ଆଉ ଆୟକର ରିଟର୍ଣ୍ଣ ଭରିବାକୁ ପଡ଼ିବନାହିଁ । ସେହିଭଳି କର୍ପୋରେଟ ଟିକସକୁ ହ୍ରାସ କରାଯାଇଛି ଯାହାକି ଏବେ ସାରା ବିଶ୍ୱରେ ସର୍ବନିମ୍ନ ଭାବେ ପରିଗଣିତ ହେଉଛି ।

ଟଙ୍କା ଆସିଥାଏ

ଟଙ୍କା ଯାଇଥାଏ

ଅଳ୍ପରେ ବଜେଟ

ରାଜସ୍ୱ ସଂଗ୍ରହ
କୋଟିରେ



ପୁଞ୍ଜି ସଂଗ୍ରହ
କୋଟିରେ



ରାଜସ୍ୱ ବ୍ୟୟ
ଟଙ୍କା କୋଟିରେ



ପୁଞ୍ଜି ବ୍ୟୟ
ଟଙ୍କା କୋଟିରେ



ମହାମାରୀ ସତ୍ତ୍ୱେ କୌଣସି ପ୍ରକାର ଟିକସ ବୋଝ ନାହିଁ

କୃଷି ଭିତ୍ତିଭୂମି ଏବଂ ବିକାଶ ସେସ୍‌ରୁ ଉପଶମ ଦେବା ନିମନ୍ତେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ବହିଃଶୁଳ୍କ ହ୍ରାସ କରିଛନ୍ତି ଯଦ୍ୱାରା ଏହାର ବୋଝ ଦେଶର ସାଧାରଣ ଜନତାଙ୍କ ଉପରେ ପଡ଼ିନାହିଁ । ସେହିଭଳି ଚଳିତ ବଜେଟରେ ମଧ୍ୟ ଟିକସ ହାରରେ କୌଣସି ପରିବର୍ତ୍ତନ ଘଟାଯାଇନାହିଁ ।

କରୋନା ମହାମାରୀ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତ ନିମନ୍ତେ ଆହ୍ୱାନ ଜଣାଇଛନ୍ତି ଯାହାକି କେବଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ସହାୟକ ହୋଇନାହିଁ ଅପରନ୍ତୁ ଏହା ଏବେ ସମଗ୍ର ବିଶ୍ୱରେ ସର୍ବାଧିକ ଚର୍ଚ୍ଚିତ ଶବ୍ଦରେ ପରିଣତ ହୋଇଛି। ସେହି ଆତ୍ମନିର୍ଭର ଭାରତର ଚିନ୍ତାଧାରା ନୂତନ ଭାରତର ବଜେଟରେ ପ୍ରତିଫଳିତ ହୋଇଛି ।

ଯେତେବେଳେ ସାରା ଦୁନିଆ ବୈଶ୍ୱିକ ମହାମାରୀ କରୋନା ବିରୋଧରେ ତା'ର ଲଢ଼େଇ ଜାରି ରଖିଛି ସେତେବେଳେ କେନ୍ଦ୍ର ସରକାର ଦେଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । କେବଳ ସେତିକି ନୁହେଁ, ଏଥି ସହ ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ଦିଗରେ ମଧ୍ୟ ଅନୁରୂପ ପଦକ୍ଷେପମାନ ନିଆଯାଇଛି । ସଂସଦରେ ସଦ୍ୟ ଉପସ୍ଥାପିତ ବଜେଟରେ ଟିକସ ହାରରେ କୌଣସି ପରିବର୍ତ୍ତନ ଘଟାଯାଇନାହିଁ । ବରଂ, 75 ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଆୟୁର ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ଆୟକର ରିଟର୍ଣ୍ଣ ଫାଇଲ କରିବା ଦାୟିତ୍ୱରୁ ମୁକ୍ତି ଦିଆଯାଇଛି । ଏହା ବ୍ୟତୀତ, ଟିକସ ଦାଖଲ କରିବା ବ୍ୟବସ୍ଥାର ସରଳୀକରଣ, ପୁନଃଆକଳନ ନିମନ୍ତେ ପୂର୍ବରୁ ଥିବା ଅବଧିକୁ ଛଅ ବର୍ଷରୁ ତିନି ବର୍ଷକୁ ହ୍ରାସ କରିବା ଇତ୍ୟାଦି ଅନେକ ଗୁଡ଼ିଏ ବ୍ୟବସ୍ଥା ପାଇଁ ବଜେଟରେ ପ୍ରସ୍ତାବ ଦିଆଯାଇଛି ।

ରଣନୀତିକ ବିନିବେଶ ସକାଶେ ଏକ ସଂପୂର୍ଣ୍ଣ ନୂତନ ନୀତି ବ୍ୟବସ୍ଥାକୁ ମଂଜୁରୀ ପ୍ରଦାନ କରାଯାଇଛି । 2020-21 ଆର୍ଥିକ ବର୍ଷର ଆର୍ଥିକ ନିଅଣ୍ଟକୁ 9.5% ହେବ ବୋଲି ଅନୁମାନ କରାଯାଇଛି । ସେହିଭଳି 2021-22 ଆର୍ଥିକ ବର୍ଷରେ ଏହି ଆର୍ଥିକ ନିଅଣ୍ଟ ହାର 6.8% ହେବାର ଆକଳନ କରାଯାଇଛି 2025-26 ଆର୍ଥିକ ବର୍ଷ ସୁଦ୍ଧା କେନ୍ଦ୍ର ସରକାର ଏହି ନିଅଣ୍ଟ ହାରକୁ 4.5 % ତଳକୁ ଖସାଇବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।

ବିତ୍ତୀୟ ନିଅଣ୍ଟ

ଜିଡିପିର ପ୍ରତିଶତ



- ବିଗତ କିଛି ମାସ ମଧ୍ୟରେ ରେକର୍ଡ ପରିମାଣରେ ଜିଏସଟି ସଂଗ୍ରହ
- ଆୟକର ଅପିଲ ଟ୍ରିବ୍ୟୁନାଲ ହେବ ଫେସଲେସ

₹12,00,000 Cr.
ମୋଟ ଋଣ ସଂଗ୍ରହ ଆସନ୍ତାବର୍ଷ ପାଇଁ

₹34,83,000 Cr.
ଆସନ୍ତାବର୍ଷର ସରକାରୀ ଆନୁମାନିକ ବ୍ୟୟ

₹1,500 Cr. ଡିଜିଟାଲ ପଇଠ ବ୍ୟବସ୍ଥାରୁ ପ୍ରୋତ୍ସାହନ ପାଇଁ ଆବଣ୍ଟିତ

ଭାରତର ସ୍ୱରୂପ ପରିବର୍ତ୍ତନକାରୀ ଚାରିଗୋଟି ନୂତନ ଯୋଜନା

ଜଳ ଜୀବନ ମିଶନ (ସହରାଞ୍ଚଳ)

ଏହି ଅଭିଯାନ ଅଧୀନରେ ଦେଶର ସମସ୍ତ 4,378 ସହରାଞ୍ଚଳ ସଂସ୍ଥାର 2.86 କୋଟି ପରିବାରଙ୍କୁ ପାଇପ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିଭଳି ଅମୃତ ଯୋଜନାରେ ସାମିଲ ହୋଇଥିବା 500ଟି ସହରରେ ବସବାସ କରୁଥିବା ସମସ୍ତ ପରିବାରରୁ ନିର୍ଗତ ତରଳ ବର୍ଜ୍ୟ ପରିଚାଳନା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ମୋଟ 2,87,000 କୋଟି ଟଙ୍କା ବ୍ୟୟରେ ଏହି କାର୍ଯ୍ୟକ୍ରମ ସଂପାଦନ କରାଯିବ ।

ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ

ସ୍ୱଚ୍ଛ ଭାରତ
एक कदम स्वच्छता की ओर

ସଦ୍ୟ ଉପସ୍ଥାପିତ ବଜେଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇଁ କରାଯାଇଥିବା ଅର୍ଥ ବ୍ୟବସ୍ଥାରେ 10ପ୍ରତିଶତ ବୃଦ୍ଧି ଘଟାଯାଇଛି । ଏହି ବଜେଟରେ ନିରାପଦ ପାନୀୟ ଜଳ ସହିତ ସ୍ୱଚ୍ଛତାକୁ ସଂଯୋଗ କରି ସେଥିରୁ ଉତ୍ତମ ସୁଫଳ ଲୋକମାନଙ୍କୁ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ଆରମ୍ଭ କରାଯାଇଛି ଯେଉଁଥିରେ 64,180 କୋଟି ଟଙ୍କା ବ୍ୟୟ କରାଯିବ । ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ 6 ବର୍ଷ ଭିତରେ ଏହି ଅର୍ଥ ବ୍ୟୟ କରାଯିବ ବୋଲି ସ୍ଥିର ହୋଇଛି । ସେହିଭଳି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧,୪୧,୭୭୮ କୋଟି ଟଙ୍କା ବ୍ୟୟ କରାଯାଇ ସହରାଞ୍ଚଳ ସ୍ୱଚ୍ଛ ଭାରତ ଅଭିଯାନ 2.0କୁ କାର୍ଯ୍ୟକାରୀ କରାଯିବ ।

ସ୍ୱଚ୍ଛ ବାୟୁ

କ୍ରମବର୍ଦ୍ଧିଷ୍ଣୁ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ନିମନ୍ତେ ବଜେଟରେ ବିଶେଷ ବ୍ୟବସ୍ଥା କରାଯାଇଛି । ତଦନୁସାରେ, 10 ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ଦେଶର 42ଟି ସହରାଞ୍ଚଳ କେନ୍ଦ୍ରରେ ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ 2,217 କୋଟି ଟଙ୍କାର କାର୍ଯ୍ୟକ୍ରମ ରୂପାୟନ କରାଯିବ ।

ସ୍କ୍ରାପିଂ ନୀତି

ପୁରୁଣା ଏବଂ ଚଳନଅକ୍ଷମ ଯାନବାହନକୁ ଭାଙ୍ଗିବା ନିମନ୍ତେ ସରକାର ଏକ ନୂତନ ସ୍କ୍ରାପିଂ ନୀତି ଘୋଷଣା କରିଛନ୍ତି । ବ୍ୟକ୍ତିଗତ ଯାନ କ୍ଷେତ୍ରରେ 20 ବର୍ଷ ପରେ ଏବଂ ବ୍ୟାବସାୟିକ ଯାନବାହନ କ୍ଷେତ୍ରରେ 15ବର୍ଷ ପରେ ସିଧାସଳଖ ଭାବେ ସେହିସବୁ ଯାନବାହନଗୁଡ଼ିକର ଫିଟନେସ୍ କେନ୍ଦ୍ରମାନଙ୍କରେ ଫିଟ୍‌ନେସ୍ ପରୀକ୍ଷା କରାଯିବ ।

ମିଶନ ପୋଷଣ 2.0

ଦେଶର 112ଟି ଆକାଂକ୍ଷା ଜିଲ୍ଲାରେ ପୌଷ୍ଟିକତା, ପ୍ରସବ, ଆଉଟରିଚ୍ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ସେସବୁର ସୁଫଳକୁ ସୁନିଶ୍ଚିତ କରିବା ଲାଗି ସରକାର ପୋଷଣ ଅଭିଯାନ 2.0 ଆରମ୍ଭ କରିବେ । ଏହି କ୍ରମରେ ସରକାର ଅତିରିକ୍ତ ପୁଷ୍ଟି କାର୍ଯ୍ୟକ୍ରମ ଏବଂ ପୋଷଣ ଅଭିଯାନକୁ ମିଶାଇ ଦେବାଲାଗି ସ୍ଥିର କରିଛନ୍ତି ।

ଭିତ୍ତିଭୂମି

ନୂତନ ଭାରତର ବିକାଶ ନିମନ୍ତେ ପ୍ରସ୍ତୁତି

ଅର୍ଥନୀତିକୁ ଅଧିକ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ, ବଜେଟରେ ଭିତ୍ତିଭୂମିର ସଂପ୍ରସାରଣ ଏବଂ ଜନ ପରିବହନ ବ୍ୟବସ୍ଥା ସହିତ ରାଜମାର୍ଗ, ରେଳପଥ ଓ ମେଟ୍ରୋ ଆଦି ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଛି ।

କରୋନା ମହାମାରୀ ସମୟରେ ଧିମେଇ ଯାଇଥିବା ଅର୍ଥନୀତି ଏବେ 'v' ଆକୃତିରେ ପୁଣି ଥରେ ପୁନରୁତ୍ଥାନ ପଥରେ ଆଗକୁ ଅଗ୍ରସର ହେବା ଆରମ୍ଭ କରିଛି । ଏହାକୁ ଅଧିକ ପ୍ରୋତ୍ସାହନ ପ୍ରଦାନ ନିମନ୍ତେ ସରକାର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ କେନ୍ଦ୍ରୀତ କରିଛନ୍ତି । ଏଥିପାଇଁ ନିଯୁକ୍ତି ବୃଦ୍ଧି ଘଟାଇବାକୁ ନୂତନ ଅର୍ଥନୈତିକ କରିଡୋରମାନ ସୃଷ୍ଟି କରାଯିବ । ଏହାକୁ ସାକାର କରିବା ଲାଗି ପ୍ରଚଳିତ ନିୟମାବଳୀକୁ ସରଳ କରାଯିବ ଯଦ୍ୱାରା ଭିତ୍ତିଭୂମି କ୍ଷେତ୍ରରେ ସିଧାସଳଖ ପୁଞ୍ଜି ନିବେଶ ହୋଇପାରିବ । ସେଥି ନିମନ୍ତେ 20,000 କୋଟି ଟଙ୍କାର ପୁଂଜି ନେଇ ଏକ ବିକାଶ ଅର୍ଥଯୋଗାଣ ସଂସ୍ଥା (ଡିଏଫଆଇ) ଗଠନ କରାଯିବ । ଏହା ଅଧୀନରେ ଆଗାମୀ 3 ବର୍ଷ ମଧ୍ୟରେ 6 ଲକ୍ଷ କୋଟି ଟଙ୍କାର ଋଣ ଯୋଗାଣ ସକାଶେ ଏକ ପୋର୍ଟଫୋଲିଓ ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଗୋଟିଏ ବର୍ଷରେ 8500 କିମି ନୂଆ ରାସ୍ତା

5.35 ଲକ୍ଷ କୋଟି ଟଙ୍କାର ଭାରତମାଳା ପରିଯୋଜନା ପ୍ରକଳ୍ପ ଅଧୀନରେ ସରକାର 2022 ମସିହା ମାର୍ଚ୍ଚ ମାସ ସୁଦ୍ଧା ସରକାର ଆଉ 8,500 କିଲୋମିଟର ଦୈର୍ଘ୍ୟ ସଡ଼କ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରିବେ ଏବଂ ଅତିରିକ୍ତ 11,000 କିଲୋମିଟରର ଜାତୀୟ ରାଜମାର୍ଗ କରିଡୋର କାର୍ଯ୍ୟ ସଂପୂର୍ଣ୍ଣ କରିବେ । ଏପର୍ଯ୍ୟନ୍ତ ସଡ଼କ ପରିବହନ ନିମନ୍ତେ ଅତିରିକ୍ତ 1,18,101 କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରାଯାଇଛି । ଆସାମରେ 1,300 କିଲୋମିଟରରୁ ଅଧିକ ଦୀର୍ଘ ଜାତୀୟ ରାଜପଥ ନିର୍ମାଣ ସକାଶେ 34,000 କୋଟି ଟଙ୍କା ମଞ୍ଜୁରୀ କରାଯାଇଛି । ତାମିଲନାଡୁରେ 3,500 କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯିବ ଏବଂ ସେଥିପାଇଁ ୧.୦୩ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ । ସେହିଭଳି କେରଳରେ 1,100 କିଲୋମିଟରର ଜାତୀୟ ରାଜମାର୍ଗ ନିର୍ମିତ ହେବ । ସେଥିରେ ମୁମ୍ବାଇ- କନ୍ୟାକୁମାରୀ କରିଡୋର 600 କିଲୋମିଟର ସେକ୍ସନ ସାମିଲ ଯେଉଥିପାଇଁ 65,000 କୋଟି ଟଙ୍କା ନିବେଶ କରାଯିବ ।

ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳବାଇ

2030 ମସିହା ସୁଦ୍ଧା ଦେଶରେ ଏକ ଭବିଷ୍ୟତର ଆବଶ୍ୟକତା ପୂରଣ

ଗ୍ରାମୀଣ ଭାରତ

₹40 ହଜାର କୋଟି ଟଙ୍କା
ଗ୍ରାମାଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି

86%
ଏକ ରାଷ୍ଟ୍ର, ଏକ ରାସନ କାର୍ଡ ଅଧୀନରେ ସାମିଲ ହୋଇଥିବା ଲୋକ

ସାର୍ବଜନୀନ ପରିବହନ

₹18 ହଜାର କୋଟି ସର୍ବସାଧାରଣ ବସ ପରିବହନ ସେବା ବୃଦ୍ଧି ପାଇଁ

ଭାରତୀୟ ରେଳବାଇ

100%
ରେଳଲାଇନର ବିଦ୍ୟୁତିକରଣ 2023 ସୁଦ୍ଧା

ରେଳବାଇ ପାଇଁ 1,10,055 କୋଟି ଟଙ୍କା ଏଥିରୁ 1,07,100 କୋଟି ଟଙ୍କା ପୁଞ୍ଜି ବ୍ୟୟ ଲାଗି ଉଦ୍ଦିଷ୍ଟ

ଜଳ ହିଁ ଜୀବନ

2.86 କୋଟି ପରିବାରକୁ ଟ୍ୟାପ ସଂଯୋଗ

₹2.87 ଲକ୍ଷ କୋଟି ଟଙ୍କା ଜଳ ଜୀବନ ମିଶନ (ସହରାଞ୍ଚଳ)

ଯାତ୍ରା ସହଜ ହେବ

₹1.18 ଲକ୍ଷ କୋଟି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପାଇଁ

8500 କିମି ସଡ଼କ ପ୍ରକଳ୍ପ ମାର୍ଚ୍ଚ 2022 ସୁଦ୍ଧା ଆରମ୍ଭ ହେବ

ବୃହତ ବନ୍ଦରଗୁଡ଼ିକୁ ପିପିପି ମୋଡରେ ପରିଚାଳନା କରିବା ଲାଗି 7ଟି ପ୍ରକଳ୍ପ ଲାଗି 2000 କୋଟି ଟଙ୍କା

ନିମନ୍ତେ ସକ୍ଷମ ରେଳବାଇ ବ୍ୟବସ୍ଥାର ବିକାଶ ଘଟାଯିବ । 'ମେକ୍ ଇନ୍ ଇଣ୍ଡିଆ'କୁ ସକ୍ଷମ କରିବା ନିମନ୍ତେ ଲଜିଷ୍ଟିକାଲ ମୂଲ୍ୟକୁ ହ୍ରାସ ଘଟାଯାଉଛି । ପଶ୍ଚିମାଞ୍ଚଳ କ୍ଷେତ୍ର ସମର୍ପିତ ମାଲ ପରିବହନ କରିଡୋର (ଡିଏଫସି) ଏବଂ ପୂର୍ବାଞ୍ଚଳ ଡିଏଫସିକୁ 2022 ମସିହା ଜୁନ୍ ମାସ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ।

'ମେଟ୍ରୋଲାଇଟ୍' ଏବଂ 'ମେଟ୍ରୋନିଓ'ର ଶୁଭାରମ୍ଭ

18,000 କୋଟି ଟଙ୍କା ବ୍ୟୟରେ ଏକ ନୂତନ ଯୋଜନାର ଶୁଭାରମ୍ଭ କରାଯିବ ଯାହା ସରକାରୀ ବସ୍ ପରିବହନ ସେବାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ।

ଚେନ୍ନାଇରେ 118.9 କିଲୋମିଟର ଦୈର୍ଘ୍ୟ ମେଟ୍ରୋ ପ୍ରକଳ୍ପ ନିର୍ମାଣ ସକାଶେ 63,246 କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ କୋଚି ର 11.5କିଲୋମିଟର ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ 1,957.05 କୋଟି ଟଙ୍କା ପ୍ରଦାନ କରାଯାଇଛି । ଟାୟାର-1 ଏବଂ ଟାୟାର-2 ନଗରୀମାନଙ୍କ ନିମନ୍ତେ 'ମେଟ୍ରୋଲାଇଟ' ଏବଂ 'ମେଟ୍ରୋନିଓ' ଭଳି ଦୁଇଟି ନୂତନ ପ୍ରଯୁକ୍ତି ଆପଣାଯିବ ।

ଉପଭୋକ୍ତାମାନେ ଚୟନ କରିପାରିବେ ଶକ୍ତି ବିତରଣ କମ୍ପାନୀ

ଦେଶରେ ଶକ୍ତି ବିତରଣ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ 3,05,984କୋଟି ଟଙ୍କା ବ୍ୟୟର ଏକ ନୂତନ ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଏକ ସଂସ୍କାର ଓ କାର୍ଯ୍ୟକ୍ଷମ ଆଧାରିତ ତଥା ସୁଫଳଦାୟୀ ଶକ୍ତି ବିତରଣ କ୍ଷେତ୍ର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇପାରିବ । ଏହି ଯୋଜନା ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ଭିତ୍ତିଭୂମି ଯଥା ପ୍ରି-ପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା, ପ୍ରଚଳିତ ବିତରଣ ବ୍ୟବସ୍ଥାର ଉନ୍ନତିକରଣ ଇତ୍ୟାଦି ପ୍ରସ୍ତୁତ କରିବା ଲାଗି ସହାୟତା ମିଳିପାରିବ ।

ଆରମ୍ଭ ହେବ ଜଳ ଜୀବନ ମିଶନ (ସହରାଞ୍ଚଳ)

ଦେଶର 2.86 କୋଟି ପରିବାରଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଜଳ ଜୀବନ ମିଶନ (ସହରାଞ୍ଚଳ) ଆରମ୍ଭ କରାଯିବ। ସେହିଭଳି ଦେଶର 500ଟି ଅମୃତ ଯୋଜନା କାର୍ଯ୍ୟକାରୀ ହେଉଥିବା ସହରରେ ତରଳ ବର୍ଜ୍ୟ ପରିଚାଳନା କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। 2021 ମସିହା ଠାରୁ 2026 ମସିହା ମଧ୍ୟରେ ସହରମାନଙ୍କରେ ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ 2.0 କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯିବ ।

ଉଜ୍ଜ୍ୱଳା ଯୋଜନାରେ ଏକ କୋଟି ନୂତନ ପରିବାର ସଂଯୋଗ

ଉଜ୍ଜ୍ୱଳା ଯୋଜନାରେ ଆଉ ଅତିରିକ୍ତ ଏକ କୋଟି ପରିବାରଙ୍କୁ ଯୋଡ଼ିବା ନିମନ୍ତେ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି । ଆଗାମୀ ତିନି ବର୍ଷ ମଧ୍ୟରେ 100ଟି ଅଧିକ ଜିଲ୍ଲାକୁ ସିଟି ବାଷ୍ପ ବିତରଣ ନେଟୱାର୍କରେ ସଂଯୋଗ କରାଯିବ । ସେହିଭଳି ଜମ୍ମୁ ଓ କାଶ୍ମୀରରେ ଏକ ଗ୍ୟାସ୍ ପାଇପଲାଇନ ପ୍ରକଳ୍ପ କାର୍ଯ୍ୟକାରୀ ହେବ ।

ସୁଲଭ ବାସଗୃହ ଯୋଗାଣ ପାଇଁ ଘୋଷଣା

ସୁଲଭ ମୂଲ୍ୟରେ ଦେଶର ସାଧାରଣ ଲୋକଙ୍କୁ ବାସଗୃହ ଯୋଗାଣ ନିମନ୍ତେ ଟ୍ୟାକ୍ସ ହଲିଡେ'ର ଅବଧିକୁ ଆଉ ଏକ ବର୍ଷ ବୃଦ୍ଧି କରାଯାଇଛି। ସୁଲଭ ବାସଗୃହ କ୍ରୟ ସକାଶେ ନିଆଯାଇଥିବା ଋଣ ଉପରେ ଅତିରିକ୍ତ 1.5 ଲକ୍ଷ ଟଙ୍କାର ସୁଧ ଛାଡ଼ ପାଇଁ ପ୍ରସ୍ତାବ ରହିଛି।

ସଂସ୍କାରର ପ୍ରତିଷେଧକ ଟିକା

ଏପର୍ଯ୍ୟନ୍ତ ଭାରତର ସ୍ୱାସ୍ଥ୍ୟ ବିଭାଗ ପାଇଁ କରାଯାଇଥିବା ସର୍ବବୃହତ୍ ବଜେଟ ଯେଉଁଥିରେ 2,23,846 କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଗତ ବର୍ଷ ତୁଳନରେ ଏଥିରେ 137 ପ୍ରତିଶତ ବୃଦ୍ଧି ଘଟାଯାଇଛି ।

ଦେଶର ଇତିହାସରେ ପ୍ରଥମ ଥର ପାଇଁ ସାଧାରଣ ବଜେଟରୁ ସ୍ୱାସ୍ଥ୍ୟ ବିଭାଗକୁ ଏତେ ମାତ୍ରାର ଅର୍ଥ ମିଳିପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କହିବା ଅନୁସାରେ, ଆମର ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମର ଛଅଗୋଟି ମୁଖ୍ୟ ସ୍ତମ୍ଭ ଭିତରୁ ସ୍ୱାସ୍ଥ୍ୟ ଓ ନିରାମୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ।ଏହା ଏଥିରୁ ପ୍ରତିଫଳିତ ହେଉଛି ଯେ ଗତ ବର୍ଷ ବଜେଟରେ ଏଥିପାଇଁ 94,452 କୋଟି ଟଙ୍କାର ପ୍ରାବଧାନ କରାଯାଇଥିବା ବେଳେ ଚଳିତ ବର୍ଷ ସେଥିରେ 137 ପ୍ରତିଶତ ବୃଦ୍ଧି ଘଟାଯାଇଛି ।

ବୈଶ୍ୱିକ ମହାମାରୀ କରୋନାରୁ ମିଳିଥିବା ମହାଶିକ୍ଷା ଆଧାରରେ ସରକାର ସମସ୍ତ ପ୍ରକାର ସଂକ୍ରମିତ ରୋଗର ଚିହ୍ନଟ ଓ ପ୍ରତିଷେଧ ନିମନ୍ତେ ଅନୁସନ୍ଧାନ ଓ ଚିକିତ୍ସା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ଏକ ଦୃଢ଼ ଭିତ୍ତିଭୂମି ଗଠନ ଉପରେ ପ୍ରାଧାନ୍ୟ ଆରୋପ କରିଛନ୍ତି । ଦେଶର ବ୍ଲକ ସ୍ତରଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଏବଂ ଜାତୀୟ ସ୍ତରରେ ଏଭଳି ପରୀକ୍ଷାଗାରର ଏକ ନେଟୱାର୍କ ସୃଷ୍ଟି କରାଯିବ । ଏଥିପାଇଁ ଚାରିଟି ଭାଇରୋଲୋଜି (ଭୂତାଣୁ ସଂକ୍ରମଣ ବିଜ୍ଞାନ) ପରୀକ୍ଷାଗାର ସ୍ଥାପନ କରାଯିବ । ଏବେ ସମଗ୍ର ଦେଶ ପାଇଁ ପୁନେଠାରେ ଏପରି ମାତ୍ର ଗୋଟିଏ ପରୀକ୍ଷାଗାର ରହିଛି । ସେହିଭଳି ଦେଶର ପ୍ରବେଶ ପଥ ଯଥା 32ଟି ବିମାନ ବନ୍ଦର, 11ଟି ବନ୍ଦର ଏବଂ ୭ଟି ସ୍ଥଳପଥରେ

କିଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ହେବ



₹35,000
କୋଟି ଟଙ୍କା କୋଭିଡ-19 ଟିକା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

3382
ବ୍ଲକ ଜନ ସ୍ୱାସ୍ଥ୍ୟ ୟୁନିଟ 11ଟି ରାଜ୍ୟରେ

28,812
ମୋଟ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ୱାସ୍ଥ ଓ କଲ୍ୟାଣ କେନ୍ଦ୍ର ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନାରେ ପ୍ରତିଷ୍ଠା କରାଯିବ।

11ଟି ରାଜ୍ୟର ସମସ୍ତ ଜିଲ୍ଲାରେ ସମନ୍ୱିତ ଜନ ସ୍ୱାସ୍ଥ୍ୟ ପରୀକ୍ଷାଗାର ଆରମ୍ଭ କରାଯିବ ।

ସାରା ଦେଶରେ ନୂତନ ଭାବେ ଦେଖା ଦେଉଥିବା ରୋଗମାନଙ୍କ ଚିହ୍ନଟ ଏବଂ ଅନୁସନ୍ଧାନ ନିମନ୍ତେ ଏକ ଢାଞ୍ଚା ଗଠନ କରାଯିବ ।

ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ଗବେଷଣାକୁ ଗୁରୁତ୍ୱ ଦିଆଯିବ। ସାରା ଦେଶରେ ନ୍ୟୁମୋକୋକାଲ ଟିକା ଦିଆଯିବ।

ଅଧିକ ଦୁଇଟି କରୋନା ପ୍ରତିଷେଧକ ଟିକାର ବିକାଶ ନିମନ୍ତେ ଗବେଷଣା ଜାରି ରହିଛି

କୋଭିଡ ପ୍ରତିଷେଧକ ଟିକା ନିମନ୍ତେ ବଜେଟରେ 35,000 କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି । ଅର୍ଥମନ୍ତ୍ରୀଙ୍କ କହିବା ଅନୁସାରେ, ଯଦି ଆବଶ୍ୟକ ପଡେ ତେବେ ଏଥିପାଇଁ ଆହୁରି ଅଧିକ ପାଣ୍ଠି ଯୋଗାଇ ଦିଆଯିବ । ବର୍ତ୍ତମାନ ଭାରତରେ ବ୍ୟବହାର ପାଇଁ ଦୁଇଟି ଟିକାକୁ ଅନୁମତି ପ୍ରଦାନ କରାଯାଇଛି। ଖୁବ୍ ଶୀଘ୍ର, ଆଉ ଦୁଇଟି ଟିକାକୁ ଅନୁମତି ମିଳିବାର ସମ୍ଭାବନା ରହିଛି । ବିଶ୍ୱର 100ରୁ ଅଧିକ ରାଷ୍ଟ୍ର ଏବେ ଭାରତ ପ୍ରସ୍ତୁତ ଟିକା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷାରତ ଅଛନ୍ତି ।

ପ୍ରବେଶପଥ ନିକଟରେ ୧୭ଟି ନୂତନ ଜନ ସ୍ୱାସ୍ଥ୍ୟ ୟୁନିଟ କାର୍ଯ୍ୟକାରୀ କରାଯିବା ସହ ଏବେ କାର୍ଯ୍ୟକ୍ଷମ ଥିବା ୩୩ଟି ଜନସ୍ୱାସ୍ଥ୍ୟ ୟୁନିଟକୁ ଅଧିକ ସୁଦୃଢ଼ କରାଯିବ । ଅନ୍ୟ ପକ୍ଷରେ ସାରା ଦେଶରେ ପନ୍ଦରଟି ଆପାତକାଳୀନ ସ୍ୱାସ୍ଥ୍ୟସେବା ଅପରେସନ୍ କେନ୍ଦ୍ର ଖୋଲଯିବ ଏବ ୨ଟି ଭ୍ରାମ୍ୟମାଣ ହସପିଟାଲ ମଧ୍ୟ କାର୍ଯ୍ୟକାରୀ କରାଯିବ । ସେହିପରି ଦେଶରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଦକ୍ଷିଣ-ପୂର୍ବ ଏସିଆ କ୍ଷେତ୍ର ପାଇଁ ଏକ କ୍ଷେତ୍ରୀୟ ଗବେଷଣା ପ୍ଲାଟଫର୍ମ ସ୍ଥାପନ କରାଯିବ ବୋଲି ସରକାର ସିଦ୍ଧାନ୍ତ ଗ୍ରହଣ କରିଛନ୍ତି ।

₹64,180

ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ମାଧ୍ୟମରେ ଆଗାମୀ 6ବର୍ଷ ମଧ୍ୟରେ ଦେଶରେ 64,180 କୋଟି ଟଙ୍କା ବ୍ୟୟ କରାଯିବ

4

ଦେଶରେ ରାଷ୍ଟ୍ରୀୟ ଭୂତାଣୁ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରାଯିବ । ବର୍ତ୍ତମାନ ପୁନେଠାରେ ଏହିଭଳି ମାତ୍ର ଗୋଟିଏ ପ୍ରତିଷ୍ଠାନ ରହିଛି । ସେହିଭଳି 9ଟି ଜୈବ-ନିରାପତ୍ତା ବିଜ୍ଞାନାଗାର ମଧ୍ୟ ସ୍ଥାପନ କରାଯିବ ।

05

ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି)ର କ୍ଷେତ୍ରୀୟ ଶାଖା ଖୋଲାଯିବ ।

20

ମେଟ୍ରୋପୋଲିଟାନ ସ୍ୱାସ୍ଥ୍ୟ ସତର୍କ କେନ୍ଦ୍ର ସ୍ଥାପନ କରାଯିବ ।

ଆୟୁଷ ବଜେଟର ପରିମାଣ ବୃଦ୍ଧି

ଚଳିତ ବଜେଟରେ ଆୟୁଷ ମନ୍ତ୍ରଣାଳୟ ନିମନ୍ତେ 2,970 କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଗତବର୍ଷ ଏଥିପାଇଁ ହୋଇଥିବା 848କୋଟି ଟଙ୍କା ଠାରୁ ଏହା ଢେର୍ ଅଧିକ ।

ନିମୋକୋକାଲ ପ୍ରତିଷେଧକ ଟିକା ଦ୍ୱାରା 50,000 ଅଧିକ ଶିଶୁଙ୍କ ପ୍ରାଣରକ୍ଷା କରାଯିବ

ସାରା ଦେଶରେ ନିଜସ୍ୱ ବିକଶିତ ନିମୋକୋକାଲ ପ୍ରତିଷେଧକ ଟିକା ଦାନ ଆରମ୍ଭ କରାଯିବ । ଏହି ଟିକା ପ୍ରାୟ 50,000 ଶିଶୁଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ । ବର୍ତ୍ତମାନ, ଏଭଳି ଟିକାକରଣ କାର୍ଯ୍ୟକ୍ରମ ଦେଶର ମାତ୍ର ପାଞ୍ଚଟି ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି ।

ପିଏମ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନାର ଶୁଭାରମ୍ଭ

ଚଳିତ ବଜେଟରେ ଏକ ନୂତନ କେନ୍ଦ୍ରୀୟ ସଂସ୍ଥା ଗଠନ ନିମନ୍ତେ ପ୍ରସ୍ତାବ ରହିଛି । ତାହା ପିଏମ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ଭାବେ ପରିଚିତ ହେବ । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ଏହା କାର୍ଯ୍ୟକରିବ। ଏହି ଯୋଜନାରେ 64,180 କୋଟି ଟଙ୍କା ବ୍ୟୟ କରାଯିବ । ଏହା ଅଧୀନରେ ଦେଶର ପ୍ରାଥମିକ, ସେକେଣ୍ଡାରୀ ତଥା ଟର୍ସିଆରୀ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଉନ୍ନତିକରଣ କରାଯିବ।

ଏମଏସଏମଇ କ୍ଷେତ୍ରକୁ ପ୍ରୋତ୍ସାହନ

ଅର୍ଥନୀତିର ପୁନରୁତ୍ଥାନ ନିମନ୍ତେ, ଦେଶର ଏମଏସଏମଇ କ୍ଷେତ୍ର ସକାଶେ ୧୫,୭୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି; ଗତବର୍ଷ ବଜେଟରେ ଏଥିପାଇଁ ଯେତିକି ଅର୍ଥ ବ୍ୟବସ୍ଥା କରାଯାଇଥିଲା ଚଳିତ ବର୍ଷ ତାହା ଦ୍ୱିଗୁଣିତ ହୋଇଛି ।

05 କୋଟି ନୂତନ କର୍ମନିଯୁକ୍ତି ସୃଷ୍ଟି କରାଯିବ

ବୟନ ଶିଳ୍ପକୁ ସୁଦୃଢ଼ କରିବା ନିମନ୍ତେ ଦେଶରେ ଆଉ 7ଟି ନୂତନ ବୟନଶିଳ୍ପ ମେଗା ପାର୍କ ପ୍ରତିଷ୍ଠା କରାଯିବ ।

ଆଗାମୀ ପାଞ୍ଚବର୍ଷ ମଧ୍ୟରେ 13ଟି କ୍ଷେତ୍ରରେ ପିଏଲଆଇ ଯୋଜନା ନିମନ୍ତେ 1.97 ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ ।

74% ବୀମା କ୍ଷେତ୍ରରେ ଏଫଡିଆଇ ସୀମାକୁ ବୃଦ୍ଧି ପାଇଁ ଅନୁମତି ଦିଆଯାଇଛି ।

ଏମଏସଏମଇ କ୍ଷେତ୍ରକୁ ଦେଶ ଅର୍ଥନୀତିର ମେରୁଦଣ୍ଡ ଭାବେ ବିବେଚନା କରାଯାଇଥାଏ । କରୋନା ମହାମାରୀ କାଳରେ ଏହା ସର୍ବାଧିକ ମାତ୍ରାରେ ପ୍ରଭାବିତ ହୋଇଥିଲା । ସମ୍ଭବତଃ ଏହି କାରଣରୁ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଚଳିତ ବଜେଟରେ ଏହି କ୍ଷେତ୍ରକୁ ସର୍ବାଧିକ ରିହାତି ପ୍ରଦାନର ପ୍ରସ୍ତାବ ରଖିଛନ୍ତି । ନିବେଶ ସୀମା ଓ କାରବାର ପରିମାଣକୁ ବିଚାରକୁ ନେଇ ସରକାର ଏମଏସଏମଇର ସଂଜ୍ଞାର ପୁନଃନିରୂପଣ କରିଛନ୍ତି । ଇତି ପୂର୍ବରୁ 2020 ଜୁନ ମାସରେ ଏହି ସଂଜ୍ଞାର ସଂଶୋଧନ କରାଯାଇଥିଲା। ବର୍ତ୍ତମାନର ସଂଜ୍ଞା ଅନୁସାରେ, କ୍ଷୁଦ୍ର କମ୍ପାନୀମାନଙ୍କର କ୍ୟାପିଟାଲ ବେସକୁ 50ଲକ୍ଷ ଟଙ୍କାରୁ 2 କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି । ଏହା ଫଳରେ ଦେଶର ପ୍ରାୟ ୨ ଲକ୍ଷ କମ୍ପାନୀ ଉପକୃତ ହୋଇପାରିବେ । ସରକାର ଏହି ଦିଗରେ ଡାଟା ଆନାଲିସିସ୍ ବ୍ୟବସ୍ଥା ଆରମ୍ଭ କରିବା ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ମେସିନ ଲର୍ଣ୍ଣିଂ ଯାହାକି 2021-22ବର୍ଷରେ ଏମସିଏ୨୧ ସଂସ୍କରଣ ଦ୍ୱାରା ପରିଚାଳନା କରାଯିବ । ଇ-ନିରାପତ୍ତା, ଇ-ଆଡଜଷ୍ଟମେଣ୍ଟ, ଇ-ପରାମର୍ଶ ଏବଂ କମ୍ପ୍ଲିଆନ୍ସ ପରିଚାଳନା ସକାଶେ ଏହା ଅତିରିକ୍ତ ମଡ୍ୟୁଲ୍ ଯୋଗାଇବ । ଦେଶର ଅର୍ଥନୀତିକ ବିକାଶରେ ଏମଏସଏମଇର ଅବଦାନର ମାତ୍ରାକୁ 30 ପ୍ରତିଶତରୁ 40 ପ୍ରତିଶତକୁ ବଢ଼ାଇ ଦେବା ନିମନ୍ତେ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଲକ୍ଷ୍ୟର ଅଂଶବିଶେଷ ସ୍ୱରୂପ ଏମଏସଏମଇର ରପ୍ତାନୀ ମାତ୍ରାକୁ 48 ପ୍ରତିଶତରୁ 60 ପ୍ରତିଶତକୁ ବୃଦ୍ଧି କରାଯିବ। ସେହିଭଳି ନିବେଶକମାନଙ୍କ ସୁରକ୍ଷା ନିମନ୍ତେ ପ୍ରଥମ ଥର ପାଇଁ ଏକ ନିବେଶକ ସନନ୍ଦ ଅଣାଯିବାର ଯୋଜନା ରଖାଯାଇଛି । ଷ୍ଟାର୍ଟ ଅପମାନଙ୍କ ସକାଶେ ଟିକସ ଛାଡ଼ ଦାବି (ଟ୍ୟାକ୍ସ ହଲିଡ଼େ କ୍ଲେମ୍) ଯୋଗ୍ୟତାକୁ ଆଉ ଏକ ବର୍ଷ ପାଇଁ ବଢ଼ାଇ ଦିଆଯାଇଛି । ଲୁହା ଓ ତତ୍ ସଂପର୍କୀତ ଅନ୍ୟାନ୍ୟ କଞ୍ଚାମାଲ ଉପରେ ବହିଃଶୁଳ୍କକୁ ହ୍ରାସ କରାଯାଇଛି । ଭାରତୀୟ ସୌର ଶକ୍ତି ନିଗମରେ 1,000 କୋଟି ଟଙ୍କାର ପୁଂଜି ପ୍ରବେଶ କରାଯିବ ଏବଂ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ପ୍ରାଧିକରଣରେ 1,500 କୋଟି ଟଙ୍କାର ପୁଞ୍ଜି ଲଗାଣ ନିମନ୍ତେ ସରକାର ସ୍ଥିର କରିଛନ୍ତି ।

ଶୁଳ୍କ ଛାଡ଼ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଛାଡ଼କୁ ସୁସଂଗତ କରାଯାଇଛି ଯାହାକି ପୋଷାକ, ଚମଡ଼ା ଓ ହସ୍ତଶିଳ୍ପ ସାମଗ୍ରୀର ରପ୍ତାନୀକୁ ପ୍ରୋତ୍ସାହିତ କରିବ ।

ଗବେଷଣା ଓ କୌଶଳ ବିକାଶକୁ ପ୍ରୋତ୍ସାହନ

ରାଷ୍ଟ୍ରୀୟ ଶିକ୍ଷା ନୀତି ଉପରେ ସରକାର ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି; ସେଥି ନିମନ୍ତେ କୌଶଳଭିତ୍ତିକ ଶିକ୍ଷା ଉପରେ ମହତ୍ତ୍ୱ ପ୍ରଦାନ ପୂର୍ବକ ଅନେକ ଗୁଡ଼ିଏ ନୂତନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

₹50,000

ରାଷ୍ଟ୍ରୀୟ ଶିକ୍ଷା ଗବେଷଣା ନ୍ୟାସ ନିମନ୍ତେ 50,000 କୋଟି ଟଙ୍କାର ବ୍ୟୟବରାଦ

750

ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ 750ଟି ନୂତନ ଏକଲବ୍ୟ ମଡ଼େଲ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବ ।

15,000

ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ସାରା ଦେଶରେ 15,000 ଟି ବିଦ୍ୟାଳୟକୁ ସୁଦୃଢ଼ କରାଯିବ ।

ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନଇପି)କୁ ପ୍ରବର୍ତ୍ତନ କରିବା ଉପରେ ସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଏନଇପି ଅନୁସାରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ଉନ୍ନତ କରାଯିବ ଏବଂ ଗୁଣାତ୍ମକ ଶିକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ । କୌଶଳଭିତ୍ତିକ ଶିକ୍ଷା ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ । ଲେହ ଠାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଖୋଲିବା ନିମନ୍ତେ ସରକାର ଘୋଷଣା କରିଛନ୍ତି । ବଜେଟରେ ମଧ୍ୟ ପ୍ରସ୍ତାବ ରଖାଯାଇଛି ଯେ ଦେଶରେ ଉଚ୍ଚଶିକ୍ଷାର ମାନରେ ଉନ୍ନତି ଆଣିବା ସକାଶେ ଏକ ଉଚ୍ଚ ଶିକ୍ଷା କମିଶନ ଗଠନ ନିମନ୍ତେ ସରକାର ଆଇନ ଆଣିବେ । ସେହଭଳି ଏକ ରାଷ୍ଟ୍ରୀୟ ଡିଜିଟାଲ ଶିକ୍ଷା ସୌଧ (ଏନଡ଼ିଇଏଆର) ସ୍ଥାପନ କରାଯିବ ଯାହାକି ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ କାର୍ଯ୍ୟକଳାପକୁ ସହଯୋଗ କରିବ ଏବଂ ଏଥି ସହ କେନ୍ଦ୍ର, ରାଜ୍ୟ ତଥା କେନ୍ଦ୍ରଶାସିତ କ୍ଷେତ୍ରମାନଙ୍କ ଶୈକ୍ଷିକ ଯୋଜନା ପ୍ରସ୍ତୁତି, ନିୟନ୍ତ୍ରଣ ଓ ପ୍ରଶାସନିକ କାର୍ଯ୍ୟରେ ସହଯୋଗ କରିବ । ଏଥିସହ ଏକ ରାଷ୍ଟ୍ରୀୟ ଭାଷା ଅନୁବାଦ ମିଶନ ଆରମ୍ଭ କରାଯିବ ଯାହାକି ସମସ୍ତ ଭାରତୀୟ ଭାଷାରେ ଉପଲବ୍ଧ ଗଭର୍ଣ୍ଣାନ୍ସ ଏବଂ ନୀତି ସଂପର୍କୀତ ଜ୍ଞାନକୁ ଅନୁବାଦ କରି ସମସ୍ତଙ୍କ ନିକଟରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରିବ । ତଫସିଲଭୁକ୍ତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମେଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଯଥାରୀତି ଜାରି ରହିବ ।

> ଏକଲବ୍ୟ ଆବାସିକ ବିଦ୍ୟାଳୟଗୁଡ଼ିକର ୟୁନିଟ୍ ମୂଲ୍ୟକୁ ଆଦିବାଦୀ ଅଧୁଷିତ କ୍ଷେତ୍ରରେ ୩୫କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି ଏବଂ ପାର୍ବତ୍ୟ ତଥା ଅନ୍ୟାନ୍ୟ ଜଟିଳ କ୍ଷେତ୍ରରେ ଏହାର ୟୁନିଟ ପିଛା ମୂଲ୍ୟକୁ ୪୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

ଯୁବକମାନଙ୍କ ମଧ୍ୟରେ କୌଶଳ ବୃଦ୍ଧି ନିମନ୍ତେ ସରକାର କେତେଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଜାପାନ ସରକାରଙ୍କ ସହଯୋଗରେ ବିଶେଷ ତାଲିମ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ଯଦ୍ୱାରା ଆଗ୍ରହୀ ପ୍ରଶିକ୍ଷାର୍ଥୀମାନଙ୍କୁ ଶୈଳ୍ପିକ ଓ ଧନ୍ଦାମୂଳକ କୌଶଳ, ବୈଷୟିକ ଜ୍ଞାନ ଓ ଅନ୍ୟାନ୍ୟ ଶିକ୍ଷା ପ୍ରଦାନ କରାଯିବ ।

କୃଷି

ଏକ ବିଶାଳ କୃଷି ଭିତ୍ତିଭୂମି ସ୍ଥାପନ ନିମନ୍ତେ

ଉତ୍ପାଦନ ମୂଲ୍ୟର ଦେଢ଼ଗୁଣ ଅଧିକ ମୂଲ୍ୟରେ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଯୋଗାଇ ଦିଆଯାଉଛି; ଏବଂ ୨୦୨୨ ମସିହା ସୁଦ୍ଧା କୃଷକମାନଙ୍କ ଉପାର୍ଜନ ଦ୍ୱିଗୁଣିତ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

କପା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି କରାଯାଇଛି

କୃଷି ଋଣ ଲକ୍ଷ୍ୟକୁ 16.5 ଲକ୍ଷ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି ।

ଅଣୁ ଜଳସେଚନ ପାଣ୍ଠିକୁ ଦ୍ୱିଗୁଣିତ କରି 10,000 କୋଟିକୁ ବୃଦ୍ଧି କରାଯାଇଛି ।

ପାଞ୍ଚଟି ପ୍ରମୁଖ ମାଛଧରା ବନ୍ଦର- କୋଚି, ଚେନ୍ନାଇ, ବିଶାଖାପଟ୍ଟନମ୍, ପାରାଦୀପ ଓ ପେଟୁଆଘାଟକୁ – ସକ୍ରିୟ ଆର୍ଥିକ ପେଣ୍ଠସ୍ଥଳୀ ଭାବେ ବିକଶିତ କରାଯିବ।

ଭାରତ ମୁଖ୍ୟତଃ ଏକ କୃଷି ଭିତ୍ତିକ ଅର୍ଥନୀତି । ଏହି କ୍ଷେତ୍ର ଉପରେ ଗୁରୁତ୍ୱ ଆରୋପ କରି କୃଷକମାନଙ୍କ ଉପାର୍ଜନ ଦ୍ୱିଗୁଣିତ କରିବା ସକାଶେ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଚଳିତ ବର୍ଷର ସାଧାରଣ ବଜେଟରେ ଅନେକ ଗୁଡ଼ିଏ ବ୍ୟବସ୍ଥା ଘୋଷଣା କରିଛନ୍ତି। ବଜେଟରେ ପ୍ରସ୍ତାବ ଦିଆଯାଇଥିବା ବିଭିନ୍ନ ପ୍ରାବଧାନ ମଧ୍ୟରେ କୃଷି ଭିତ୍ତିଭୂମିର ଉନ୍ନତିକରଣ ସକାଶେ ଭଣ୍ଡାରଣ, ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ଓ କ୍ୟାରେଜ ସୁବିଧା ଆଦି ଅନ୍ତର୍ଭୁକ୍ତ । କୃଷି ଭିତ୍ତିଭୂମି ପାଣ୍ଠିରୁ ଏଭଳି ଉତ୍ତମ ବ୍ୟବସ୍ଥା ନିମନ୍ତେ ଏପିଏମସି ମଣ୍ଡିର ବିକାଶ ଘଟାଯିବ । 2021-22 ବଜେଟରେ କୃଷି କ୍ଷେତ୍ର ନିମନ୍ତେ 1.48 ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଫପିଓମାନଙ୍କୁ ପ୍ରୋତ୍ସାହିତ କରି କ୍ଷୁଦ୍ରଚାଷୀମାନଙ୍କ ଉପାର୍ଜନ ବୃଦ୍ଧି କରାଯିବ । ଅପରେସନ୍ ଗ୍ରୀନ୍ ଯୋଜନା ଅଧୀନରେ ବାଇଶଟି ନୂତନ ପଚନଯୋଗ୍ୟ ଉତ୍ପାଦକୁ ସାମିଲ କରାଯାଇଛି ଯଦ୍ୱାରା କୃଷି ଓ ସଂପର୍କୀତ ଉତ୍ପାଦରେ ଗୁଣାତ୍ମକ ମୂଲ୍ୟ ସଂଯୋଗ କରାଯାଇପାରିବ । ତାମିଲ ନାଡୁରେ ଏକ ବିବିଧଧର୍ମୀ ସମୁଦ୍ର ଗୁଳ୍ମ ପାର୍କ ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖାଯାଇଛି ଯଦ୍ୱାରା ସାମୁଦ୍ରିକ ଗୁଳ୍ମ ଚାଷକୁ ପ୍ରୋତ୍ସାହିତ କରାଯିବ । ସେହିଭଳି ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ 40,000କୋଟି ଟଙ୍କା ବ୍ୟୟ କରାଯିବ ଏବଂ ଚା ବଗିଚା ଶ୍ରମିକମାନଙ୍କ ବିକାଶ ନିମନ୍ତେ 1,000 କୋଟି ଟଙ୍କା ପ୍ରଦାନ କରାଯିବ । ଅନଲାଇନ ବାଣିଜ୍ୟ ପ୍ଲାଟଫର୍ମ ଇ- ନାମ୍ ସହିତ ଦେଶର 1000ରୁ ଅଧିକ ନୂତନ ମଣ୍ଡିକୁ ସାମିଲ କରାଯିବ ।

ଗ୍ରାମାଞ୍ଚଳ କ୍ଷେତ୍ରରେ ମତ୍ସ୍ୟଚାଷ ଓ ଉଦ୍ୟାନକୃଷିର ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଛି । ସେହିଭଳି ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରରେ ସ୍ୱାମୀତ୍ୱ ଯୋଜନା ପ୍ରବର୍ତ୍ତନ କରାଯିବ ।

ପ୍ରତିରକ୍ଷା

ପ୍ରତିରକ୍ଷା ବଜେଟ ପରିମାଣ 4.78 ଲକ୍ଷ କୋଟିକୁ ବୃଦ୍ଧି

ପ୍ରତିରକ୍ଷା କ୍ଷେତ୍ର ନିମନ୍ତେ ଅର୍ଥ ବରାଦରେ 19% ବୃଦ୍ଧି ଘଟାଯାଇଛି ଯଦ୍ୱାରା ଆଧୁନିକୀକରଣକୁ ବଡ଼ ଧରଣର ପ୍ରୋତ୍ସାହନ ମିଳିପାରିବ ।

₹4.78

ପ୍ରତିରକ୍ଷା ବିଭାଗ ପାଇଁ 4.78 ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ । 2014 ମସିହାରେ ତାହା 2.29ଲକ୍ଷ କୋଟି ଟଙ୍କା ଥିଲା ।

18.75%

ସଶସ୍ତ୍ର ସେନାର ଆଧୁନିକୀକରଣ ନିମନ୍ତେ ବଜେଟରେ 18.75% ବୃଦ୍ଧି



100

ଦେଶରେ ଆଉ ନୂତନ ସୈନିକ ବିଦ୍ୟାଳୟ ସ୍ଥାପନ କରାଯିବ ।

ପ୍ରତିରକ୍ଷା ଆଧୁନିକୀକରଣ ନିମନ୍ତେ କେନ୍ଦ୍ର ବଜେଟରେ ଐତିହାସିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । ଏଥି ପାଇଁ ପ୍ରତିରକ୍ଷା ବଜେଟ ଅର୍ଥରେ 18.75 % ବୃଦ୍ଧି ଘଟାଯାଇଛି। ଗତ 15 ବର୍ଷ ମଧ୍ୟରେ ପ୍ରତିରକ୍ଷା ବଜେଟ ପାଇଁ ହୋଇଥିବା ବ୍ୟୟ ବରାଦରେ ଏହା ସର୍ବାଧିକ ବୃଦ୍ଧି । 2021-22 ଆର୍ଥିକ ବର୍ଷରେ ପ୍ରତିରକ୍ଷା ବିଭାଗ ପାଇଁ ବଜେଟରେ 4,78,195.62 କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି ।

> ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହନ ଯୋଗାଇ ଦେବା ଉଦ୍ଦେଶ୍ୟରେ ଡିଆରଡିଓ ପାଇଁ ପୁଞ୍ଜି ବ୍ୟୟବରାଦ ବୃଦ୍ଧି। ସୀମା ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ପଦକ୍ଷେପ।

- ପୁଞ୍ଜି ବ୍ୟୟ ନିମନ୍ତେ ହୋଇଥିବା ମଂଜୁରୀ ଯାହାକି ଆଧୁନିକୀକରଣ ଏବଂ ଭିତ୍ତିଭୂମିର ବିକାଶ ସଂପର୍କୀତ, ସେଥିରେ 2021-22-22ଆର୍ଥିକ ବର୍ଷରେ 1,35,060.72 କୋଟି ଟଙ୍କା ବୃଦ୍ଧି କରାଯାଇଛି । ଏହା 2020-21 ଆର୍ଥିକ ବର୍ଷ ବଜେଟ ତୁଳନାରେ 18.75 % ବୃଦ୍ଧି ଏବଂ 2019-20 ଆର୍ଥିକ ବର୍ଷ ତୁଳନାରେ 30.62 % ଅଧିକ ବୋଲି ବିବେଚନା କରାଯାଇପାରେ ।
- ପ୍ରତିରକ୍ଷା ସେବା ଏବଂ ଅନ୍ୟାନ୍ୟ ବିଭାଗ ଯାହାକି ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ରହିଛି, କିନ୍ତୁ ସେଥିରୁ ପ୍ରତିରକ୍ଷା ପେନସନ୍ ବ୍ୟବସ୍ଥା ବାଦ୍, ସେଥିପାଇଁ 2021-22 ଆର୍ଥିକ ବର୍ଷ ନିମନ୍ତେ 3,62,345,62 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । 2020-21 ଆର୍ଥିକ ବର୍ଷର ପ୍ରତିରକ୍ଷା ବଜେଟ ତୁଳନାରେ ଏହା 24,792.62 କୋଟି ଟଙ୍କା ଅଧିକ ।
- ଅଣ- ବେତନ ରାଜସ୍ୱ ଯାହାକି ଅପରେସନାଲ ଆବଶ୍ୟକତା ଭାବେ ବିବେଚିତ ସେଥିପାଇଁ 54,624.67 କୋଟି ଟଙ୍କାର ପ୍ରାବଧାନ କରାଯାଇଛି । 2020-21 ଆର୍ଥିକ ବର୍ଷ ତୁଳନାରେ ତାହା 6 ପ୍ରତିଶତ ଅଭିବୃଦ୍ଧି ବୋଲି ଜଣାପଡ଼ିଛି ।
- ଡିଆରଡିଓ ପାଇଁ ଅର୍ଥ ମଂଜୁରୀ ସ୍ୱରୂପ 11,375.50 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।
- ସୀମା ସଡ଼କ ସଂଗଠନ (ବିଆରଓ) ନିମନ୍ତେ ବଜେଟ ବ୍ୟୟ ପ୍ରାବଧାନକୁ 6004.08 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ଯାହାକି ପୂର୍ବ ବର୍ଷ ବ୍ୟୟ ବରାଦ ତୁଳନାରେ 7.48 ପ୍ରତିଶତ ଅଧିକ ।

ନୂତନ ଦଶନ୍ଧିରେ ଆତ୍ମନିର୍ଭର ଭାରତର ମୂଳଦୁଆ ପକାଇବ ବଜେଟ-ଅର୍ଥମନ୍ତ୍ରୀ

ଆତ୍ମନିର୍ଭରଶୀଳତା କେବଳ 130 କୋଟି ଭାରତବାସୀଙ୍କ ଅଭିବ୍ୟକ୍ତି ନୁହେଁ ବରଂ 2020 ମସିହାରେ ଅକ୍ସଫୋର୍ଡ ଅଭିଧାନରେ ଏହି ହିନ୍ଦୀ ଶବ୍ଦ ସ୍ଥାନିତ ହୋଇଛି । ସମ୍ଭବତଃ ପ୍ରଥମଥର ପାଇଁ ଇତିହାସରେ ଦେଶକୁ ଆତ୍ମନିର୍ଭର କରିବା ଦୃଷ୍ଟିଭଙ୍ଗୀ ନେଇ ବଜେଟରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ବଜେଟ୍ କାହିଁକି ଭିନ୍ନ ଏ ସମ୍ପର୍କରେ ନ୍ୟୁ ଇଣ୍ଡିଆ ସମାଚାର ପରାମର୍ଶଦାତା ସମ୍ପାଦକ ସନ୍ତୋଷ କୁମାରଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତରମଣ ।

କୁହାଯାଏ ଯେ ଏକ ଭିତ୍ତିଭୂମି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ 5ବର୍ଷ ଲାଗିପାରେ । ମାତ୍ର ନିଯୁକ୍ତି ସୁଯୋଗ ତତ୍କ୍ଷଣାତ ସୃଷ୍ଟି ହୋଇଥାଏ । ଏହା ସାଙ୍ଗେ ସାଙ୍ଗେ ଅର୍ଥନୀତିକୁ ଗତି ପ୍ରଦାନ କରିଥାଏ ।

Q ଆତ୍ମନିର୍ଭର ଭାରତ ଅଭିଯାନ ଘୋଷଣା ପରେ ଏହା ହେଉଛି ପ୍ରଥମ ବଜେଟ୍। ଆତ୍ମ ନିର୍ଭର ଭାରତ ପଥରେ ଆମକୁ ଆଗକୁ ନେବାରେ ଏହି ବଜେଟ୍ କିପରି ସହାୟକ ହେବ ?

A ଆତ୍ମନିର୍ଭରଶୀଳତା ଏକ ନୂତନ ପରିକଳ୍ପନା ନୁହଁ । ପ୍ରାଚୀନ ଭାରତ ବହୁ ଦୃଷ୍ଟିରୁ ଆତ୍ମ ନିର୍ଭରଶୀଳ ଥିବା ସହ ବିଶ୍ୱରେ ବ୍ୟବସାୟ ପ୍ରାଣକେନ୍ଦ୍ର ହୋଇଥିଲା। ଆତ୍ମନିର୍ଭର ଭାରତ ହେଉଛି 130କୋଟି ଭାରତବାସୀଙ୍କ ଅଭିବ୍ୟକ୍ତି ଯେଉଁମାନେ ନିଜର କୌଶଳ ଓ ସାମର୍ଥ୍ୟ ଉପରେ ବିଶ୍ୱାସୀ । ମେ' 2020ରେ ସରକାର ଆତ୍ମନିର୍ଭର ଭାରତ (ANB)ର ପ୍ରଥମ ପର୍ଯ୍ୟାୟ ଘୋଷଣା କଲେ। ପରେ ପରେ ଦୁଇଟି ପର୍ଯ୍ୟାୟ (ANB-2.0 ଓ ANB 3.0) ଘୋଷିତ ହେଲା । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସମାଜର ଅବହେଳିତ ବର୍ଗଙ୍କ ନିମନ୍ତେ ବ୍ୟବସ୍ଥା କଲୁ । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା, ତିନୋଟି ଏ.ଏନ.ବି ପ୍ୟାକେଜ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ହୋଇଥିବା ଘୋଷଣା ପାଞ୍ଚୋଟି ମିନି ବଜେଟ୍‌ର ସମକକ୍ଷ । ଆତ୍ମ ନିର୍ଭର ପ୍ୟାକେଜ ଢାଞ୍ଚାଗତ ସଂସ୍କାରକୁ ଗତିପ୍ରଦାନ କଲା ।

“ ଆମେ କୋଭିଡ ଟୀକା ପାଇଁ ୩୫ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛୁ । ଏଇଟା କେବଳ ଏଇବର୍ଷ ପାଇଁ ଉଦ୍ଦିଷ୍ଟ । ଯଦି ଏ ବାବଦରେ ଅଧିକ ଖର୍ଚ୍ଚ ଦରକାର ପଡେ ତାହା ଦେବା ପାଇଁ ମୁଁ ଅଙ୍ଗୀକାରବଦ୍ଧ । ”

Q&A

ବଜେଟ୍ ଖସଡା ପ୍ରସ୍ତୁତ କଲାବେଳେ ଆପଣ କାହା ଉପରେ ଅଗ୍ରାଧିକାର ଦେଇଥିଲେ ?

ବଜେଟ୍ ପ୍ରସ୍ତାବର ଛଅଟି ସ୍ତମ୍ଭ:

- ସ୍ୱାସ୍ଥ୍ୟ ଓ ସୁଧାର
- ବସ୍ତୁ ଓ ଆର୍ଥିକପୁଞ୍ଜି ଏବଂ ଭିତ୍ତିଭୂମି
- ମାନବ ସମ୍ବଳ ସୁବିନିଯୋଗ
- ଉଦ୍‌ଭାବନ ଏବଂ ଗବେଷଣା ବିକାଶ
- ନ୍ୟୁନତମ ସରକାର ଏବଂ ସର୍ବାଧିକ ପ୍ରଶାସନ

Q କୃଷକ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀଙ୍କ କଲ୍ୟାଣ ହେଉଛି ଏହି ସରକାରଙ୍କ ପ୍ରାଥମିକତା । ସେମାନେ ଏହି ବଜେଟ୍‌ରୁ କ'ଣ ଆଶା କରିବେ ?

A ସରକାର କୃଷକମାନଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ। ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନା ପ୍ରବର୍ତ୍ତନ କରିଛନ୍ତି। ଯୋଜନା ଅନୁସାରେ ଗ୍ରାମାଞ୍ଚଳରେ ସମ୍ପତ୍ତି ମାଲିକମାନଙ୍କୁ କାଗଜପତ୍ରରେ ଅଧିକାର ପ୍ରଦାନ କରାଯାଉଛି । ଏପର୍ଯ୍ୟନ୍ତ 1241ଟି ଗ୍ରାମରେ 1ଲକ୍ଷ 80ହଜାର ସମ୍ପତ୍ତି ମାଲିକ ସେମାନଙ୍କ ମାଲିକାନା କାଗଜପତ୍ର ପାଇଛନ୍ତି । ମୁଁ ବର୍ତ୍ତମାନ ଏହି ଯୋଜନା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ପ୍ରସାରିତ କରିବାକୁ ପ୍ରସ୍ତାବ ରଖିଛି । 2021-22 ଆର୍ଥିକ ବର୍ଷ ନିମନ୍ତେ ମୁଁ କୃଷିଋଣ ଲକ୍ଷ୍ୟ 16.5 ଲକ୍ଷ କୋଟିକୁ ବୃଦ୍ଧି କରିଛି । ପଶୁପାଳନ, ଦୁଗ୍ଧ ଉତ୍ପାଦନ ଓ ମାଛଚାଷ ପାଇଁ ଅଧିକ ଋଣ ପ୍ରଦାନ ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ନିମନ୍ତେ ଆମେ ବ୍ୟୟବରାଦ ପରିମାଣ 30ରୁ 40ହଜାର କୋଟିକୁ ବୃଦ୍ଧି କରିଛୁ । 5 ହଜାର କୋଟି ମୂଳପୁଞ୍ଜି ସହ ଅଣୁ ଜଳସେଚନ ପାଣ୍ଠି ସୃଷ୍ଟି କରାଯାଇଛି । ଆଉ 5ହଜାର କୋଟି ଟଙ୍କା ଦେଇ ଏହାକୁ ଦ୍ୱିଗୁଣିତ କରିବାକୁ ମୁଁ ପ୍ରସ୍ତାବ ରଖିଛି । ରପ୍ତାନୀ ଉଦ୍ଦେଶ୍ୟରେ କୃଷିର ଗୁଣାତ୍ମକ ମାନ ରକ୍ଷା ପୂର୍ବକ 'ଅପରେସନ ଗ୍ରୀନ ଯୋଜନା'ର ପରିସର ବ୍ୟାପକ କରଯାଇଛି ।

ଏବେ ଏଥିରେ କେବଳ ଟମାଟୋ, ଆଳୁ ଓ ପିଆଜ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏବେ ପଚିସଢି ଯିବା ସମ୍ଭାବନା ଥିବା 22ଟି ଅଧିକ ସାମଗ୍ରୀ ଅନୁର୍ଭୁକ୍ତ କରାଯାଇଛି । ସ୍ୱଚ୍ଛତା ଓ ପ୍ରତିଯୋଗିତା ମୂଳକ ମନୋଭାବକୁ ଦୃଷ୍ଟିରେ ରଖି ବଜାରକୁ ଇ-ନାମ ସହ ଯୋଡା ଯାଇ ଏକହଜାର ଅଧିକ ମଣ୍ଡିକୁ ଇ-ନାମ ଅଧୀନକୁ ଅଣାଯାଇଛି। ଭିତ୍ତିଭୂମି ସୁବିଧା ବୃଦ୍ଧି କରିବା ପାଇଁ ଏପିଏମସି ଗୁଡିକୁ କୃଷି ଭିତ୍ତିଭୂମି ପାଣ୍ଠି ଯୋ।ଗାଇ ଦିଆଯିବ ।

ଅଣସଂଗଠିତ ଶ୍ରମିକ ବିଶେଷକରି ଦାଦନ ଶ୍ରମିକଙ୍କ ପାଇଁ ମୁଁ ଏକ ପୋର୍ଟାଲ ଆରମ୍ଭ କରିବାକୁ ପ୍ରସ୍ତାବ ରଖିଛି ଯେଉଁଥିରେ ନିର୍ମାଣ ଶ୍ରମିକ, କୋଠାବାଡି କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସବିଶେଷ ବିବରଣୀ ରଖିବ । ସର୍ବନିମ୍ନ ମଜୁରୀ ପ୍ରତ୍ୟେକ ଶ୍ରେଣୀର ଶ୍ରମିକଙ୍କ ପାଇଁ ଲାଗୁ ହେବା ସହ ସେମାନେ କର୍ମଚାରୀ ରାଜ୍ୟ ବୀମାନିଗମର ଅନ୍ତର୍ଭୁକ୍ତ ହେବେ । ମହିଳାମାନେ ମଧ ସବୁ ଶ୍ରେଣୀ କାର୍ଯ୍ୟ ଓ ଏପରିକି ରାତି ସିପ୍ଟରେ ନିରାପତ୍ତା ବ୍ୟବସ୍ଥା ସହ ନିୟୋଜିତ ହେବେ ।

Q ପ୍ରଧାନମନ୍ତ୍ରୀ ସବୁବେଳେ ଯୁବଶକ୍ତିର ସାମର୍ଥ୍ୟ ଉପରେ କହିବା ସହ ସେମାନେ ଆତ୍ମନିର୍ଭର ଭାରତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମତଦିଅନ୍ତି। ଏହି ପରିପ୍ରେକ୍ଷୀରେ ବଜେଟ କେତେ ତାତ୍ପର୍ଯ୍ୟପୂର୍ଣ୍ଣ?

A ଯୁବଗୋଷ୍ଠୀ ନିମନ୍ତେ ଅଧିକ ଶିକ୍ଷା ନବୀଶଙ୍କୁ ସୁଯୋଗ ଦେବା ପାଇଁ ସରକାର ଶିକ୍ଷାନବୀଶ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ରଖିଛନ୍ତି । ଆମେ ବର୍ତ୍ତମାନର ଜାତୀୟ ଶିକ୍ଷା ନବୀଶ ତାଲିମ ଯୋଜନା (ଏନ.ଏ.ଟି.ଏସ)ର ପରିସର ବୃଦ୍ଧି କରି ଇଞ୍ଜିନିୟରିଂ ଡିପ୍ଲୋମାଧାରୀ, ସ୍ନାତକ ତାଲିମ ପାଠ ପରେ ଶିକ୍ଷା ବା ନବୀଶ ତାଲିମ ବୃଦ୍ଧି ପାଇଁ ଯୋଜନା କରୁଛୁ । ଏଥିପାଇଁ ତିନହଜାର କୋଟି ଟଙ୍କା

ଆମ ସରକାର ଦୀର୍ଘମିଆଦି ନୀତି ପ୍ରଣୟନ କରୁଛନ୍ତି । ଏହା ଦେଶର ଭଲ ପାଇଁ କାମ କରି ଚାଲିଛି । ଏହା ଆଗକୁ ମଧ୍ୟ ଜାରି ରହିବ ।

ପ୍ରଦାନ କରାଯିବ । ୟୁ.ଏ.ଇ ସହ ମିଶି ଏକ ଯୋଜନା କରାଯାଉଛି । ଏହା ଦ୍ୱାରା କୌଶଳବିକାଶ ପ୍ରମାଣପତ୍ର ପ୍ରଦାନ କରାଯିବ । ସେହିପରି ଜାପାନ ଶିଳ୍ପ ଓ ବୃତ୍ତିଗତ କୌଶଳ ବିନିମୟ ପାଇଁ ଏକ ମିଳିତ ତାଲିମ ଯୋଜନା ମଧ୍ୟ କରାଯାଇଛି । ଆମେ ଅନ୍ୟାନ୍ୟ ଦେଶ ସହ ମଧ୍ୟ ଏପରି ପଦକ୍ଷେପ ନେଇଛୁ ।

ଭାରତ ଉଚ୍ଚଶିକ୍ଷା ଆୟୋଗ ତ୍ୱରାନ୍ୱିତ କରିବା ପାଇଁ ଆମେ ଚଳିତବର୍ଷ ଏକ ବିଧେୟକ ଆଣିବୁ । ଏଥିରେ ଚାରିପ୍ରକାର ଯଥା-ମାନକ ନିର୍ଦ୍ଧାରଣ, ଅଧିସ୍ୱିକୃତୀ, ନିୟନ୍ତ୍ରଣ ଓ ପାଣ୍ଠିଯୋଗାଣ ଭଳି ଉପ ସଂସ୍ଥା ରହିବ। ସରକାରୀ ସହାୟତାରେ ଆମର ଅଧିକାଂଶ ନଗରୀରେ ବିଭିନ୍ନ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଚାଳିତ ହେଉଛି । ଏହିପରି ନଅଟି ମହାନଗରୀରେ ଏପରି ଏକ ବ୍ୟବସ୍ଥା କରିବ ଯାହାଫଳରେ ଆଭ୍ୟନ୍ତରୀଣ ସ୍ୱୟଂଶାସନ ରହିବା ସହ ଉତ୍ତମ ସମନ୍ୱୟ ରକ୍ଷା କରିହେବ । ଉଚ୍ଚଶିକ୍ଷାର ପ୍ରବର୍ତ୍ତନ ପାଇଁ ଲଦାଖର ଲେହଠାରେ ଆମେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛୁ ।

Q କରୋନା ବୈଶ୍ୱିକ ମହାମାରୀ କାଳରେ ଏମଏସଏମଇ କ୍ଷେତ୍ର ବିଶେଷ ପ୍ରଭାବିତ ହେଉଥିବାରୁ ସହାୟତା ପ୍ରଦାନ କରାଯାଇଥିଲା । ବଜେଟରେ ଏ କ୍ଷେତ୍ର ପାଇଁ କ'ଣ ବିଶେଷ ବ୍ୟବସ୍ଥା ରହିଛି ?

A MSME କ୍ଷେତ୍ରକୁ ସହାୟତା ଦେବା ପାଇଁ ଆମେ ବଜେଟ୍‌ରେ କେତେକ ବିଶେଷ ପଦକ୍ଷେପ ନେଇଛୁ। ଚଳିତବର୍ଷ ବଜେଟ ତୁଳନାରେ ଦ୍ୱିଗୁଣ ଅର୍ଥାତ୍ 15,700 କୋଟିର ମୁଁ ବ୍ୟୟବରାଦ କରିଛି । ଅନେକଗୁଡିଏ ସାମଗ୍ରୀରେ ଆମେ ବର୍ହିଶୁଳ୍କ ରିହାତି ଘୋଷଣା କରିଛୁ : .

Q ନୀତି ସଂସ୍କାର ଜରିଆରେ ଜୀବନର ସୁଗମତା ସରକାରଙ୍କ ମନ୍ତ୍ର ରହିଆସିଛି । ବଜେଟ୍‌ରେ ଏହି ପରି କ'ଣ କ'ଣ ସଂସ୍କାର ପରିବର୍ତ୍ତନ ହୋଇଛି ଓ

Q&A

ଆପଣ ହେଉଛନ୍ତି ପ୍ରଥମ ମହିଳା ଯିଏ ଦେଶର ପ୍ରଥମ ପ୍ରତିରକ୍ଷା ମନ୍ତ୍ରୀ ହୋଇଥିଲେ ଓ ଏବେ ଅର୍ଥମନ୍ତ୍ରୀ । ନବଭାରତ ବଜେଟ୍‌ରେ ମହିଳାଙ୍କ ନିମନ୍ତେ କ'ଣ ବ୍ୟବସ୍ଥା ଅଛି ?

ଉଜ୍ଜ୍ୱଳା ଯୋଜନା ଯାହା କି ଆଠ କୋଟି ପରିବାରକୁ ସୁବିଧା ପହଞ୍ଚାଇପାରିଛି ତାହା ଅତିରିକ୍ତ ଏକ କୋଟି ହିତାଧିକାରୀଙ୍କୁ ପ୍ରଦାନ କରାଯିବ । ମହିଳାମାନେ ସୁରକ୍ଷା ବ୍ୟବସ୍ଥା ସହ ନାଇଟ୍ ସିଫ୍ଟରେ ମଧ୍ୟ କାମ ପାରିବେ । ଆସାମ ଓ ପଶ୍ଚିମବଙ୍ଗର ଚାହା ବଗିଚାରେ ବିଶେଷକରି ମହିଳା ଓ ସେମାନଙ୍କ ପିଲାମାନଙ୍କ କଲ୍ୟାଣ ପାଇଁ ଏକ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବ ରଖାଯାଇଛି । ଷ୍ଟାଣ୍ଡ ଅପ ଇଣ୍ଡିଆ ଯୋଜନା ଅଧୀନରେ ମାର୍ଜିନ୍ ମନି ଆବଶ୍ୟକତା ଶତକଡା 25ରୁ 15ଭାଗକୁ କମାଇବା ପାଇଁ ପ୍ରସ୍ତାବ ରହିଛି ।

ତାହାର କି ପ୍ରଭାବ ପଡିବ?

A ଜଳ ଜୀବନ ମିଶନ (ସହରାଞ୍ଚଳ) ଆରମ୍ଭ କରାଯିବ । 4378ଟି ସ୍ଥାନୀୟ ନଗର ନିଗମର 2କୋଟି 8ଲକ୍ଷ ପରିବାରକୁ ଏହା ପାଇପ ଜଳ ଯୋଗାଇବ । ଏହାଛଡା 500 ଅମୃତ ସହରରେ ତରଳ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା କରିବ । ପାଞ୍ଚବର୍ଷ ମଧ୍ୟରେ ତ୍ୱରାନ୍ୱିତ ହେବାକୁ ଥିବା ଏହି ଯୋଜନା ପାଇଁ 2,87,000 କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି ।

2021-2026 ମଧ୍ୟରେ ପାଞ୍ଚବର୍ଷ ପାଇଁ ସହରାଞ୍ଚଳ ସୁସ୍ଥ ଭାରତ ମିଶନ 2.0 ତ୍ୱରାନ୍ୱିତ ହେବ । ଏଥିପାଇଁ 1,41,678 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବଜେଟରେ 42ଟି ସହରାଞ୍ଚଳ କେନ୍ଦ୍ରକୁ 2,217 କୋଟି ଟଙ୍କା ପ୍ରଦାନ ପାଇଁ ପ୍ରସ୍ତାବ ରହିଛି ।

ଏହାଛଡା ଆମେ ସହରାଞ୍ଚଳ ଗ୍ୟାସ ବିତରଣ ବ୍ୟବସ୍ଥାକୁ ତିନିବର୍ଷ ମଧ୍ୟରେ ଶହେରୁ ଅଧିକ ଜିଲ୍ଲାକୁ ସମ୍ପ୍ରସାରିତ କରିବୁ ।

ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳରେ ଏକ ଗ୍ୟାସ

ଯେତେବେଳେ ଆମେ ସ୍ୱାସ୍ଥ୍ୟ କ୍ଷେତ୍ର କଥା କହୁ ସେତେବେଳେ ପୋଷଣ ଓ ସ୍ୱଚ୍ଛତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏକ ସମନ୍ୱୟ ଢାଞ୍ଚାରେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ ।

ସର୍ବନିମ୍ନ ମଜୁରୀ ସବୁ ଶ୍ରେଣୀର ଶ୍ରମଜୀବୀଙ୍କ ନିମନ୍ତେ ଲାଗୁ ହେବ ଓ ସେମାନେ କର୍ମଚାରୀ ରାଜ୍ୟ ବୀମା ନିଗମ ଦ୍ୱାରା ପଞ୍ଜୀକୃତ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଓ ଏପରିକି ନାଇଟ ସିଫ୍ଟରେ ମଧ୍ୟ ମହିଳାମାନେ ଆବଶ୍ୟକ ସୁରକ୍ଷା ସହ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ।

ପାଇପଲାଇନ ପ୍ରକଳ୍ପକୁ ହାତକୁ ନିଆଯିବ। ବଜେଟରେ ସଡକ, ରେଳବାଇ, ମେଟ୍ରୋ ପରିବହନ ସମ୍ପର୍କରେ ମଧ୍ୟ ବଡ ବଡ ଯୋଜନା ରହିଛି । ଭିତ୍ତିଭୂମି ଉନ୍ନୟନ ଉପରେ ବଜେଟରେ ବିଶେଷ ଧ୍ୟାନ କେନ୍ଦ୍ରିତ ହୋଇଛି ।

Q **ସ୍ୱାସ୍ଥ୍ୟକ୍ଷେତ୍ର ଆଗରୁ ରାଜନୀତିରେ କେବେବି ଏତେ ଗୁରୁତ୍ୱପୂର୍ଣ୍ଣ ନ ଥିଲା । ମାତ୍ର ପ୍ରଥମ ଥର ନିମନ୍ତେ ସରକାର ସାର୍ବଜନୀନ ସ୍ୱାସ୍ଥ୍ୟ ସୁଧାର କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି । ଉଦାହରଣ ସ୍ୱରୂପ ପିଏମ୍‌ଜେଏୱାଇ ଆୟୁଷ୍ମାନ ଭାରତ ଯୋଜନାକୁ ଏଥିପାଇଁ ନିଆଯାଇଥିଲା। ଭାରତକୁ ସୁସ୍ଥ ଓ ସଶକ୍ତ କରିବା ପାଇଁ ଏହି ବଜେଟ୍ କେତେ କ୍ରିୟାଶୀଳ ହେବ ?**

A ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବଜେଟ୍‌ରେ ବ୍ୟୟବରାଦ ଆଶାତୀତ ବୃଦ୍ଧି ପାଇଛି । ଆରୋଗ୍ୟ, ନିରାକରଣ ଓ ସୁଧାର ଭଳି ତିନିଟି କ୍ଷେତ୍ରରେ ଆମେ ବିଶେଷ ଧ୍ୟାନ ଦେଉଛୁ । ଏକ ନୂତନ କେନ୍ଦ୍ର ପ୍ରାୟୋଜିତ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା ଛଅବର୍ଷ ପାଇଁ 64,180କୋଟି ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯିବ। ଏହା ପ୍ରାଥମିକ, ପ୍ରାରମ୍ଭିକ ଓ ତୃତୀୟ ପର୍ଯ୍ୟାୟରେ କରାଯାଇ ଦେଶରେ ଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକୁ ମଜବୁତ୍ କରିବ । ଏଥି ସହ ଏକ ନୂତନ ପ୍ରତିଷ୍ଠାନ ଖୋଲିବା ସହ ନୂତନ ରୋଗଗୁଡିକର ମଧ୍ୟ ଚିହ୍ନଟ ଓ ଚିକିତ୍ସା କରିବ । ନ୍ୟୁମୁକୋକାଲ ଟୀକା ଯାହା ଏବେ କେବଳ 5ଟି ରାଜ୍ୟରେ ସୀମିତ ରହିଛି, ତାହା ଦେଶବ୍ୟାପୀ ପ୍ରବର୍ତ୍ତିତ ହେବ । 2021-22 ବଜେଟ୍‌ରେ କୋଭିଡ ଟୀକା ପାଇଁ 35ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସ୍ୱାସ୍ଥ୍ୟ ଓ ସୁଧାର ପାଇଁ ବଜେଟ୍‌ରେ ବ୍ୟୟ ଅଟକଳ 2,23,846 କୋଟି ରଖାଯାଇଥିବାବେଳେ ଚଳିତବର୍ଷ ବଜେଟରେ ଏହା 94,452 କୋଟି ଥିଲା। ଆଗାମୀ ବଜେଟ୍‌ରେ 137ଭାଗ ବୃଦ୍ଧି ପାଇଛି ।

Q **ଡିଜିଟାଲ ଅର୍ଥନୀତି ନେଇ ସରକାରଙ୍କ ରଣନୀତି କ'ଣ ଓ ଏହାକୁ ଆଗକୁ ନେବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?**

A ନିକଟ ଅତୀତରେ ଡିଜିଟାଲ ଦେଣନେଣ ଆଶାତୀତ ବୃଦ୍ଧି ପାଇଛି । ଏହାକୁ ଆହୁରି ବଳ ଦେବା ପାଇଁ ବଜେଟରେ 15ହଜାର କୋଟିର ବ୍ୟୟବରାଦ ହୋଇଛି । ଡିଜିଟାଲ ଦେଣନେଣ ପାଇଁ ପ୍ରସ୍ତାବିତ ଯୋଜନାରେ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି । ■

ଚତୁର୍ଥ ଶିଳ୍ପ ବିପ୍ଲବ
ମାନବ ସମାଜର କଲ୍ୟାଣ ପାଇଁ ଭାରତ ଟେକ୍‌ନୋଲଜି ବ୍ୟବହାର କରିବାକୁ ପ୍ରସ୍ତୁତ

ଡିଜିଟାଇଜେସନ ଚତୁର୍ଥ ଶିଳ୍ପ ବିପ୍ଲବର ଭିତ୍ତି । ସେଥିପାଇଁ ଗତ 6 ବର୍ଷ ମଧ୍ୟରେ ଭାରତ ଏକ ଦୃଢ ଢାଞ୍ଚା ନିର୍ମାଣ କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଡାଭୋସ ଡାଇଲଗ (କଥାବାର୍ତ୍ତା) ଅବସରରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମକୁ ଉଦ୍‌ବୋଧନ ଦେଇ କହିଛନ୍ତି ଏହାକୁ ଅର୍ଥନୈତିକ ସ୍ୱାଧୀନତା ନିଶ୍ଚିତ କରିବାକୁ ବ୍ୟବହାର କରାଯାଇପାରିବ । ଏହାଦ୍ୱାରା ସମାଜର ବଞ୍ଚିତ ଓ ଦରିଦ୍ରବର୍ଗଙ୍କ ଜୀବନରେ ଉନ୍ନତି ଅଣାଯାଇପାରିବ ।

ପ୍ରଧାନମନ୍ତ୍ରୀ ବିଶ୍ୱର 400 ଟୁଙ୍ଗ କଂପାନୀର ପ୍ରତିନିଧିଙ୍କ ସମୁଖରେ ନୂଆ ଭାରତର ସଂକଳ୍ପ ପ୍ରକାଶ କରିଛନ୍ତି

ଭାରତ ଗଠନର ସଂକଳ୍ପ ନେଇ ଦେଶ ଆଗେଇ ଚାଲିଥିବାବେଳେ ଚତୁର୍ଥ ଶିଳ୍ପ ବିପ୍ଲବ କେବଳ ଦେଶ ପାଇଁ ନୁହେଁ, ଏହାର ଜନସାଧାରଣଙ୍କ ପାଇଁ ଏକ ବରଦାନ ପାଲଟିଛି । ଗତ ବର୍ଷ ମଧ୍ୟରେ ସରକାର ଦେଶକୁ ଚତୁର୍ଥ ଶିଳ୍ପ ବିପ୍ଲବ ପାଇଁ ପ୍ରସ୍ତୁତ କରିଛନ୍ତି । ଏହି ବିପ୍ଲବର ସଫଳତା ମୁଖ୍ୟତଃ ମୌଳିକ ଭିତ୍ତିଭୂମି ଉପରେ ନିର୍ଭର କରେ । ସେଥିପାଇଁ ଆବଶ୍ୟକ ଭିତ୍ତିଭୂମି ଦେଶ ତିଆରି କରିପାରିଛି। କଠୋର ପରିଶ୍ରମ କରି ଭାରତ ନିଜକୁ ନିବେଶକଙ୍କ ଇପ୍ସିତ ଲକ୍ଷ୍ୟସ୍ଥଳୀରେ ପରିଣତ କରିପାରିଛି । ପ୍ରଧାନମନ୍ତ୍ରୀ ଡାଭୋସରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ମଞ୍ଚର 28 ଜାନୁୟାରୀ 2021 ବୈଠକରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଭାରତ ବିଦେଶୀ ପୁଞ୍ଜି ନିବେଶ ପାଇଁ ଏକ ପ୍ରତ୍ୟାଶିତ ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିଛି । ଏହା ବ୍ୟବସାୟ ପାଇଁ ଅତ୍ୟନ୍ତ ଅନୁକୂଳ ରହିଛି । ଭାରତର ଆତ୍ମନିର୍ଭରତା ବିଶ୍ୱବାଦକୁ ସୁଦୃଢ କରିବ ।

ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

ଉଦ୍ୟୋଗପତିମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶ୍ନୋତ୍ତର ଅଧିବେଶନ

ଜୋ କାଇଜର ଅଧକ୍ଷ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ, ସିମେନ୍ସ । ଆତ୍ମନିର୍ଭର ଭାରତ ସଂପର୍କରେ ତାଙ୍କର ପ୍ରଶ୍ନର ଉତ୍ତର ।

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କାଇଜରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆତ୍ମନିର୍ଭର ଭାରତ ଅଭିଯାନର ବିଭିନ୍ନ ବିଷୟ ତାଙ୍କୁ ବୁଝାଇଥିଲେ। ସେ କହିଥିଲେ ଯେ ଏହି ଲକ୍ଷ୍ୟର ମୂଳ ଉଦ୍ଦେଶ୍ୟ ହେଲା ଭାରତକୁ ଏକ ମ୍ୟାନୁଫାକ୍ଚରିଂ ହବ୍‌ରେ ପରିଣତ କରିବା । ସେଥିପାଇଁ ସରକାର କର୍ପୋରେଟ ଟିକସ ହାର ହ୍ରାସ ଏବଂ ଜିଏସ୍‌ଟି ପ୍ରବର୍ତ୍ତନ କରିଛନ୍ତି। ଆହୁରି ମଧ୍ୟ ଟିକସ ପ୍ରକ୍ରିୟାକୁ ସରଳ କରାଯାଇଛି । ଦେଶରେ ଶ୍ରମ ଆଇନକୁ ସରଳ କରାଯିବା ସହିତ ବାଣିଜ୍ୟ ବ୍ୟବସାୟକୁ ଅଧିକ ସ୍ୱାଧୀନତା ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଦେଶରେ ବାଣିଜ୍ୟ ବ୍ୟବସାୟକୁ ସୁଗମ କରିବା ପାଇଁ ସରକାର କଂପାନୀ ଆଇନକୁ ଫୌଜଦାରୀ ମାମଲା ବର୍ଗରୁ ବାଦ ଦେଇଛନ୍ତି । ଭାରତରେ ଯେଉଁ 26 ବିଲିୟନ ଡଲାର ମୂଲ୍ୟର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ବା ପିଏଲଆଇ ସ୍କିମ୍ ଘୋଷଣା କରାଯାଇଛି ବିଦେଶର ପୁଞ୍ଜିପତି ଓ ଉଦ୍ୟୋଗପତି ତାହାର ସୁଯୋଗ ନେବାକୁ ପ୍ରଧାନମନ୍ତ୍ରୀ ନିମନ୍ତ୍ରଣ ଜଣାଇଛନ୍ତି ।

ବିୟୋନ ରସେନଗ୍ରେନ ସିଇଓ, ଏବିବିଙ୍କ

ପ୍ରଧାନମନ୍ତ୍ରୀ କହିଥିଲେ : ଭାରତ ଆତ୍ମବିଶ୍ୱାସ, ନୂତନ ଉର୍ଜା ଏବଂ ସମ୍ଭାବନାରେ ପରିପୂର୍ଣ୍ଣ ହୋଇପାରିଛି

ଭିତ୍ତିଭୂମି ପ୍ରକଳ୍ପ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି-

ଭିତ୍ତିଭୂମି ଯେକୌଣସି ବିକାଶର ମୂଳ । ଏକଥା ଅନୁଭବ କରି ଭାରତ ସରକାର ଭିତ୍ତିଭୂମି ବିକାଶକୁ

2018ରେ ଡାଭୋସ ଠାରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏକବିଂଶ ଶତାବ୍ଦୀରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଏବଂ କରୋନା ଭୂତାଣୁ ସଙ୍କଟ ସମୟରେ ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଥିବା ସାରା ବିଶ୍ୱ ଦେଖୁଛି।

ଅଗ୍ରାଧିକାର ଦେଉଛନ୍ତି । ଗତ 6 ବର୍ଷ ମଧ୍ୟରେ ଭାରତ 57ହଜାର କିମି ରାଜପଥ ବିକଶିତ କରିଛି । ଏହାଛଡା 58 ଶତାଂଶରୁ ଅଧିକ ରେଳପଥକୁ ବିଦ୍ୟୁତ୍‌କରଣ କରାଯାଇଛି । ବିଦ୍ୟୁତ୍ କ୍ଷେତ୍ରରେ ଅତିରିକ୍ତ 36 ଗିଗାୱାଟ ବିଜୁଳି ଉତ୍ପାଦନ କ୍ଷମତା ଯୋଡାଯାଇଛି । ରସେନଗ୍ରେନଙ୍କ ପ୍ରଶ୍ନର ଉତ୍ତର ଦେବା ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଭିତ୍ତିଭୂମିର ବିଭିନ୍ନ ନିର୍ମାଣ କାର୍ଯ୍ୟର ଏକ ବଡ଼ ତାଲିକା ଉପସ୍ଥାପନ କରିଥିଲେ । ସେ କହିଥିଲେ ଜାତୀୟ ଇନ୍‌ଫ୍ରାଷ୍ଟ୍ରକଚର ପାଇପ ଲାଇନ ଅଧୀନରେ 1.5 ଟ୍ରିଲିୟନ ଡଲାର ମୂଲ୍ୟର ପ୍ରକଳ୍ପ ଆସନ୍ତା 5 ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ । ଏହା ସହିତ ଅର୍ଥନୈତିକ ଜୋନଗୁଡ଼ିକୁ ସଂଯୋଗ ସୁବିଧା ବଢାଇବା ପାଇଁ ଭାରତ ମଧ୍ୟ ଏକ ମଲ୍‌ଟି ମୋଡେଲ କନେକ୍ଟିଭିଟି ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛି । କରୋନା ମହାମାରୀ ପରେ ମଧ୍ୟ ଭାରତରେ ଏଫ୍‌ଡିଆଇ ନିବେଶ ପରିମାଣ 13 ଶତାଂଶ ବୃଦ୍ଧି ପାଇଛି ।

ଅଜୟ ଏସ୍ ବଙ୍ଗା, ସିଇଓ, ମାଷ୍ଟରକାର୍ଡ। ତାଙ୍କ ପ୍ରଶ୍ନ ଆର୍ଥିକ ସମାବେଶୀକରଣ ସଂପର୍କରେ

ବଙ୍ଗାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ଦେଶରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆର୍ଥିକ ସମାବେଶୀ କାର୍ଯ୍ୟକ୍ରମ ସଂପର୍କରେ ବୁଝାଇ କହିଥିଲେ। ଏହାସହିତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିକଟ ଅତୀତରେ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ସେ ବିଷୟ ମଧ୍ୟ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଦେଶର କୋଟି କୋଟି ନାଗରିକଙ୍କୁ ପ୍ରତ୍ୟକ୍ଷ ପାଣ୍ଠି ହସ୍ତାନ୍ତର ସୁବିଧା ଯୋଗାଇ ଦିଆଯାଇଛି। ସେମାନେ ବ୍ୟାଙ୍କକୁ ନ ଯାଇ ମଧ୍ୟ ଏହି ଅର୍ଥକୁ ବିନିଯୋଗ କରିପାରୁଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରାୟ 1.3 ନିୟୁତ ଷ୍ଟ୍ରଟ ଭେଣ୍ଡରଙ୍କୁ ସରକାରୀ ବ୍ୟବସ୍ଥାର ଅନ୍ତର୍ଭୁକ୍ତ କରାଯାଇଛି । ସେମାନଙ୍କୁ ଲୋନ୍ ଗ୍ୟାରେଣ୍ଟି ପ୍ରଦାନ ମାଧ୍ୟମରେ ଦେଶକୁ ବଦଳାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ତେବେ ଏ କ୍ଷେତ୍ରରେ ବ୍ୟବହାରକାରୀମାନଙ୍କର ବ୍ୟକ୍ତିଗତ ଗୋପନୀୟତାକୁ ସୁରକ୍ଷିତ କରାଯିବ । ସେ ଆହୁରି କହିଛନ୍ତି ଯେ ଗତଥର କୃଷ୍ଣଙ୍କ ସହ କଥାବାର୍ତ୍ତାବେଳେ ବିଶ୍ୱ କରୋନା ଦ୍ୱାରା ଆକ୍ରାନ୍ତ ହୋଇଥିଲା ଓ ସେତେବେଳେ ଅଧିକାଂଶ ଦେଶ ଲକ୍‌ଡାଉନ ଦେଇ ଗତି କରୁଥିଲେ । ସେ ସମୟରେ ମଧ୍ୟ ଭାରତର ଡିଜିଟାଲ ଅର୍ଥନୀତି ଏହାର ନାଗରିକଙ୍କୁ ବିଶେଷ ସହାୟକ ହୋଇଥିଲା ।

'ଆତ୍ମନିର୍ଭରଶୀଳ ଭାରତ' ବିଶ୍ୱ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର କରିବ। ସରକାର ସମାବେଶୀତା ଏବଂ ସଶକ୍ତିକରଣ ମାଧ୍ୟମରେ ପରିବର୍ତ୍ତନ ଆଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଆତ୍ମବିଶ୍ୱାସରେ ଭରପୂର । ଏହା ନୂଆ ଶକ୍ତିରେ ବଳଶାଳୀ ହୋଇ ନୂଆ ସମ୍ଭାବନାକୁ ଦେଖୁଛି । 2018ରେ ଡାଭୋସଠାରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଏକଥା ସତ୍ୟରେ ପରିଣତ ହୋଇଛି । କରୋନା ମହାମାରୀକାଳୀନ ସ୍ଥିତିରେ ଭାରତର ଭୂମିକାକୁ ବିଶ୍ୱ ଦେଖୁଛି । ଆତ୍ମନିର୍ଭର ଭାରତ ବିଶ୍ୱର ଅର୍ଥନୀତିକୁ ପୁନର୍ବାର ଉପରକୁ ଉଠାଇବ । ସରକାର ଇନ୍‌କ୍ଲୁଜନ ଓ ଏମ୍‌ପାୱାରମେଣ୍ଟ ମାଧ୍ୟମରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ।

ଟୀକା ମୈତ୍ରୀ

ଏବେ, ବିଶ୍ୱ ପାଇବ, 'ମେଡ୍ ଇନ ଇଣ୍ଡିଆ' ଟିକା

ସାରା ବିଶ୍ୱ କରୋନା ଭୂତାଣୁ ମହାମାରୀର ସାମ୍ନା କରୁଥିବା ସମୟରେ ଭାରତ କେବଳ ନିଜର ଘରୋଇ ଆବଶ୍ୟକତା ପୂରଣ କରୁନାହିଁ ବରଂ ଶତାବ୍ଦୀରେ ଥରେ ଆସିଥିବା ଏହି ମହାମାରୀ ମୁକାବିଲା ପାଇଁ ଅନ୍ୟ ଦେଶଗୁଡ଼ିକୁ ସହାୟତା ଯୋଗାଇ ଦେଉଛି। କରୋନା ଭୂତାଣୁ ବିରୋଧରେ ଭାରତ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନ ଆରମ୍ଭ କରିଛି ଏବଂ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ 'ମେଡ୍ ଇନ୍ ଇଣ୍ଡିଆ' ଟୀକା ଯୋଗାଇବା ଆରମ୍ଭ କରିଛି।

ସଂସ୍କୃତର ଏକ ଆପ୍ତ ବାକ୍ୟ 'ସର୍ବେ ସନ୍ତୁ ନିରାମୟା'ର ଅର୍ଥ ସମସ୍ତେ ବ୍ୟାଧିମୁକ୍ତ ରହନ୍ତୁ । ଏଥିରୁ ପ୍ରେରଣା ନେଇ ଭାରତ ସମଗ୍ର ବିଶ୍ୱକୁ କରୋନା ମହାମାରୀ କବଳରୁ ମୁକ୍ତ କରିବା ପାଇଁ ନିଜ ସାଧ୍ୟମତେ ସାହାଯ୍ୟ ସହଯୋଗ ଯୋଗାଇ ଆସିଛି। ଏକ ମହାସଂକଟକାଳରେ ପରିସ୍ଥିତିର କିପରି ମୁକାବିଲା କରାଯାଇପାରିବ ସେ ମାର୍ଗ ମଧ୍ୟ ଭାରତ ବିଶ୍ୱକୁ ଦେଖାଇଛି। ଭାରତ ନିଜ ଦେଶରେ କରୋନା ଭୂତାଣୁ ସଂକ୍ରମଣକୁ ସଫଳତାର ସହ ନିୟନ୍ତ୍ରଣ କରିବା ସହିତ ଏକାସାଂଗରେ ଦୁଇଟି ଟିକା ନିଜସ୍ୱ ଉଦ୍ୟମ ଓ କାରିଗରୀ ଜ୍ଞାନକୌଶଳରେ ନିର୍ମିତ କରିବାରେ ସଫଳ ହୋଇଛି । ଏହାସହିତ ବିଶ୍ୱର ସର୍ବବୃହତ୍ କରୋନା ବିରୋଧୀ ଟିକାକରଣ କାର୍ଯ୍ୟକ୍ରମ ଭାରତରେ ଆରମ୍ଭ ହୋଇଛି। ଭ୍ୟାକ୍ସିନ ମୈତ୍ରୀ ବା ଟିକା କୂଟନୀତିରେ ଭାରତ ପ୍ରମୁଖ ରାଷ୍ଟ୍ରଭାବେ ଉଭା ହୋଇ ସମଗ୍ର ବିଶ୍ୱ ପାଇଁ ଏକ ଆଶାର କିରଣ ପାଲଟିଛି । ପଡୋଶୀଙ୍କୁ ପ୍ରଥମ ନୀତି ପଡୋଶୀ ଓ ଅଂଶୀଦାର ରାଷ୍ଟ୍ରମାନଙ୍କ ଅନୁରୋଧକୁ ବିଚାରକୁ ନେଇ ଭାରତ ମଧ୍ୟ ନିଜର ଉତ୍ପାଦିତ କରୋନା ଟିକାକୁ ସେମାନଙ୍କୁ ଯୋଗାଇ ଦେବା ଆରମ୍ଭ କରିଛି । ଜାନୁୟାରୀ 20ରୁ ଭୁଟାନ, ମାଳଦ୍ୱୀପ, ବାଂଲାଦେଶ, ନେପାଳ, ମ୍ୟାଁମାର ଏବଂ ସେସଲ୍ସକୁ ଏହି ଟିକା ପ୍ରେରଣ ଆରମ୍ଭ କରାଯାଇଥିଲା । ନିଜର ଘରୋଇ ଆବଶ୍ୟକତା ପାଇଁ ଯଥେଷ୍ଟ ପରିମାଣର ଟିକା ମହଜୁଦ ରଖିବା ପରେ ଭାରତ ବଳକା ଟିକା ଅନ୍ୟାନ୍ୟ ଦେଶକୁ ଦେଇଛି ।

"

ଅନ୍ୟ ଏକ ରାଷ୍ଟ୍ର ତୁଳନାରେ ଭାରତର ସଫଳତାକୁ ବିଚାର କରିବା ଉଚିତ ନୁହେଁ। ଭାରତ ଭଳି ଦେଶରେ ବିଶ୍ୱର ମୋଟ ଜନସଂଖ୍ୟାର 18 ଶତାଂଶ ଲୋକ ବସବାସ କରନ୍ତି । ଏହା ସତ୍ତ୍ୱେ ଭାରତ କରୋନା ସଂକ୍ରମଣକୁ ନିୟନ୍ତ୍ରିତ କରି ମାନବ ସମାଜକୁ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା କରିଛି । କରୋନାର ପ୍ରାରମ୍ଭିକ କାଳରେ ଆମେ ମାସ୍କ, ପିପିଇ କିଟ୍ସ ଏବଂ ଟେଷ୍ଟ କିଟ୍ ଆଦି ଆମଦାନୀ କରୁଥିଲୁ । ଏବେ ଆମେ ଏ ସବୁ କ୍ଷେତ୍ରରେ କେବଳ ଆତ୍ମନିର୍ଭର ହୋଇନାହୁଁ, ଅନ୍ୟାନ୍ୟ ଦେଶକୁ ଏହାକୁ ରପ୍ତାନୀ କରି ସେଠାକାର ନାଗରିକଙ୍କୁ ରକ୍ଷା କରିବାରେ ସହାୟକ ହୋଇଛୁ । ଏବେ ଭାରତରେ ବିଶ୍ୱର ସର୍ବବୃହତ୍ କରୋନା ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାସହିତ ଭାରତ ବିଭିନ୍ନ ଦେଶକୁ କୋଭିଡ୍ ଟିକା ଯୋଗାଇ ସେଠାକାର ଲୋକଙ୍କ ଜୀବନ ବଞ୍ଚାଇବା ସହ ଟିକାଦାନ ଭିତ୍ତିଭୂମି ସୃଷ୍ଟି କରିବାରେ ସାହାଯ୍ୟ ସହଯୋଗ ଯୋଗାଉଛି ।

- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

ବିଶ୍ୱ ପାଇଁ ଭାରତ ସଞ୍ଜିବନୀ

ଭାରତ ପୂର୍ବରୁ ବିଭିନ୍ନ ଦେଶକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ, ରେମଡେସିଭିର ଓ ପାରାସିଟାମଲ ଟ୍ୟାବଲେଟ ସହିତ ଡାଏଗ୍ନୋଷ୍ଟିକ ଷ୍ଟିକ୍, ଭେଣ୍ଟିଲେଟର, ମାସ୍କ, ଗ୍ଲୋଭ୍ସ ଓ ଅନ୍ୟାନ୍ୟ ଡାକ୍ତରୀ ସାମଗ୍ରୀ କରୋନା ମହାମାରୀବେଳେ ପ୍ରେରଣ କରିଥିଲା । ବ୍ରାଜିଲ ରାଷ୍ଟ୍ରପତି ଜେଆର ବଲସୋନାରୋ ତାଙ୍କ ଦେଶ ଭାରତୀୟ ଟିକା ପାଇବା ପରେ ଟ୍ୱିଟ କରି ଭାରତକୁ କୃତଜ୍ଞତା ଜଣାଇଥିଲେ । ସେ ଟ୍ୱିଟ୍ ବାର୍ତ୍ତାରେ ହନୁମାନ ସଞ୍ଜିବନୀ ବୁଟି ଧରି ଆକାଶମାର୍ଗରେ ଯାତ୍ରା କରୁଥିବାର ଚିତ୍ର ରହିଥିଲା । ଏହି ସହାୟତା ପାଇଁ ସେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଭାରତବାସୀଙ୍କ ଉଦ୍ଦେଶ୍ୟରେ ସେ ମଧ୍ୟ ହିନ୍ଦୀରେ ଧନ୍ୟବାଦ ଦେଇ ତାଙ୍କ ଟ୍ୱିଟ୍ ଲେଖିଥିଲେ ।

ପଡୋଶୀ ଦେଶର ନେତାମାନେ ଭାରତର ଏସବୁ ସହୟତା ପାଇଁ ପ୍ରଧାନମନ୍ତ୍ରୀ ଏବଂ ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଭାରତ ନିଜ ଉଦ୍ୟମରେ କରୋନା ଟିକା ପ୍ରସ୍ତୁତ କରି ଏହାକୁ ଲୋକଙ୍କୁ ପ୍ରଦାନ କରିବା ଅଭିଯାନ ଆରମ୍ଭ କରିବା ପରେ ଶ୍ରୀଲଙ୍କାର ରାଷ୍ଟ୍ରପତି ଗୋଟାବାୟ ରାଜପକ୍ଷ ଭାରତକୁ ତାହାର ଉଦାରତା ପାଇଁ ଧନ୍ୟବାଦ ଜଣାଇଥିଲେ । ପଡୋଶୀଙ୍କ ପ୍ରତି ଭାରତର ଶୁଭଦୃଷ୍ଟି ନିମନ୍ତେ ସେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ । ସେହିଭଳି ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ମହୀନ୍ଦ ରାଜପକ୍ଷ, ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲି, ଭୁଟାନର ପ୍ରଧାନମନ୍ତ୍ରୀ ଲୋଟାୟ ଶେରିଂ ପ୍ରମୁଖ କହିଛନ୍ତି ଯେ ଭାରତୀୟ ଟିକା ବିକଶିତ ହେବା ଫଳରେ କରୋନା ମହାମାରୀର ଅବସାନ ଦିଗରେ ଉଲ୍ଲେଖନୀୟ ସଫଳତା ମିଳିଛି ।

ଜାନୁୟାରୀ 31ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଭାରତ ବିଭିନ୍ନ ରାଷ୍ଟ୍ରକୁ 64 ଲକ୍ଷରୁ ଅଧିକ ଡୋଜ୍ କରୋନା ଟିକା ଦାନ କରିଛି ।

ଡାକ୍ତର ଓ ସମୁଖଧାଡିର ଯୋଦ୍ଧା କରୋନା ଟିକାର ନିରାପତ୍ତାକୁ ସୁନିଶ୍ଚିତ କଲେ

କରୋନା ମହାମାରୀ ବିରୋଧରେ ଚାଲିଥିବା ଲଢେଇରେ ଭାରତ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି । ନିଜ ଉଦ୍ୟମରେ ଭାରତ ଯେଉଁ ଟିକା ପ୍ରସ୍ତୁତ କରିଛି ସେଥିପାଇଁ ଅନେକ ଦେଶରୁ ବରାଦ ଆସିଛି । ଏଥିରୁ ଏହି ଟିକାର ବିଶ୍ୱସନୀୟତା ଓ ଚାହିଦା ପ୍ରମାଣିତ ହୋଇଛି । କେବଳ ସେତିକି ନୁହେଁ, କରୋନା ଲଢେଇର ସମୁଖ ଧାଡିର ଯୋଦ୍ଧା ଏବଂ ଚିକିତ୍ସକମାନେ ନିଜେ ଏହି ଟିକା ନେଇ ଏହାର ନିରାପତ୍ତାକୁ ପ୍ରମାଣିତ ଓ ସୁନିଶ୍ଚିତ କରିଛନ୍ତି । ଛତିଶଗଡର ରାୟପୁର ମେଡିକାଲ କଲେଜର ଜଣେ ସଫେଇ କର୍ମଚାରୀ ତୁଳସା ତାଣ୍ଡି କହନ୍ତି ଯେ କରୋନା ଟିକାର ପ୍ରଥମ ଡୋଜ୍ ସେ ନେବା ପରେ ତାଙ୍କ ସ୍ୱାସ୍ଥ୍ୟ ଠିକ୍ ଅଛି । କୌଣସି ଶାରୀରିକ ଅସ୍ୱାଭାବିକତା ସେ ଅନୁଭବ କରୁନାହାନ୍ତି । ସେହିଭଳି ଆଜମଗଡ଼ ଜିଲା ହସପିଟାଲର ଜଣେ ସଫେଇ କର୍ମଚାରୀ କେଶା ଦେବୀ କହିଛନ୍ତି ଯେ ପ୍ରଥମ ଡୋଜ୍ ଟିକା ନେବାପରେ ସେ ଏବେ ସଂପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି । ସମସ୍ତେ ଏହି ଟିକା ନେବା ଉଚିତ ବୋଲି ସେ କହିଛନ୍ତି ।

ଟିକା ନେଇଥିବା ଡାକ୍ତରମାନଙ୍କର ମତାମତ ମଧ୍ୟ ଉତ୍ସାହଜନକ ରହିଛି । ଅହମ୍ମଦାବାଦ ସିଭିଲ ହସ୍ପିଟାଲର ଅତିରିକ୍ତ ଅଧୀକ୍ଷକ ଡ. ରଜନୀଶ ପଟେଲ କହିଛନ୍ତି ଯେ ସେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି । ଆମ ଟିକା ନିରାପଦ ଏବଂ ପ୍ରଭାବଶାଳୀ । କରୋନା ବିରୋଧୀ ଲଢେଇରେ ଏହା ବେଶ୍ ସହାୟକ ହେବ ।

18 ଦିନରେ 40 ଲକ୍ଷ ଲୋକଙ୍କୁ କରୋନା ଟିକା ପ୍ରଦାନ କରିବା ଭାରତର ଦ୍ରୁତତମ ସଫଳତା

ଏ ପର୍ଯ୍ୟନ୍ତ 64 ଲକ୍ଷ ଡୋଜ୍ କରୋନା ଟିକା 17ଟି ଦେଶକୁ ପଠାଯାଇଛି ।

ଆଉ ୬୦ଟି ଦେଶ ଭାରତଠାରୁ କରୋନା ଟିକା ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

** ଜାନୁୟାରୀ ୩୧ ତାରିଖ ସୁଦ୍ଧା ହସ୍ତଗତ ତଥ୍ୟ*

ଭାରତରେ ଟିକାଦାନ

41,38,918
ଲୋକଙ୍କୁ 18 ଦିନରେ ଟିକାଦାନ

ମୋଟ ରୋଗୀ	ସକ୍ରିୟ ମାମଲା	ଆରୋଗ୍ୟ ହାର
1,07,77,284	1,60,057	97.08%

ସଂକ୍ରମଣ ହାର	ମୃତ୍ୟୁହାର
1.49%	1.43%

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ 2021 ଫେବୃୟାରୀ 2 ତାରିଖ ସୁଦ୍ଧା ମିଳିଥିବା ତଥ୍ୟ

ପର୍ଯ୍ୟଟକଙ୍କ ଲକ୍ଷ୍ୟସ୍ଥଳ କେୱାଡିଆ

ସର୍ଦ୍ଦାର ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟି କେୱାଡିଆକୁ ଅବଶିଷ୍ଟ ଭାରତ ସହ ଯୋଡିବା ପାଇଁ ୫ଟି ନୂଆ ଟ୍ରେନ

ଟ୍ରେନ ଉତ୍ତମ ସଂଯୋଗ ବ୍ୟବସ୍ଥାକୁ ସୁନିଶ୍ଚିତ କରେ ଏବଂ ସମୟ ବଞ୍ଚାଇବାରେ ସହାୟକ ହୁଏ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୫ଟି ନୂଆ ଟ୍ରେନ ଦେଶର ବିଭିନ୍ନ ସ୍ଥାନରୁ ଚଳାଚଳ କରି ଗୁଜରାଟର କେୱାଡିଆ ସ୍ଥିତ ସର୍ଦ୍ଦାର ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟିକୁ ସଂଯୋଗ କରିଛି । ଟ୍ରେନ ଚଳାଚଳର ସୁବିଧା ନିଶ୍ଚିତ ହୋଇଥିବାରୁ ଏବେ କେୱାଡିଆ ଦେଶର ଏକ ନିଭୃତ କୋଣର ଅଗମ୍ୟ କ୍ଷୁଦ୍ର ବ୍ଲକ ହୋଇ ରହିନାହିଁ । ସମଗ୍ର ଦେଶରୁ ଏଠାରେ ପହଞ୍ଚିବାର ବ୍ୟବସ୍ଥା ସହଜ ଓ ସୁଗମ ହୋଇଥିବାରୁ ଏହା ବିଶ୍ୱର ଅନ୍ୟତମ ସର୍ବବୃହତ୍ ପର୍ଯ୍ୟଟକ ଲକ୍ଷ୍ୟସ୍ଥଳୀରେ ପରିଣତ ହୋଇଛି ।

ଷ୍ଟାଚ୍ୟୁ ଅଫ୍ ୟୁନିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି । ଏହା ଗୁଜରାଟର କେୱାଡିଆ ନିକଟ ସର୍ଦ୍ଦାର ସରୋବର ଡ୍ୟାମ ନିକଟରେ ନିର୍ମିତ ହୋଇଛି । ଏହି ସ୍ଥାନକୁ ରେଳପଥରେ ଯାତ୍ରା କରିବା ପାଇଁ 2021 ଜାନୁୟାରୀ 17 ତାରିଖରେ ପ୍ରଧାନମନ୍ତ୍ରୀ ଗୋଟିଏ ଦିନରେ ଦେଶର ବିଭିନ୍ନ ଅଞ୍ଚଳରୁ ୮ଟି ଟ୍ରେନ ଚଳାଚଳର ଶୁଭାରମ୍ଭ କରିଥିଲେ । ଏହା ଫଳରେ ଦିଲ୍ଲୀ, ବାରାଣସୀ, ରେୱା, ମୁମ୍ବଇ, ଚେନ୍ନଇ, ପ୍ରତାପନଗର ଓ ଅହମ୍ମଦାବାଦ ଆଦି ସହରରୁ ସିଧାସଳଖ କେୱାଡିଆକୁ ପର୍ଯ୍ୟଟକମାନେ ଟ୍ରେନଯୋଗେ ଯାତ୍ରାର ସୁବିଧା ପାଇଛନ୍ତି । କେୱାଡିଆର ବିକାଶରେ ଏହା ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି । ଏହା ଫଳରେ ସେ ଅଞ୍ଚଳରେ ପର୍ଯ୍ୟଟନର ପ୍ରସାର ସହିତ ପର୍ଯ୍ୟଟକଙ୍କ ସମାଗମ ବୃଦ୍ଧି ପାଇବ । ଭାରତୀୟ ଏକୀକରଣର ପ୍ରମୁଖ ବିଜ୍ଞାଣୀ ସର୍ଦ୍ଦାର ପଟେଲଙ୍କ ପାଇଁ ଏହାଠାରୁ ଆଉ ବଡ଼ ଶ୍ରଦ୍ଧାଞ୍ଜଳି କ'ଣ ହୋଇପାରେ ?

କେବଳ ସେତିକି ନୁହେଁ, କେୱାଡିଆ ଷ୍ଟେସନ ବିଶ୍ୱର ପ୍ରଥମ ରେଳଷ୍ଟେସନ ଯାହାକୁ ଗ୍ରୀନ ବିଲ୍ଡିଂ ସାର୍ଟିଫିକେଟ ମିଳିଛି ।

କେୱାଡିଆ ବିକାଶରେ ଏକ ନୂଆ ଅଧ୍ୟାୟ

50ଲକ୍ଷରୁ ଅଧିକ ଦର୍ଶକ ଇତିମଧ୍ୟରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିସାରିଲେଣି । ଏହି ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କରୋନା ମହାମାରୀ କାଳରେ ଏହି ସ୍ମାରକକୁ ସାଧାରଣଙ୍କ ପାଇଁ ବାରଣ କରାଯାଇଥିଲା । ଏବେ ଏହା ପୁଣି ପର୍ଯ୍ୟଟକଙ୍କ ପାଇଁ ମୁକ୍ତ ହୋଇଛି ।

ରେଳବାଇ ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ଲକ୍ଷ୍ୟସ୍ଥଳକୁ ଏକାଥରକେ ଦେଶର ବିଭିନ୍ନ ଅଞ୍ଚଳରୁ ୫ଟି ଟ୍ରେନ ଚଳାଚଳର ଶୁଭାରମ୍ଭ



କେୱାଡିଆରୁ ବାରାଣସୀ	ମହାମନା ଏକ୍ସପ୍ରେସ (ସାପ୍ତାହିକ)
ଦାଦରରୁ କେୱାଡିଆ	ଦାଦର-କେୱାଡିଆ ଏକ୍ସପ୍ରେସ (ଦୈନିକ)
ଅହମ୍ମଦାବାଦରୁ କେୱାଡିଆ	ଜନଶତାବ୍ଦୀ ଏକ୍ସପ୍ରେସ (ଦୈନିକ)
କେୱାଡିଆରୁ ହଜରତ	ନିଜାମୁଦ୍ଦିନ- ନିଜାମୁଦ୍ଦିନ-କେୱାଡିଆ ସଂପର୍କକ୍ରାନ୍ତି ଏକ୍ସପ୍ରେସ (ସପ୍ତାହକୁ ଦୁଇଥର)
କେୱାଡିଆରୁ ରେୱା	କେୱାଡିଆ-ରେୱା ଏକ୍ସପ୍ରେସ (ସାପ୍ତାହିକ)
ଚେନ୍ନଇରୁ କେୱାଡିଆ	ଚେନ୍ନଇ-କେୱାଡିଆ ଏକ୍ସପ୍ରେସ (ସାପ୍ତାହିକ)
ପ୍ରତାପନଗରରୁ କେୱାଡିଆ	ମେମୁ ଟ୍ରେନ (ଦୈନିକ)
କେୱାଡିଆରୁ ପ୍ରତାପନଗର-	ମେମୁ ଟ୍ରେନ (ଦୈନିକ)

ରେଳ ସଂଯୋଗ ସହିତ ସେହି ଅଞ୍ଚଳର ବଦଳୁଥିବା ଚିତ୍ର

- ଷ୍ଟାଚ୍ୟୁ ଅଫ୍ ୟୁନିଟିଠାରୁ 5 କିମି ଦୂରରେ କେୱାଡିଆ ରେଳଷ୍ଟେସନ ନିର୍ମାଣ କରାଯାଇଛି ।
- ଦାଭୋହି, ଚାନ୍ଦୋଡ ଓ କେୱାଡିଆରେ ନିର୍ମିତ ଷ୍ଟେସନ ବିଲ୍ଡିଂ ଅତି ଚମତ୍କାର ଡିଜାଇନର ତିଆରି ହୋଇଛି । ଏଥିରେ ସ୍ଥାନୀୟ ବିଶେଷତ୍ୱ ସ୍ଥାନ ପାଇଛି ଏବଂ ଆଧୁନିକ ଯାତ୍ରୀ ସୁବିଧା ବ୍ୟବସ୍ଥା କରାଯାଇଛି । 80 କିମି ଲମ୍ବ ଏହି ରେଳପଥକୁ ସଂପୂର୍ଣ୍ଣ ବିଦ୍ୟୁତ୍କରଣ କରାଯାଇ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇଛି ।
- ପ୍ରତାପନଗର-ଦାଭୋହି ମଧ୍ୟରେ ଟ୍ରେନ ଚଳାଚଳ ବେଗ ଘଣ୍ଟା ପ୍ରତି 75ରୁ 110କିମିକୁ ବୃଦ୍ଧି କରାଯାଇଛି। ସେହିଭଳି ଦାଭୋହି-କେୱାଡିଆ ସେକ୍ସନର ରେଳପଥ ଘଣ୍ଟା ପିଛା 110 କିମି ଗତି ସମ୍ଭାଳିବାକୁ ପ୍ରସ୍ତୁତ ହୋଇଛି । ପ୍ରତାପନଗରରୁ କେୱାଡିଆ ସମଗ୍ର ସେକ୍ସନର ରେଳପଥକୁ 130 କିମି ବେଗରେ ଟ୍ରେନ ଚଳାଚଳ ଉପଯୋଗୀ କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଭାଷଣର ମୁଖ୍ୟାଂଶ

- ପର୍ଯ୍ୟଟନର ବିକାଶ ଦ୍ୱାରା ସେ ଅଞ୍ଚଳର ଆଦିବାସୀ ଯୁବକଯୁବତୀ ନିଯୁକ୍ତି ଏବଂ ଅନ୍ୟାନ୍ୟ ଆଧୁନିକ ସୁବିଧା ସୁଯୋଗ ପାଇବେ ।
- ରେଳବାଇରୁ ଆଧୁନିକୀକରଣ ଫଳରେ ଏ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବା ପାଇଁ ନୂଆ ରେଳ ଟେକ୍ନୋଲଜି ବିକଶିତ କରିବ ।
- ୨୦ଟି ରାଜ୍ୟରୁ ଶହ ଶହ ପ୍ରତିଭାବାନ ଯୁବକ ରେଳବାଇ ତାଲିମ ନେଇ ଦେଶର ରେଳବାଇର ଭବିଷ୍ୟତକୁ ସୁରକ୍ଷିତ କରିବେ ।
- ଏହି କାର୍ଯ୍ୟକ୍ରମ ଅଖଣ୍ଡ ଭାରତ ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ଭାରତୀୟ ରେଳବାଇର ସଂକଳ୍ପ ତଥା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଲକ୍ଷ୍ୟକୁ ପ୍ରତିଫଳିତ କରିଥିଲା।
- ଏକ ଆଦିବାସୀ ଆର୍ଟ ଗ୍ୟାଲେରୀ ଓ ଏକ ଭିୟୁଇଂ ଗ୍ୟାଲେରୀ କେୱାଡିଆରେ ପ୍ରତିଷ୍ଠା କରାଯିବ । ଏହି ଭିୟୁଇଂ ଗ୍ୟାଲେରୀରୁ ପର୍ଯ୍ୟଟକମାନେ ଷ୍ଟାଚ୍ୟୁ ଅଫ୍ ୟୁନିଟକୁ ଦେଖିବାକୁ ସୁବିଧା ପାଇବେ ।
- ଷ୍ଟାଚ୍ୟୁ ଅଫ ୟୁନିଟିକୁ ଦେଖିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କର ସଂଖ୍ୟା ଷ୍ଟାଚ୍ୟୁ ଅଫ ୟୁନିଟକୁ ଆସୁଥିବା ପର୍ଯ୍ୟଟକଙ୍କ ତୁଳନାରେ ଅଧିକ ହୋଇପାରିଛି।

କେୱାଡିଆ ଷ୍ଟେସନ: ଭାରତର ପ୍ରଥମ ଗ୍ରୀନ ବିଲ୍ଡିଂ ସାର୍ଟିଫିକେଟ ପ୍ରାପ୍ତ ରେଳଷ୍ଟେସନ

- କେୱାଡିଆ ଷ୍ଟେସନ ଭାରତର ପ୍ରଥମ ରେଳଷ୍ଟେସନ, ଯାହା ଗ୍ରୀନ୍ ବିଲ୍ଡିଂ ସାର୍ଟିଫିକେଟ ହାସଲ କରିଛି ।
- ଏହି ଷ୍ଟେସନର ପ୍ରଥମ ଦୁଇସ୍ତରରେ ଯାତ୍ରୀମାନଙ୍କ ପାଇଁ ସୁବିଧା ସୁଯୋଗ ରହିଛି । ଏଥିରେ ଗୋଟିଏ ଏସି ୱେଟିଂ ରୁମ୍ ଓ ଗୋଟିଏ ଭିଭିଆଇପି ଲାଉଞ୍ଜ ରହିଛି ।

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

ଏହାର ଲୋକପ୍ରିୟତାକୁ ବିଚାରକୁ ନେଇ ସରକାର ଦେଶର ବିଭିନ୍ନ ପ୍ରାନ୍ତରୁ କେୱାଡିଆକୁ ଟ୍ରେନ ଚଳାଚଳ ଆରମ୍ଭ କରିଛନ୍ତି । ଏହି ରେଳ ସଂଯୋଗ ଫଳରେ ସେ ଅଞ୍ଚଳରେ ଅନେକ ନୂତନ ସୁବିଧା ସୁଯୋଗ ସୃଷ୍ଟି ହେବ । ହିସାବ ଅନୁସାରେ ଏହି ଅଞ୍ଚଳରେ ରେଳ ସଂଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଲେ ଦୈନିକ ୧ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସିପାରିବେ । ପରିବେଶକୁ ସୁରକ୍ଷିତ ରଖି ଅର୍ଥନୀତି କିପରି ବିକଶିତ ହୋଇପାରେ ଏହା ତାହାର ଏକ ଉତ୍କୃଷ୍ଟ ଉଦାହରଣ । ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଯୋଜନାବଦ୍ଧଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଲକାତାସ୍ଥିତ ନେତାଜୀ ଭବନ (ସୁଭାଷ ଚନ୍ଦ୍ର ବୋଷଙ୍କ ଘର) ପରିଦର୍ଶନ କରି ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ନେତାଜୀ ଆତ୍ମନିର୍ଭର ଭାରତ ଓ ସୋନାର ବାଂଲାର ସର୍ବବୃହତ୍ ପ୍ରେରଣା

ନିଃସ୍ୱାର୍ଥପର ସେବା ଏବଂ ଅଦମନୀୟ ଉତ୍ସାହ ନିମନ୍ତେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ସରକାର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଜୟନ୍ତୀ ଜାନୁୟାରୀ 23କୁ ପରାକ୍ରମ ଦିବସଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ନେତାଜୀଙ୍କ 125ତମ ଜୟନ୍ତୀ ଅବସରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ, ଏଲ୍‌ଏସିରୁ ଏଲ୍‌ଓସି, ବିଶ୍ୱ ସୁଦୃଢ ଭାରତକୁ ଦେଖୁଛି ଏବଂ ଏହି ଶକ୍ତିଶାଳୀ ଭାରତର ପରିକଳ୍ପନା ନେତାଜୀ କରିଥିଲେ ।

ଚଳିତବର୍ଷଠାରୁ ଭାରତ ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଜାନୁୟାରୀ ୨୩କୁ ପରାକ୍ରମ ଦିବସଭାବେ ପାଳନ କରିଛି। ତାଙ୍କର ଅସୀମ ସାହସ ଓ ଶୌର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଛି । ନେତାଜୀଙ୍କ ଦେଶପ୍ରେମ, ଧୈର୍ଯ୍ୟ, ତ୍ୟାଗ, ସାହସ ଓ ପରାକାଷ୍ଠା ପ୍ରତି ଯୁବସମାଜକୁ ଆକୃଷ୍ଟ କରିବା ପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଏହାଛଡା ଚଳିତବର୍ଷ ଦେଶ ଓ ବିଦେଶରେ ନେତାଜୀଙ୍କ 125ତମ ଜୟନ୍ତୀ ସରକାରୀଭାବେ ପାଳିତ ହେବ । ଗତ ଜାନୁୟାରୀ 23ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ନେତାଜୀଙ୍କ ଉପରେ ଏକ ସ୍ଥାୟୀ ପ୍ରଦର୍ଶନୀ ଏବଂ ପ୍ରୋଜେକ୍ସନ ମ୍ୟାପିଂ ଶୋ ମଧ ଉଦ୍‌ଘାଟିତ ହୋଇଥିଲା । ଏଥିରେ ନେତାଜୀଙ୍କ ଜୀବନର 125ଟି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ଏହି ପ୍ରଦର୍ଶନୀ ଦେଖି ସାରିବା ପରେ କହିଛନ୍ତି ଯେ ନେତାଜୀ ସୋନାର ବାଂଲା ସହିତ ଆତ୍ମନିର୍ଭର ଭାରତ ସ୍ୱପ୍ନର ସର୍ବଶ୍ରେଷ୍ଠ ପ୍ରେରଣାଦାତା । ■

- ଜାନୁୟାରୀ 23 ନେତାଜୀଙ୍କ ଜୟନ୍ତୀକୁ ପରାକ୍ରମ ଦିବସଭାବେ ଘୋଷଣା କରାଯାଇ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି ।
- ରେଳବାଇ ହାଓଡା-କାଲ୍‌କା ମେଲର ନାମ ବଦଳାଇ ନେତାଜୀ ଏକ୍ସପ୍ରେସ ରଖିଛି । '
- ପ୍ରଧାନମନ୍ତ୍ରୀ ଏହି ଅବସରରେ ନେତାଜୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମାରକ ମୁଦ୍ରା ଓ ଡାକଟିକଟ ଉନ୍ମୋଚନ କରିଛନ୍ତି ।
- ଭାରତ ମାଟିରେ ନେତାଜୀ ତ୍ରିରଙ୍ଗା ଉଡାଇବାର 75 ବର୍ଷ ପୂର୍ତ୍ତି ଅବସରରେ 2018ରେ ଏକ ସାଧାରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆହୁରି ମଧ ରସ୍ ଦ୍ୱୀପକୁ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ନାମିତ କରାଯାଇଥିଲା । ସେହିଭଳି ନେଲ୍ ଦ୍ୱୀପକୁ ସହିଦ ଦ୍ୱୀପ ଏବଂ ହାଭଲକ୍ ଦ୍ୱୀପକୁ ସ୍ୱରାଜ ଦ୍ୱୀପଭାବେ ସରକାର ନାମିତ କରିଥିଲେ ।

> ଦେଶ ନିଷ୍ପତ୍ତି ନେଇଛି ଯେ ଜାନୁୟାରୀ 23 ନେତାଜୀଙ୍କ ଜୟନ୍ତୀକୁ ପରାକ୍ରମ ଦିବସଭାବେ ପାଳନ କରାଯିବ । ଆଜି ଦେଶ ଯେତେବେଳେ ସ୍ୱାଧୀନତାର 75ବର୍ଷ ପାଳନ କରିବାକୁ ଯାଉଛି ଏବଂ ଆତ୍ମନିର୍ଭର ଭାରତ ସଂକଳ୍ପରେ ଆଗକୁ ବଢୁଛି ସେତେବେଳେ ନେତାଜୀଙ୍କ ଜୀବନ, ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକଟି ନିଷ୍ପତ୍ତି ଆମ ସମସ୍ତଙ୍କ ପାଇଁ ଏକ ମହାନ୍ ପ୍ରେରଣା ।
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଭିଭାଷଣ ଶୁଣିବା ଲାଗି କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ

ପିଏମ୍‌କେଭିୱାଇ ର ନୂଆ ଅବତାର

କୌଶଳ ବିକାଶ ଯୋଜନା 3.0 ନୂଆ ଯୁଗ ପାଇଁ ଉପଯୋଗୀ ଦକ୍ଷତାର ବିକାଶ ଘଟାଇ ଭାରତକୁ ବିଶ୍ୱର କୌଶଳ ରାଜଧାନୀରେ ପରିଣତ କରିବ

କରୋନା ଭୂତାଣୁ ବିଶ୍ୱର ବିଭିନ୍ନ ଦେଶର ଲୋକଙ୍କ ଜୀବନଚର୍ଯ୍ୟାକୁ ବଦଳାଇ ଦେଇଛି । ଏହା ମଧ୍ୟ ଆବଶ୍ୟକ ହେଉଥିବା ଦକ୍ଷତାକୁ ପ୍ରଭାବିତ କରିଛି । ସ୍ଥାନୀୟ ଅର୍ଥନୀତିକୁ ସମର୍ଥନ ଯୋଗାଇବା ସହ ବିଶ୍ୱର ଆବଶ୍ୟକତା ପୂରଣ ଲକ୍ଷ୍ୟରେ ସରକାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା 3.0 (ପିଏମ୍‌କେଭିୱାଇ 3.0) ଆରମ୍ଭ କରିଛନ୍ତି । ପରିବର୍ତ୍ତିତ ପରିସ୍ଥିତିର ଚାହିଦା ପୂରଣ ପାଇଁ ଏହାକୁ ସମର୍ଥ କରିବା ନିମନ୍ତେ ଏଥିରେ ଆବଶ୍ୟକ ପଦକ୍ଷେପ ଉଭୟ ବୈଶ୍ୱିକ ଓ ସ୍ଥାନୀୟ ସ୍ତରରେ ଗ୍ରହଣ କରାଯାଇଛି। କୋଭିଡ୍ ପରବର୍ତ୍ତୀ ବିଶ୍ୱରେ ପ୍ରାୟ 8 ଲକ୍ଷ ଯୁବକଯୁବତୀଙ୍କୁ ଏହି କାର୍ଯ୍ୟକ୍ରମରେ ତାଲିମ ପ୍ରଦାନ କରାଯିବ । ଏଥିପାଇଁ 949 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଜମ୍ମୁ କଶ୍ମୀରର ବିଗତ ଦିନର ଅସ୍ଥିରତା ସତ୍ତ୍ୱେ ସେଠାକାର ଜଣେ ଅଧିବାସୀ ସମିର ଅହମ୍ମଦ ନାଜର ଏବେ ଜଣେ ପେସାଦାର କେଶବିନ୍ୟାସକାରୀ ହୋଇପାରିଛନ୍ତି। ଏବେ ସେ କେବଳ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ନୁହନ୍ତି, ଆତ୍ମନିର୍ଭରଶୀଳ ମଧ୍ୟ । ନିଜର ଏହି ସଫଳତା ପାଇଁ ସେ ପିଏମ୍‌କେଭିୱାଇ ପ୍ରତି କୃତଜ୍ଞ । ପ୍ରୀତମ ଏବଂ ତାଙ୍କ ସାଂଗଙ୍କର ମଧ୍ୟ ଏକାପ୍ରକାରର ସଫଳ କାହାଣୀ ରହିଛି । ରାତିଦିନ ଉଭୟ କାର୍ଯ୍ୟ କରି ମଧ୍ୟ ନିଜର ଆବଶ୍ୟକତା ଏକଦା ପୂରଣ ପାଇଁ ଯଥେଷ୍ଟ ରୋଜଗାର କରିପାରୁ ନ ଥିଲେ । ଦୁହେଁ ପିଏମ୍‌କେଭିୱାଇ ଯୋଜନାରେ ୱେଲଡର ତାଲିମ ନେବାପରେ ଏବେ ବଡ଼ ସଂସ୍ଥାରେ କାମ କରୁଛନ୍ତି । ତାଲିମ ପୂର୍ବରୁ ପ୍ରୀତମଙ୍କୁ ମାସିକ ୮ ହଜାର ଟଙ୍କା ମିଳୁଥିବାବେଳେ ଏବେ ତାଙ୍କୁ ବଡ଼ କଂପାନୀରେ ଯଥେଷ୍ଟ ଅଧିକ ବେତନ ମିଳୁଛି । ଦକ୍ଷତା ବିକାଶ ତାଲିମ ଦ୍ୱାରା ସେ ଅନେକ ନୂଆ କଥା ଶିଖିବାର ସୁଯୋଗ ପାଇଲେ ଏବଂ ତାଙ୍କ ପାଇଁ ସଫଳତାର ଏକାଧିକ ରାସ୍ତା ଖୋଲିଗଲା ବୋଲି ସେ କହିଛନ୍ତି । କୌଶଳ ବିକାଶ ଦ୍ୱାରା ଲୋକଙ୍କ ଜୀବନ ଓ ରୋଜଗାର କିପରି ବଦଳି ଯାଉଛି ତାହାର ଅନେକ ସଫଳ କାହାଣୀ ରହିଛି ।

କରୋନା ମହାମାରୀ ପରେ ନୂଆ ଦକ୍ଷତା ଓ କୁଶଳତାର ଚାହିଦା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ସରକାର ତୃତୀୟ ପର୍ଯ୍ୟାୟ ପିଏମ୍‌କେଭିୱାଇ ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଯୁବକଯୁବତୀମାନଙ୍କୁ ୩୦୦ରୁ ଅଧିକ ବିଭିନ୍ନ ପ୍ରକାର ଦକ୍ଷତା ଓ କୁଶଳତା ସଂପର୍କରେ ତାଲିମ ପ୍ରଦାନ କରାଯିବ । ଏଥିରେ ନୂଆ ଯୁଗର ଚାହିଦାଭିତ୍ତିକ ଦକ୍ଷତାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏଥିରେ ଡିଜିଟାଲ ଟେକ୍‌ନୋଲଜି ଓ ଶିଳ୍ପସଂସ୍ଥାର ୪.୦ ଦକ୍ଷତାକୁ ପୂରଣ କରିବା ପାଇଁ ମାନବ ସମ୍ବଳ ତିଆରି କରାଯାଉଛି । ■

ପିଏମ୍‌କେଭିୱାଇ ୩.୦ ଆକାଂକ୍ଷୀ ଭାରତର ଉଚ୍ଚାଭିଳାଷ ପୂରଣ କରିବ

- ଦେଶର ୬୦୦ ଜିଲାରେ ପିଏମ୍‌କେଭିୱାଇ ୩.୦ କାର୍ଯ୍ୟକାରୀ କରାଯାଇଛି ।
- ୩୭ଟି କ୍ଷେତ୍ରରେ ୩୦୦ରୁ ଅଧିକ ବିଷୟରେ ଏହି ତାଲିମ ଦିଆଯାଉଛି। ଦେଶର ୨୮ଟି ରାଜ୍ୟ ଏବଂ ୮ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ ।
- ଏହି ଯୋଜନା ମାଧ୍ୟମରେ ବେକାର, ଅଧାରୁ ପାଠ ଛାଡିଥିବା ପିଲା ଏବଂ କାମ କରୁଥିବା ୧୫ରୁ ୪୫ ବର୍ଷ ବୟସର ଲୋକଙ୍କୁ ଦକ୍ଷତା ନିର୍ମାଣ ଓ ଦକ୍ଷତା ବିକାଶ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି ।
- ଏହି ପିଏମ୍‌କେଭିୱାଇ ୩.୦ରେ ସମଗ୍ର ଦେଶରେ ୭୨୯ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର, ପଞ୍ଜୀକୃତ ଅଣପିଏମ୍‌କେକେ ତାଲିମ କେନ୍ଦ୍ର, ୨୦୦ରୁ ଅଧିକ ଆଇଟିଆଇ କାର୍ଯ୍ୟ କରିବ । ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଏସବୁ କାର୍ଯ୍ୟକାରୀ ହେବ ।
- ତାଲିମ ସହିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପାଇବାରେ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ।
- ଏହି କାର୍ଯ୍ୟକ୍ରମରେ ଚାହିଦାଭିତ୍ତିକ ଦକ୍ଷତା ବିକାଶ ପାଇଁ ଆବଶ୍ୟକ ତାଲିମ ଦେବାକୁ ଜିଲା ସ୍କିଲ କମିଟି ମାଧ୍ୟମରେ କାର୍ଯ୍ୟ କରଯାଉଛି ।

ଶ୍ୟାମାପ୍ରସାଦ ମୁଖାର୍ଜୀ ରୁର୍ବାନ ମିସନ (ଏସ୍‌ପିଏମ୍‌ଆର୍‌ଏମ୍)

ରୁର୍ବାନ ମିସନରେ ଗ୍ରାମୀଣ ଭାରତ ପାଇଁ ସହରାଞ୍ଚଳ ଯୋଜନା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ବିଭିନ୍ନ ଭାଷଣରେ ଜୀବନଯାପନର ସୁଗମତା ବିଷୟରେ ବିଶେଷ ଉଲ୍ଲେଖ କରିଛନ୍ତି । ଏହି ଦୃଷ୍ଟିରୁ ମୌଳିକ ସୁବିଧା ସୁଯୋଗ ଯୋଗାଣ କେବଳ ସହରାଞ୍ଚଳରେ ସୀମିତ ରହିବା ଉଚିତ ନୁହେଁ । ଏସବୁ ସୁବିଧା ଦେଶର ଗ୍ରାମାଞ୍ଚଳରେ ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ; ଯେଉଁଠି ଭାରତର ୬୮ ଭାଗ ଜନତା ବସବାସ କରନ୍ତି । ସହରାଞ୍ଚଳ ଲୋକଙ୍କ ଭଳି ଗ୍ରାମାଞ୍ଚଳରେ ଲୋକମାନେ ଏହି ସୁବିଧା ଯେପରି ପାଆନ୍ତି ତାହାକୁ ନିଶ୍ଚିତ କରିବା ପାଇଁ ସରକାର ୨୦୧୬ରେ ଶ୍ୟାମାପ୍ରସାଦ ମୁର୍ଖାଜୀ ରୁର୍ବାନ ମିସନ ଆରମ୍ଭ କରିଥିଲେ ।

ଗ୍ରାମୀଣ ଭାରତର ଲୋକେ ମଧ୍ୟ ଉତ୍ତମ ଶିକ୍ଷା, ଚିକିତ୍ସା, ଭଲ ହସପିଟାଲ, ସ୍ୱଚ୍ଛ ପାନୀୟଜଳ, ଇଣ୍ଟରନେଟ ସେବା ଓ ଭଲ ନିଯୁକ୍ତି ସୁବିଧା ଚାହାନ୍ତି । ଗାଁରେ ଏସବୁ ମିଳୁ ନ ଥିବାରୁ ସେମାନେ ସହର ପ୍ରତି ଆକର୍ଷିତ ହୋଇଥାନ୍ତି । ସେଥିପାଇଁ ବହୁ ଲୋକ ଗାଁରୁ ସହରକୁ ପଳାଇଯାଇଥାନ୍ତି । ଏବେ ପ୍ରଶ୍ନ ହେଉଛି, ନିଜ ଗାଁରେ ଏସବୁ ସୁବିଧା ସୁଯୋଗ କାହିଁକି ମିଳିବ ନାହିଁ ? ଅତଏବ ସାଧାରଣ ଲୋକଙ୍କ ସମସ୍ୟାକୁ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ୟାମାପ୍ରସାଦ ମୁର୍ଖାଜୀ ରୁର୍ବାନ ମିସନ ଆରମ୍ଭ କରିଛନ୍ତି ।

ରୁର୍ବାନର ପରିକଳ୍ପନା ହେଲା କିପରି ?

ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଗ୍ରାମୀଣ ଭାରତର ପରିବର୍ତ୍ତନ ପାଇଁ ଏକ ସ୍ୱତନ୍ତ୍ର ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଏହା 'ପୁର' ନାମରେ ସଂକ୍ଷେପରେ ପରିଚିତ । ଏଥିରେ ଗ୍ରାମାଞ୍ଚଳରେ ସହରାଞ୍ଚଳର ସୁଖସୁବିଧା ଯୋଗାଇ ଦେବାର ଲକ୍ଷ୍ୟ (ଅର୍ବାନ ଆମେନିଟିଜ ଇନ୍ ରୁରାଲ ଏରିଆଜ୍) ରହିଥିଲା । ଏହି ଲକ୍ଷ୍ୟ ପୂରଣ ପାଇଁ ସେ ୪ଟି ସଂଯୋଗ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ । ସେଗୁଡିକ ହେଲା- ଭୌତିକ ସଂଯୋଗ, ଇଲେକ୍ଟ୍ରୋନିକ ସଂଯୋଗ, ଜ୍ଞାନ ସଂଯୋଗ ଏବଂ ଆର୍ଥିକ ସଂଯୋଗ । ଏହି 'ପୁର' କାର୍ଯ୍ୟକ୍ରମର ଯେଉଁ ପାଇଲଟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା ତାହା ବିଫଳ ହୋଇଥିଲା । ତେବେ ସେହି ଅନୁଭୂତିକୁ ପୁଞ୍ଜିକରି ରୁର୍ବାନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

- ଆସନ୍ତା ପାଞ୍ଚ ବର୍ଷରେ ପ୍ରାୟ ୩୦୦ ରୁର୍ବାନ କ୍ଲଷ୍ଟର ଦେଶରେ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ପରେ ପରବର୍ତ୍ତୀ ୩ ବର୍ଷରେ ଏଭଳି ଆଉ ଏକ ହଜାର କ୍ଲଷ୍ଟର ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।
- ଏହି ବିଚାରର ଲକ୍ଷ୍ୟ ହେଲା ଗ୍ରାମପୁଞ୍ଜଗୁଡିକୁ ବିକଶିତ କରି ସେଠାରେ ସହରର ସୁବିଧା ସୁଯୋଗ ଯୋଗାଇଦେବା । ଏହା କରିବାବେଳେ ସେହି ଗ୍ରାମଗୁଡିକର ପରିବେଶ ଓ ପ୍ରକୃତିକୁ ସୁରକ୍ଷିତ ରଖିବା ସହ ଗ୍ରାମ୍ୟ ଜୀବନର ମୌଳିକତା ଯେପରି କ୍ଷୁଣ୍ଣ ନ ହୁଏ ତାହାକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରାଯିବ ।
- ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରାରମ୍ଭିକଭାବେ ଏଭଳି ୩୦୦ ରୁର୍ବାନ କ୍ଲଷ୍ଟର ବିକଶିତ ହେବ । ୨୦୨୦ ଫେବୃୟାରୀ ସୁଦ୍ଧା ସେଥିମଧ୍ୟରୁ ୨୯୬ କ୍ଲଷ୍ଟରର ବିକାଶ ପାଇଁ ସରକାର ଅନୁମୋଦନ ପ୍ରଦାନ କରିସାରିଥିଲେ ।
- ରୁର୍ବାନ କ୍ଲଷ୍ଟରରେ ୧୫ରୁ ୨୦ଟି ଗ୍ରାମକୁ ରଖିବା ପାଇଁ ବ୍ୟବସ୍ଥା ରହିଛି । ଏହି ସମସ୍ତ ଗ୍ରାମର ମୋଟ ଜନସଂଖ୍ୟା ୩୦ରୁ ୪୦ ଲକ୍ଷ ଭିତରେ ହେବା ଉଚିତ । ପ୍ରତ୍ୟେକ ଗ୍ରାମପଞ୍ଚାୟତ କ୍ଲଷ୍ଟରଗୁଡିକ ପରସ୍ପର ସହ ସଂଲଗ୍ନ ହୋଇଥିବେ । ଏହି କ୍ଲଷ୍ଟର ଅନ୍ତର୍ଭୁକ୍ତ ପଞ୍ଚାୟତର ଜନସଂଖ୍ୟା ସମତଳ ଓ ଉପକୂଳ ଅଞ୍ଚଳରେ ପ୍ରାୟ ୨୫ରୁ ୫୦ ହଜାର ରଖାଯାଇଛି । ସେହିଭଳି ପାହାଡିଆ, ଆଦିବାସୀ ଏବଂ ମରୁଭୂମି ଅଞ୍ଚଳରେ ଏହି ଜନସଂଖ୍ୟାକୁ ୫ରୁ ୧୫ ହଜାର ମଧ୍ୟରେ ସୀମିତ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।
- କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ବିଜ୍ଞାନଭିତ୍ତିକ ପ୍ରକ୍ରିୟା ଉପଯୋଗ କରି ଏହିସବୁ କ୍ଲଷ୍ଟରକୁ ଚିହ୍ନଟ କରିବ । ଏଥିରେ ସଂପୃକ୍ତ ଇଲାକାର ଲୋକସଂଖ୍ୟା, ଅର୍ଥନୀତିର କ୍ଷମତା, ଦକ୍ଷତା ଏବଂ ପର୍ଯ୍ୟଟନର ସୁବିଧା ସୁଯୋଗ ଆଦି ଜିଲା, ଉପଜିଲା ଓ ଗ୍ରାମସ୍ତରରେ ବିଚାରକୁ ନିଆଯିବ ।
- ସେ ସବୁ କ୍ଲଷ୍ଟରରେ ଅର୍ଥନୈତିକ କାର୍ଯ୍ୟକ୍ରମ, ଦକ୍ଷତା ବିକାଶ, ଉଦ୍ୟମିତା ଓ ଭିତ୍ତିଭୂମି ସୁବିଧା ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବ ।

"ଏହି ଯୋଜନାରେ ଦେଶର କୋଣଅନୁକୋଣର ଲୋକେ ଉପକୃତ ହେବେ ଏବଂ ସହର ଉପରୁ ଜନସଂଖ୍ୟାର ଚାପ କମିବ । ଯେଉଁମାନେ ଗାଁ ବାହାରକୁ ଯାଉଛନ୍ତି ସେମାନଙ୍କ ପାଇଁ ଭଲ ଯାଗାଟିଏ ମିଳିବ । ନୂଆ ସହରମାନ ତିଆରି ହେବ । ଏହିସବୁ ସହର ଆର୍ଥିକ କାର୍ଯ୍ୟକ୍ରମ ସୃଷ୍ଟି କରିବା ସହ ଏଥିରେ ଲୋକଙ୍କୁ ଯୋଡିବ। ଏହି ପରିକଳ୍ପନା ନେଇ ଆମେ ଆଜି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛୁ । ମୋର ବିଶ୍ୱାସ ଯେତେବେଳେ ଏହି ଯୋଜନା ସଂପୂର୍ଣ୍ଣଭାବେ ଦେଶରେ କାର୍ଯ୍ୟକାରୀ ହେବ ସେତେବେଳେ କୋଟି କୋଟି ଲୋକ ଉପକୃତ ହେବେ ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

୨୦୧୬ ଫେବୃୟାରୀ ୨୧ରେ ପ୍ରଧାନମନ୍ତ୍ରୀ ଛତିଶଗଡ଼ରେ ରୁର୍ବାନ ମିସନର ଶୁଭାରମ୍ଭ କରିଥିଲେ । ସେ କହିଥିଲେ 'ଲୋକେ ପଚାରୁଛନ୍ତି ଯଦି ସ୍ମାର୍ଟସିଟି ହୋଇପାରିଲା, ସ୍ମାର୍ଟ ଭିଲେଜ କାହିଁକି ନୁହେଁ ?'

ଏହି ଯୋଜନାଟିକୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନାମରେ ନାମିତ କରାଯାଇଛି । ରୁରାଲ ଶବ୍ଦରୁ 'ରୁର୍' ଓ ଅର୍ବାନ ଶବ୍ଦରୁ 'ବାନ୍'କୁ ମିଶାଇ ଗ୍ରାମ ଓ ସହର ସଂଯୋଗରେ ରୁର୍ବାନ ନାମକରଣ କରାଯାଇଛି । ଏହି ଯୋଜନାରେ ଗ୍ରାମାଞ୍ଚଳରେ ସହରାଞ୍ଚଳର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅର୍ଥନୈତିକ, ସାମାଜିକ ଓ ଭୌତିକ ଭିତ୍ତିଭୂମି ନିର୍ମାଣ କରାଯିବ ।

ଏହା ଦେଶର ଯଥାର୍ଥ ବିକାଶରେ ସହାୟକ ହେବ । ସହର ଭଳି ଗ୍ରାମଗୁଡିକ ବିକଶିତ ହେବା ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆମର ଆର୍ଥିକ ପ୍ରଗତି ଏବଂ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଣ ନିମନ୍ତେ ବିକାଶକୁ ଆମକୁ ତୃଣମୂଳସ୍ତରକୁ ନେବାକୁ ପଡିବ । ପ୍ରଧାନମନ୍ତ୍ରୀ ଆହୁରି

କହିଥିଲେ, 'ଗ୍ରାମାଞ୍ଚଳକୁ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବା ପାଇଁ ରୁର୍ବାନ ମିସନର ପରିକଳ୍ପନା କରାଯାଇଛି । ଏହି ରୁର୍ବାନଗୁଡିକ ଆର୍ଥିକ ଅଭିବୃଦ୍ଧିର ସ୍ନାୟୁକେନ୍ଦ୍ର ହେବ । ସେଥିରେ ଏକ ଛୋଟ ବଜାର ରହିବ । ଏଥିରେ ଆଖପାଖର ୫-୧୦ଟି ଗ୍ରାମର ଲୋକେ ବେପାର ବଣିଜ କରିବେ ଏବଂ ଧିରେ ଧିରେ ସେମାନେ ସହରର ସୁବିଧା ପାଇ ରୁର୍ବାନରେ ପରିଣତ ହେବେ ।' ■

ଅକୀର୍ତ୍ତିତ ନାୟକ:
ସ୍ୱଳ୍ପଜ୍ଞାତ ଭାରତୀୟଙ୍କ ପାଇଁ ପଦ୍ମ ପୁରସ୍କାର

ନୂଆ ଭାରତର ପଦ୍ମଶ୍ରୀ ପୁରସ୍କାର ବିଜେତାଗଣ ନୂଆ ଯୁଗର ନାୟକ । ସେମାନେ ନିଜର ଜୀବନକୁ ବୃହତ୍ତର ସ୍ୱାର୍ଥ ପାଇଁ ଉତ୍ସର୍ଗ କରିଥିଲେ ମଧ୍ୟ ସେମାନେ ପ୍ରାୟତଃ ଅକୀର୍ତ୍ତିତ ହୋଇ ଏକ ଅଜ୍ଞାତ ଜୀବନଯାପନ କରନ୍ତି । ସେମାନେ ପଦ୍ମଶ୍ରୀ ପୁରସ୍କାର ମାଧ୍ୟମରେ ସ୍ୱୀକୃତି ପାଇବା ପରେ ସେମାନେ ସମଗ୍ର ଦେଶ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

ନାୟକ ବା ବୀରମାନେ ଯେକୌଣସି କ୍ଷେତ୍ରରୁ ସୃଷ୍ଟି ହୋଇପାରନ୍ତି । ଅନେକ ସମୟରେ ସାଧାରଣ ଲୋକ ସେମାନଙ୍କର ଅସାଧାରଣ କାର୍ଯ୍ୟ ପାଇଁ ଏକ ଉଦାହରଣ ଛାଡି ଯାଇଥାନ୍ତି । ପରିତାପର ବିଷୟ ସେମାନଙ୍କୁ ଯଥାର୍ଥ ସ୍ୱୀକୃତି ପ୍ରାୟତଃ ମିଳି ନ ଥାଏ । ନିଜ ଜୀବନକୁ ବୃହତ୍ତର ସ୍ୱାର୍ଥ ପାଇଁ ବିନିଯୋଗ କରି ମଧ୍ୟ ସେମାନେ ଅଜ୍ଞାତ ହୋଇ ରହିଯାନ୍ତି । ଏ କ୍ଷେତ୍ରରେ ଥିବା ଏହି ତାରତମ୍ୟକୁ ଦୂର କରିବା ପାଇଁ କେନ୍ଦ୍ର ସରକାର ଏଭଳି ଅକୀର୍ତ୍ତିତ ନାୟକମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ୨୦୧୪ଠାରୁ ଭାରତ ସରକାର ଏଭଳି ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରୁଛନ୍ତି ।

ପଦ୍ମ ପୁରସ୍କାର ପ୍ରଦାନରେ ପୂର୍ବରୁ ଯେଉଁ ଭିଆଇପି ସଂସ୍କୃତି ଥିଲା ତାହାକୁ ପରିହାର କରି ସରକାର ଏହି ସାଧାରଣ ଲୋକଙ୍କୁ ଅଗ୍ରାଧିକାର ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କର ଅବଦାନକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରନ୍ତି । ତାଙ୍କ ମତରେ ଏକ କ୍ଷୁଦ୍ର ଉଦ୍ୟମ ଦେଶରେ ଏକ ବିରାଟ ପରିବର୍ତ୍ତନ ଆଣିପାରିବ । ତଦନୁସାରେ ପଦ୍ମ ପୁରସ୍କାରର ସମଗ୍ର ମନୋନୟନ ପ୍ରକ୍ରିୟାକୁ ସରକାର ପରିବର୍ତ୍ତନ କରିଛନ୍ତି ।

> “
> ଯେଉଁମାନଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଛି ଆମେ ସେମାନଙ୍କ ପାଇଁ ଗର୍ବିତ। ଭାରତ ସେମାନଙ୍କର ଅବଦାନକୁ ସ୍ମରଣ କରୁଛି ଏବଂ ସମଗ୍ର ରାଷ୍ଟ୍ର ଓ ମାନବ ଜାତି ସେମାନଙ୍କ କାର୍ଯ୍ୟକୁ ମନେ ପକାଉଛି। ଏହି ଅସାଧାରଣ ବ୍ୟକ୍ତିତ୍ୱମାନେ ଜୀବନର ବିଭିନ୍ନ କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣି ଅନ୍ୟମାନଙ୍କ ଜୀବନକୁ ବଦଳାଇବାରେ ସଫଳ ହୋଇଛନ୍ତି ।
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ପଦ୍ମବିଭୂଷଣ
ଶିଞ୍ଜୋ ଆବେ



ପଦ୍ମବିଭୂଷଣ
ଏସ୍‌ପି ବାଲସୁବ୍ରମଣ୍ୟମ୍

ପଦ୍ମଭୂଷଣ
ତରୁଣ ଗୋଗୋଇ

Link-http://padmaawards.gov.in/PDFS/2021AwardeesList.pdf ଲିଙ୍କରେ କ୍ଲିକ କରି ପଦ୍ମ ପୁରସ୍କାର ବିଜେତାଙ୍କର ସମ୍ପୂର୍ଣ୍ଣ ତାଲିକା ଦେଖନ୍ତୁ।

ଯେଉଁ ସଂଗ୍ରାମ ପ୍ରେରଣା ପାଲଟିଥିଲା

ପଦ୍ମ ପୁରସ୍କାର ବିଜେତାଙ୍କ ମଧ୍ୟରେ ଅନେକ ଅକୀର୍ତ୍ତିତ ନାୟକ ନାୟିକା ଅଛନ୍ତି । ସମାଜ ପ୍ରତି ସେମାନଙ୍କର ନିଃସ୍ୱାର୍ଥପର ସେବା ନିମନ୍ତେ ସେମାନେ ପୁରସ୍କୃତ ହୋଇଛନ୍ତି ।

ବୀରୁବାଳା ରଭା (ଆସାମ):

ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା ଓ ସେମାନଙ୍କ ଉପରେ ଅତ୍ୟାଚାର ବନ୍ଦ କରିବାର ମୁଖ୍ୟ ନାୟିକା ।

ମହିଳାମାନଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରିବାର ଜଘନ୍ୟ ଅପରାଧକୁ ରୋକିବା ଏବଂ ମହିଳାମାନଙ୍କୁ ସୁରକ୍ଷିତ କରିବା ପାଇଁ ଆଇନଗତ ବ୍ୟବସ୍ଥା କରିବା ନିମନ୍ତେ ବୀରୁବାଳା ଆସାମରେ ଆନ୍ଦୋଳନ ଚଳାଇଥିଲେ । ସେ ନିଜେ ମଧ୍ୟ ଏଭଳି ନୃଶଂସ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ଆସାମର ଜନଜାତିବହୁଳ ଗାଁଗୁଡିକରେ ଏକ ଅନ୍ଧବିଶ୍ୱାସ ପ୍ରଚଳିତ ଥିଲା, ଯେଉଁଥିରେ ମହିଳାମାନଙ୍କୁ ଡାହାଣୀ ଚିତ୍ରଣ କରି ହତ୍ୟା କରାଯାଉଥିଲା । ବୀରୁବାଳା ଏହି ଜଘନ୍ୟ ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ଏହାକୁ ବନ୍ଦ କରିବାକୁ ସଂଗ୍ରାମ ଚଳାଇଥିଲେ । ମହିଳାମାନଙ୍କୁ ନେଇ ସେ ଏଥିପାଇଁ ଏକ ଗୋଷ୍ଠୀ ଗଠନ କରିଥିଲେ । ତାଙ୍କ ଉଦ୍ୟମ ଫଳରେ ୪୨ ଜଣ ମହିଳାଙ୍କ ଜୀବନ ରକ୍ଷାପାଇଛି । ଏହି ମହିଳା ସଂଗଠନର ଦାବି ଫଳରେ ୨୦୧୫ରେ ଆସାମ ସରକାର ଏକ ଆଇନ ପ୍ରଣୟନ କରି ମହିଳାଙ୍କୁ ଡାହାଣୀଭାବେ ବିବେଚନା କରିବା ଏବଂ ସେମାନଙ୍କ ଉପରେ ଅତ୍ୟାଚାରକୁ ନିଷିଦ୍ଧ ଓ ଦଣ୍ଡନୀୟ କରିଛନ୍ତି ।

ପପାମ୍ମଲ (ତାମିଲନାଡୁ) :

୧୦୫ ବର୍ଷ ବୟସ୍କ ଜୈବିକ ଚାଷୀ

ତାମିଲନାଡୁର ପପାମ୍ମଲ ଜଣେ ଜୈବିକ ଚାଷୀ। ତାଙ୍କ ପାଖରେ ବୟସ ହାର ମାନିଛି । ଏବେ ତାଙ୍କୁ ୧୦୫ ବର୍ଷ ବୟସ; ତଥାପି ସେ ନିଜର କୃଷି କ୍ଷେତ୍ରରେ ସକ୍ରିୟ ଅଛନ୍ତି । ନିଜର ଅଢେଇ ଏକର ଜମିରେ ସେ ନିଜେ ବିଭିନ୍ନ ପ୍ରକାର ଫସଲ ଜୈବିକ ପଦ୍ଧତିରେ ଉତ୍ପାଦନ କରୁଛନ୍ତି। ତାଙ୍କଦ୍ୱାରା ଅନୁପ୍ରାଣିତ ହୋଇ ଆଖପାଖର ଅନେକ ଚାଷୀ ଏବେ ସେହି ପଦ୍ଧତିରେ ଚାଷ କରୁଛନ୍ତି । ପପାମ୍ମଲ ତାମିଲନାଡୁ କୃଷି ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ପରିଷଦର ଜଣେ ସଦସ୍ୟା ।

ପ୍ରତ୍ୟେକ ଭାରତୀୟ ନୂଆ ଭାରତ ନିର୍ମାଣରେ ଯୋଗଦାନ ରଖୁଥିବାରୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେମାନଙ୍କ ମଧ୍ୟରୁ ଅବଦାନଭିତ୍ତିରେ କେତେକଙ୍କୁ ଚିହ୍ନଟକରି ସେମାନଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେବା ସହ ସମ୍ମାନିତ କରାଯାଉଛି । ଜଣେ ବ୍ୟକ୍ତିର ସାଧାରଣ ପରିଚୟଠାରୁ ତାହାର କାର୍ଯ୍ୟର ମହତ୍ୱ ଅଧିକ । ଅତଏବ ମୋଦୀ ସରକାରଙ୍କ ଅମଳରେ ଦେଶର ସାଧାରଣ ଲୋକଙ୍କୁ ସର୍ବୋଚ୍ଚ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଉଛି ।

ପ୍ରଧାନମନ୍ତ୍ରୀ ତାଙ୍କ 'ମନ୍ କୀ ବାତ୍'ରେ ଉଲ୍ଲେଖ କରିଥିଲେ, 'ପ୍ରତିବର୍ଷ ପଦ୍ମ ପୁରସ୍କାର ପ୍ରଦାନ ପାଇଁ ପୂର୍ବରୁ କିଛି ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରାଯାଉଥିଲା । ତେବେ ଗତ ୩ବର୍ଷ ଧରି ଏହାକୁ ପରିବର୍ତ୍ତନ କରାଯାଇଛି । ଏବେ ଦେଶରେ ଯେକୌଣସି ନାଗରିକ ଅନ୍ୟ ଯେକୌଣସି ନାଗରିକଙ୍କ ନାମ ତାଙ୍କର କୃତିଭିତ୍ତିରେ ଏହି ପଦ୍ମ ପୁରସ୍କାର ପାଇଁ ସୁପାରିସ କରିପାରିବେ। ଏହି ମନୋନୟନ ପ୍ରକ୍ରିୟାକୁ ଅନ୍‌ଲାଇନରେ ଉପସ୍ଥାପିତ କରାଯିବା ଫଳରେ ସମଗ୍ର ପ୍ରକ୍ରିୟା ସ୍ୱଚ୍ଛ ହୋଇଛି ।' ପ୍ରତିବର୍ଷ

ଡ. ଟି ବୀରରାଘବନ, ତାମିଲନାଡୁ

ମରଣୋତ୍ତର

ଦୁଇ ଟଙ୍କାର ଫି' ନେଉଥିବା ଡାକ୍ତର

ଡ. ତିରୁଭେଙ୍କଟମ୍ ବୀରରାଘବନ ଉତ୍ତର ଚେନ୍ନଇର ଜଣେ ଅତିପ୍ରିୟ ଓ ବିଖ୍ୟାତ ଡାକ୍ତର ଥିଲେ । ରୋଗୀଙ୍କଠାରୁ ଚିକିତ୍ସା ବାବଦରେ ସେ ମାତ୍ର ଦୁଇ ଟଙ୍କା ଫି ନେଉଥିଲେ । ରୋଗୀଙ୍କୁ ଆର୍ଥିକ କଷଣ ଲାଘବ କରିବା ପାଇଁ ସେ ୧୯୭୩ରୁ ପ୍ରତ୍ୟେକଙ୍କଠାରୁ ଚିକିତ୍ସା ପାଇଁ ମାତ୍ର ୨ ଟଙ୍କା ନେବା ବ୍ୟବସ୍ଥା ଆରମ୍ଭ କରିଥିଲେ । ପରେ ଅବଶ୍ୟ ଏହାକୁ ସେ ୫ ଟଙ୍କାକୁ ବଢାଇଥିଲେ । ଏହା ଦେଖି ଆଖପାଖର ଡାକ୍ତରମାନେ ପ୍ରତିବାଦ କରିବା ସହ ୧୦୦ ଟଙ୍କାର ଫି ନେବାକୁ ତାଙ୍କୁ କହିଥିଲେ । ଏଥିରେ ସେ ରାଜି ହୋଇ ନ ଥିଲେ ଏବଂ ରୋଗୀମାନଙ୍କୁ ସଂପୂର୍ଣ୍ଣ ମାଗଣା ଚିକିତ୍ସା ଯୋଗାଇଥିଲେ ।

ନାରାୟଣ ଦବେନାଥ (ପଶ୍ଚିମବଂଗ)

ବିଶ୍ୱର ସର୍ବବୃହତ୍ ରନିଂ କମିକ୍ ଷ୍ଟ୍ରିପ୍‌ର ସ୍ରଷ୍ଟା

ପଶ୍ଚିମବଂଗର ୯୭ ବର୍ଷୀୟ ନାରାୟଣ ଦେବନାଥ ବିଶ୍ୱର ସର୍ବବୃହତ୍ ରନିଂ କମିକ୍ ଷ୍ଟ୍ରିପ୍‌ର ସ୍ରଷ୍ଟା । ଖୁବ୍ କମ୍ ଲୋକ ଏ କଥା ଜାଣନ୍ତି । ହାଓଡାରେ ଜନ୍ମିତ ଦେବନାଥ ଗତ ୭୦ ବର୍ଷ ଧରି ଏହି କମିକ୍ ଷ୍ଟ୍ରିପ୍ ବଂଗଳା ଭାଷାରେ ତିଆରି କରିଆସୁଛନ୍ତି । ସେ ମଧ୍ୟ ଏକମାତ୍ର ବ୍ୟଙ୍ଗଶିଳ୍ପୀ ଯାହାଙ୍କୁ ଡିଲିଟ୍ ଉପାଧି ପ୍ରଦାନ କରାଯାଇଛି । ତାଙ୍କ ବ୍ୟଙ୍ଗ ଚରିତ୍ର ବଣ୍ଟୁଲ ପଶ୍ଚିମବଂଗରେ ଘରେ ଘରେ ଏକ ପରିଚିତ ନାମ ।

ସୁଲଟ୍ରିମ୍ ଚୋଞ୍ଜୋର, ଲଦାଖ

ନିଜ ସଂପତ୍ତି ବିକି ତିଆରି କରିଛନ୍ତି ରାସ୍ତା

ଲଦାଖର ୭୯ ବର୍ଷ ବୟସ୍କ ସୁଲଟ୍ରିମ୍ ଚୋଞ୍ଜୋର କାରଗିଲ ଜିଲା ଜନସ୍କର ଇଲାକାର ବାସିନ୍ଦା । ତାଙ୍କ ଅଞ୍ଚଳରେ ଭଲ ରାସ୍ତା ନ ଥିବାରୁ ସେ ଭାରି ଦୁଃଖୀ ଥିଲେ । ତେଣୁ ସେ ନିଜର ସବୁ ସଂପତ୍ତି ବିକି ୫୭ ଲକ୍ଷ ଟଙ୍କାର ଏକ ମେସିନ କିଣି ରାସ୍ତା ନିର୍ମାଣ କାମରେ ନିୟୋଜିତ କରିଥିଲେ । ତାଙ୍କ ଉଦ୍ୟମ ସଫଳ ହୋଇଥିଲା ଏବଂ ସେ ୩୮ କିମି ଲମ୍ବର ଏକ ସୁନ୍ଦର ରାସ୍ତା ତିଆରି କରିଥିଲେ । ଏହା ଫଳରେ ସେହି ଅଞ୍ଚଳର ଲୋକେ ବିଶେଷ ଉପକୃତ ହୋଇଛନ୍ତି । ସେମାନଙ୍କୁ ଆଉ ଯିବାଆସିବାରେ ଅସୁବିଧା ଭୋଗ କରିବାକୁ ପଡୁନାହିଁ ।

ସୁଜିତ ଚଟ୍ଟୋପାଧ୍ୟାୟ (ପଶ୍ଚିମବଂଗ)

ବର୍ଷକୁ ଏକ ଟଙ୍କାରେ ପିଲାଙ୍କୁ ଟ୍ୟୁସନ୍

ପଶ୍ଚିମବଂଗର ବର୍ଦ୍ଧମାନ ଜିଲାର ଶିକ୍ଷକ ସୁଜିତ ଚଟ୍ଟୋପାଧ୍ୟାୟଙ୍କ ଶିକ୍ଷାଦାନ ପ୍ରତି ସମର୍ପିତ ଭାବନା ଉଲ୍ଲେଖନୀୟ । ସେ ପିଲାଙ୍କୁ ପଢାଇବା ପାଇଁ ପ୍ରତ୍ୟେକଙ୍କଠାରୁ ବର୍ଷକୁ ମାତ୍ର ଟଙ୍କାଟିଏ ଲେଖାଏଁ ଟ୍ୟୁସନ୍ ଫି ନିଅନ୍ତି । ତାଙ୍କ କୋଚିଂ ସଂସ୍ଥାରେ ୩୦୦ରୁ ଅଧିକ ପିଲା ଅଛନ୍ତି । ଗରିବ ପିଲାମାନେ କୋଚିଂ ପାଇଁ ଅଧିକ ଟଙ୍କା ଦେବାକୁ ଅସୁବିଧାର ସମୁଖୀନ ହେଉଥିବାରୁ ଶ୍ରୀ ଚଟ୍ଟୋପାଧ୍ୟାୟ ନିଜେ ଏକ ଅନୁଷ୍ଠାନ ଖୋଲି ପିଲାଙ୍କୁ କୋଚିଂ ଦେଉଛନ୍ତି । ଏହି କାମ ପାଇ ତାଙ୍କୁ ଏତେ ବଡ ପୁରସ୍କାର ମିଳିବ, ସେ କେବେ ଆଶା କରି ନ ଥିଲେ ବୋଲି କହିଛନ୍ତି ।

ପଦ୍ମ ପୁରସ୍କାର ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଥାଏ ।

୨୦୨୧ ବର୍ଷ ପାଇଁ ୭ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ବିଭୂଷଣ, ୧୦ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୦୨ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି । ଯେଉଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏଥର ଏହି ସମ୍ମାନ ମିଳିଛି ସେମାନଙ୍କ ମଧ୍ୟରେ ଅଛନ୍ତି ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ, ତାମିଲନାଡୁର ପ୍ରଖ୍ୟାତ ଗାୟକ ଏସ୍‌ପି ବାଲସୁବ୍ରମଣ୍ୟମ୍ ଏବଂ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ । ଆବେ ଓ ବାଲସୁବ୍ରମଣ୍ୟମ୍‌ଙ୍କୁ ପଦ୍ମ ବିଭୂଷଣ ଓ ଗୋଗୋଇଙ୍କୁ ପଦ୍ମଭୂଷଣ ପ୍ରଦାନ କରାଯାଇଛି ।

ଅଂଶୁ ଜାମସେନ୍‌ପା, ଅରୁଣାଚଳ ପ୍ରଦେଶ

୫ ଦିନରେ ଦୁଇଥର ଏଭେରେଷ୍ଟ ଆରୋହଣ

ଏଭେରେଷ୍ଟ ଶୃଙ୍ଗ ଶିଖରରେ ପହଞ୍ଚିବା ପ୍ରତ୍ୟେକ ପର୍ବତାରୋହୀଙ୍କର ଏକ ସ୍ୱପ୍ନ । ତେବେ ଅରୁଣାଚଳ ପ୍ରଦେଶର ୪୧ ବର୍ଷୀୟ ଦୁଇଟି ସନ୍ତାନର ଜନନୀ ଅଂଶୁ ଜାମସେନ୍‌ପା ଏକମାତ୍ର ମହିଳା ଯିଏ କି ଏ କ୍ଷେତ୍ରରେ ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି । ମାତ୍ର ୫ ଦିନ ବ୍ୟବଧାନରେ ସେ ଦୁଇଥର ଏଭେରେଷ୍ଟ ଆରୋହଣ କରି ବିଶ୍ୱରେକର୍ଡ ଅଧିକାରୀ ହୋଇଛନ୍ତି । ପ୍ରଥମେ ସେ ୨୦୧୭ ମେ ୧୭ ଏବଂ ଏହା ପରେ ମେ ୨୧ରେ କ୍ରମାଗତଭାବେ ଦୁଇଥର ମାତ୍ର ୫ ଦିନ ବ୍ୟବଧାନରେ ଏଭେରେଷ୍ଟ ଶିଖର ଛୁଇଁଥିଲେ । ଏହାକୁ ମିଶାଇ ସେ ମୋଟ ୫ ଥର ସଫଳତାର ସହ ଏଭେରେଷ୍ଟ ଆରୋହଣ କରିଛନ୍ତି ।

ଲଖା ଖାଁ, ରାଜସ୍ଥାନ

ଏକମାତ୍ର ସିନ୍ଧି ସାରଙ୍ଗୀ ବାଦକ

ଲଖା ଖାଁ ଭାରତର ଏକମାତ୍ର ସିନ୍ଧି ସାରଙ୍ଗୀ ବାଦକ ଓ ଓସ୍ତାଦ । ତାଙ୍କ ଘର ରାଜସ୍ଥାନର ଯୋଧପୁର ଜିଲାରେ ଏବଂ ସେ ମଙ୍ଗନିୟାର ସଂପ୍ରଦାୟର ଲୋକ । ସେ ମଧ୍ୟ ଜଣେ ତାଲିମପ୍ରାପ୍ତ ଗାୟକ ଓ ହିନ୍ଦୀ, ମାରୱାଡି, ସିନ୍ଧି, ପଞ୍ଜାବୀ ଓ ମୁଲତାନି ଭାଷାରେ ଗୀତ ଗାଇପାରନ୍ତି । ପୂର୍ବରୁ ସେ ସାହିତ୍ୟ ଏକାଡେମୀ ଓ ଅନ୍ୟ କେତେକ ଆନ୍ତର୍ଜାତିକ ପୁରସ୍କାର ମଧ୍ୟ ପାଇଛନ୍ତି । ଦେଶ ବିଦେଶର ସ୍ରୋତାଙ୍କୁ ସେ ତାଙ୍କ ଗାନ ଓ ସାରଙ୍ଗୀ ବାଦନରେ ବିମୋହିତ କରିଥାନ୍ତି ।

ଆଚାର୍ଯ୍ୟ ରାମଯତ୍ନ ଶୁକ୍ଲ, ଉତ୍ତର ପ୍ରଦେଶ

୮୯ ବର୍ଷରେ ନିଃଶୁଳ୍କ ସଂସ୍କୃତ ଶିକ୍ଷାଦାନ

ବାରାଣସୀର ସଂସ୍କୃତ ବିଦ୍ୱାନ ୮୯ ବର୍ଷ ବୟସ୍କ ଆଚାର୍ଯ୍ୟ ରାମଯତ୍ନ ଶୁକ୍ଲ ପରିଣତ ବୟସରେ ମଧ୍ୟ ବିନା ଅର୍ଥରେ ସଂସ୍କୃତ ଶିକ୍ଷା ପ୍ରଦାନ କରୁଛନ୍ତି । ଏହି ପ୍ରାଚୀନ ଭାଷାକୁ ଲୋକଙ୍କ ନିକଟତର କରିବା ତାଙ୍କର ଉଦ୍ଦେଶ୍ୟ । ସେ କାଶୀ ବିଦ୍ୱତ ପରିଷଦର ସଭାପତି । ସଂସ୍କୃତ ଓ ବୈଦିକ ବିଜ୍ଞାନ ବିଷୟରେ ସେ ନିରନ୍ତର ଶିକ୍ଷାଦାନ କରିଆସୁଛନ୍ତି ।

ଭୁରି ବାଇ, ମଧ୍ୟପ୍ରଦେଶ

ତାଙ୍କ ଚିତ୍ରକଳା ତାଙ୍କୁ ବୈଶ୍ୱିକ ସ୍ୱୀକୃତି ଦେଇଛି

ଭୁରି ବାଇ ମଧ୍ୟପ୍ରଦେଶର ପାରମ୍ପରିକ ପିଥୋରା ଚିତ୍ରକଳାର ଜଣେ ଶିଳ୍ପୀ । ସେ ଏହି ଚିତ୍ରକଳାକୁ ନିଜ ଗାଁର ପରିସୀମା ବାହାରକୁ ନେଇ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି । କୁଡିଆ କାନ୍ଥରେ ଚିତ୍ରିତ ହେଉଥିବା ଚିତ୍ରକୁ ସେ କାଗଜରେ ଆଙ୍କି ପ୍ରଶଂସକ ଓ କଳାପ୍ରେମୀଙ୍କ ପାଖରେ ପହଞ୍ଚାଇଛନ୍ତି। ଏହା ଫଳରେ ତାଙ୍କୁ ଅନେକ ପ୍ରଶଂସା ଓ ସ୍ୱୀକୃତି ମିଳିଛି। ଭୁରି ବାଇଙ୍କ ଚିତ୍ରକଳା ୟୁରୋପ, ଅଷ୍ଟ୍ରେଲିଆ ଓ ଆମେରିକାର ବିଭିନ୍ନ ମ୍ୟୁଜିୟମରେ ସ୍ଥାନ ପାଇଛି । ପ୍ରଖ୍ୟାତ ସୋଦ୍‌ବୀ ଅକ୍ସନରେ ତାଙ୍କର ଏକ ପେଣ୍ଟିଂ ମଧ୍ୟ ନିଲାମ ହେବାର ମର୍ଯ୍ୟାଦା ଲାଭ କରିଛି ।

ଗୋଗୋଇଙ୍କୁ ମରଣୋତ୍ତରଭାବେ ପ୍ରଦାନ କରାଯାଇଛି । ଏହାଛଡା ଲୋକସଭାର ପୂର୍ବତନ ବାଚସ୍ପତି ସୁମିତ୍ରା ମହାଜନ ମଧ୍ୟ ପଦ୍ମଭୂଷଣ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ପଦ୍ମ ପୁରସ୍କାରର ତାଲିକାରେ ଏଥର ଅନେକ ପରିଚିତ ନାମ ରହିଥିଲେ ହେଁ ଏଥିରେ ଅନେକ ଅଜ୍ଞାତ ବ୍ୟକ୍ତି ମଧ୍ୟ ସ୍ଥାନ ପାଇଛନ୍ତି । ସେମାନେ ସେମାନଙ୍କର ଉଦାହରଣୀୟ କାର୍ଯ୍ୟ, ନିରଳସ ସାଧନା ଏବଂ ନିଃସ୍ୱାର୍ଥପର ଉଦ୍ୟମ ପାଇଁ ଏହି ତାଲିକାରେ ସ୍ଥାନ ପାଇବାକୁ ହକ୍‌ଦାର ହୋଇଛନ୍ତି । ■

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧିର ଦୁଇବର୍ଷ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ୬ବର୍ଷ ପୂର୍ତ୍ତି

କୃଷକ ପାଇଲେ ନୂଆ ବିଶ୍ୱାସ, ହେଲେ ଆତ୍ମନିର୍ଭର

ଦଶନ୍ଧି ଦଶନ୍ଧି ଧରି ଅବହେଳିତ ଓ ବଞ୍ଚିତ ଥିବା କୃଷକମାନଙ୍କର ସ୍ୱାର୍ଥର ସୁରକ୍ଷା ସରକାରୀ ଯୋଜନାରୁ ମିଳୁଛି। ଦୁଇବର୍ଷ ପୂର୍ବ ପ୍ରଣୟନ କରାଯାଇଥିବା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଏକ ଲକ୍ଷ 13 ହଜାର କୋଟି ଟଙ୍କା କୃଷକମାନଙ୍କ ଏକାଉଂଟକୁ ଗଲାଣି । ଏହା ହେଉଛି, ବିଶ୍ୱର ସର୍ବବୃହତ୍ ଅର୍ଥ ହସ୍ତାନ୍ତର ଯୋଜନା । ୬ବର୍ଷ ପୂର୍ବେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାର ପ୍ରଣୟନ କରାଯାଇଥିଲା । କୃଷକମାନଙ୍କର କୃଷିଜାତ ପଦାର୍ଥର ଉତ୍ପାଦନ ବୃଦ୍ଧି ଏବଂ ଆୟ ଦ୍ୱିଗୁଣିତ କରିବା କ୍ଷେତ୍ରରେ ଏହା ସହାୟକ ହୋଇଛି ।

ମାର୍ଚ୍ଚ 19, 2015ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାରୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଏହା କେବଳ ଚାଷୀଙ୍କର କୃଷି ଉତ୍ପାଦକତା ବୃଦ୍ଧିରେ ସହାୟକ ହୋଇନାହିଁ ବରଂ ସେମାନଙ୍କ ଆୟ ବୃଦ୍ଧି ମଧ୍ୟ କରାଇପାରିଛି। ସରକାର ଫେବୃଆରୀ 24, 2019ରେ ଆଉ ଏକ ଅନୁରୂପ ନିଷ୍ପତ୍ତି ଗ୍ରହଣ କରି ଦେଶର ସମସ୍ତ କୃଷକମାନଙ୍କ ଲାଗି ଉତ୍ତରପ୍ରଦେଶରୁ କିଷାନ ସମ୍ମାନ ନିଧି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ମଧ୍ୟରେ ଚାଷୀଙ୍କୁ କୃଷି ଏବଂ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ଚାରିମାସିଆ କିସ୍ତି ଆକାରରେ 2000 ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରି ଦିଆଯାଉଛି।

ଅନ୍ୟପକ୍ଷରେ କିଷାନ ସମ୍ମାନନିଧି ସ୍ୱତନ୍ତ୍ର ଭାବେ କ୍ଷୁଦ୍ରଚାଷୀମାନଙ୍କ ପାଇଁ ଏକ ଆଶୀର୍ବାଦ ପାଲଟିଛି । ହରିୟାଣାର କୃଷକ ସର୍ଦ୍ଦାର ସିଂ ଏବଂ ସୁନ୍ଦର ସିଂ, ଗୁଜରାଟର ଘନଶ୍ୟାମ ପଟେଲ ଏବଂ ଧୀରୁ

> “ସମ୍ମାନନିଧି ପାଣ୍ଠି ସିଧାସଳଖ କୃଷକଙ୍କ ବ୍ୟାଙ୍କ ଏକାଉଂଟରେ ଜମା ହେଉଛି । ଏଥିପାଇଁ କାହାରିକୁ କମିଶନ ଦେବା, ଅର୍ଥ କାଟି ରଖିବା କିମ୍ବା ଲାଂଚ ଦେବାକୁ ପଡୁନାହିଁ । ଏହା ସିଧାସଳଖ କୃଷକ ନିକଟରେ ପହଞ୍ଚୁଛି । ଏହି ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିଛି। ପ୍ରତ୍ୟେକ କୃଷକ ପରିବାର ନିକଟରେ ନିୟମିତଭାବେ ଅର୍ଥ ପହଂଚାଇବା କ୍ଷେତ୍ରରେ ଏହି ଯୋଜନା ସଫଳ ହୋଇପାରିଛି ।”
>
> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

କିଷାନ ସମ୍ମାନନିଧି କୃଷକ ମୁହଁରେ ହସ ଫୁଟାଇଛି

ପି.ଏମ. କିଷାନ ସମ୍ମାନନିଧି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://pmkishan.gov.in/ ମିଳିପାରିବ । କୃଷକମାନେ ଏହି ୱେବସାଇଟରେ ପଞ୍ଜୀକରଣ କରିପାରିବେ । ଏପର୍ଯ୍ୟନ୍ତ 11.52କୋଟି ହିତାଧିକାରୀ ପଞ୍ଜୀକରଣ କରିସାରିଲେଣି ।

ସୁସ୍ଥ ମାଟି ସବୁଜ କ୍ଷେତ

- 2015 ମସିହାରେ ଆନ୍ତର୍ଜାତିକ ମୃତ୍ତିକ ଦିବସ ପାଳନ କରାଯାଇଥିଲା । ଦେଶର ପ୍ରତ୍ୟେକ କୃଷି କ୍ଷେତ୍ର ମାଟିର ଉର୍ବରତା ସ୍ଥିତି ଆକଳନ ପାଇଁ ସେହିବର୍ଷ କେନ୍ଦ୍ର ସରକାର ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ପ୍ରଣୟନ କରିଥିଲେ ।
- ମାଟିର ଉର୍ବରତାର ସ୍ଥିତି ଦେଖି ସାର ପ୍ରୟୋଗ କରାଯିବା ପାଇଁ ଦୁଇବର୍ଷରେ ଥରେ କୃଷକକୁ ଏ ସମ୍ପର୍କୀତ ସୂଚନା ଦେବା ମୃତ୍ତିକା କାର୍ଡର ଲକ୍ଷ୍ୟ ।
- 2015-17ବର୍ଷ ପ୍ରଥମ ଦଫାରେ 10.74କୋଟି କାର୍ଡ ବଣ୍ଟନ କରାଯାଇଥିଲା । ଅନ୍ୟପକ୍ଷରେ ଦ୍ୱିତୀୟ ଦଫାରେ 2017-19ମଧ୍ୟରେ 11.69କୋଟି କାର୍ଡ କୃଷକଙ୍କୁ ଦିଆଯାଇଛି ।
- ଏହି ଯୋଜନା ବାବଦରେ କେନ୍ଦ୍ର ସରକାର 7ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଲେଣି ।
- ଏପର୍ଯ୍ୟନ୍ତ 429ଟି ନୂଆ ମୃତ୍ତିକା ପରୀକ୍ଷା ଲାବୋରେଟୋରୀ(ଏସ.ଟି.ଏଲ), 102ଟି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ଲାବରେଟୋରୀ ଏବଂ 8752ଟି ମିନି ମୃତ୍ତିକା ପରୀକ୍ଷା ଲାବରେଟୋରୀ ଯୋଗାଇ ଦିଆଗଲାଣି ।
- କୃଷକମାନେ ସେମାନଙ୍କ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ସଦ୍ୟତମ ସ୍ଥିତି ଜାଣି ପାରିବା ସହ ରିପୋର୍ଟ ମଧ୍ୟ ଘରେ ବସି ପାଇପାରିବେ ।
- ଜାତୀୟ ଉତ୍ପାଦକତା ପରିଷଦ (NPC)ର ଏକ ତଥ୍ୟ ଅନୁଯାୟୀ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପରାମର୍ଶକୁ ଭିତ୍ତିକରି 8ରୁ 10 ଶତାଂଶ ରାସାୟନିକ ସାର ବ୍ୟବହାର କମିଛି ଏବଂ ଉତ୍ପାଦନ 5ରୁ ଶତାଂଶ ବଢିଛି ।
- 2019-20 ମସିହାରେ 'ଡେଭେଲପମେଣ୍ଟ ମଡେଲ' ନାମରେ ଏକ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ ନମୁନା ସଂଗ୍ରହ କେନ୍ଦ୍ର ପରିବର୍ତ୍ତେ କୃଷକମାନଙ୍କ ସହଯୋଗରେ ମୃତ୍ତିକା ନମୁନା ସେମାନଙ୍କ ଘରୁ ଅଣାଯାଇଥିଲା ।
- ଏଥିରେ କୃଷକ ପରିବାରର ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ମଧ୍ୟ ମିଳିଥିଲା । ଏହି ଯୋଜନାରେ 40ବର୍ଷ ବୟସ ଭିତରେ ଥିବା ଯୁବଗୋଷ୍ଠୀ ମାଟି ପରୀକ୍ଷା କାର୍ଯ୍ୟ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷାଗାର ସ୍ଥାପନ କରିପାରିବେ ।

ଏହି ସୁବିଧା କିପରି ମିଳିପାରିବ

6ଟି ଫସଲ ନିମନ୍ତେ ଜୈବିକ ସାର ସମେତ ଦୁଇ ପ୍ରକାରର ସାର ପ୍ରୟୋଗ କରିବା ପାଇଁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁମୋଦନ କରିଥାଏ । ଅତିରିକ୍ତ ଫସଲ ପାଇଁ କୃଷକ ଚାହିଁଲେ ପରାମର୍ଶ ନେଇପାରିବେ । କୃଷକମାନଙ୍କ ଉପକାର ପାଇଁ 21ଟି ଭାଷାରେ ସଏଲ ହେଲଥ କାର୍ଡ(ଏଚଏସ୍‌ସି) ପୋର୍ଟାଲରେ ତଥ୍ୟ ରହୁଛି। କୃଷକମାନେ କମନ୍ ସର୍ଭିସ ସେଣ୍ଟର କିମ୍ବା www.soilhealth.gov.inର ଫାର୍ମର୍ସ କର୍ଣ୍ଣରୁ ସେମାନଙ୍କ ନମୁନାର ସ୍ଥିତି ଜାଣିବା ସହ ସେମାନଙ୍କ କାର୍ଡକୁ ପ୍ରିଂଟ କରିପାରିବେ । ('ସୁସ୍ଥ ଧରା ତ କ୍ଷେତ ହରା' ମନ୍ତ୍ରର ସଫଳତା ପାଇଁ ଏହି ପଦକ୍ଷେପ ନିଆଯାଇଛି ।)

ପଟେଲ, ମଧ୍ୟପ୍ରଦେଶର ମୁଲଚନ୍ଦ ମେହେୱାଡା ଏବଂ ତେଲେଙ୍ଗାନାର ଏମ. ସୁଧାରକର ରେଡ୍ଡୀ ଭଳି କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ବିଶେଷ ଭାବେ ସହାୟକ ହୋଇପାରିଛି । ଏହି କୃଷକମାନେ କହିଛନ୍ତି ଯେ, କ୍ଷୁଦ୍ର ଓ ବଡଚାଷୀ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଏ ଯୋଜନା ବିଶେଷଭାବେ ଲାଭକାରୀ ହୋଇଛି । ପ୍ରତି ଚାରିମାସରେ ନିୟମିତଭାବେ କିସ୍ତିରେ ଅର୍ଥ ମିଳିଯାଉଛି । ଯୋଜନା ଅନ୍ତର୍ଗତ 2ହଜାର ଟଙ୍କା ମିଳୁଥିବାରୁ କାହାଠାରୁ ଉଧାର ମାଗିବା ଆବଶ୍ୟକ ପଡୁନାହିଁ । ■

ନିକଟରେ ବସିଥିବା ଦୁଇଟି କ୍ୟାବିନେଟ ବୈଠକରେ ଜମ୍ମୁ ଓ କଶ୍ମୀର ପାଇଁ ପ୍ରଗତି:-

କୃଷକଙ୍କ ଅଧିକ ଆୟକୁ ନିଶ୍ଚିତ କରାଯାଇଛି । ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଏବଂ କଶ୍ମୀରର ଦ୍ରୁତ ପ୍ରଗତି ପାଇଁ ଗୋଟିଏ ଜଳ ବିଦ୍ୟୁତ କେନ୍ଦ୍ର ସ୍ଥାପନ ନିମନ୍ତେ କ୍ୟାବିନେଟ ଅନୁମୋଦନ କରିଛି। କୃଷକମାନଙ୍କର ଅଧିକ ଆୟ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା କଥା ପ୍ରତିଫଳିତ ହୋଇଛି । 12ଟି ରାଜ୍ୟର ଚାଷୀମାନଙ୍କ ପାଇଁ ଶୁଖିଲା ନଡିଆ ଗୋଳା ଏବଂ ମିଲକୁ ନେବା ପାଇଁ ଶୁଖିଲା ନଡିଆର ସର୍ବନିମ୍ନ ସହାୟକ ମୂଲ୍ୟକୁ କ୍ୟାବିନେଟ ଅନୁମୋଦନ କରିଛି ।

ସିଦ୍ଧାନ୍ତ: ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି 2021 ଫସଲ ଅମଳ ଋତୁ ପାଇଁ ଶୁଖିଲା ନଡିଆର ସର୍ବନିମ୍ନ ସହାୟକ ମୂଲ୍ୟକୁ ବୃଦ୍ଧି କରିଛି ।

ଉପକାର:

- ଦୁଇ ନିୟୁତ ହେକ୍ଟର ଅଞ୍ଚଳରେ 15 ନିୟୁତ ଟନ୍ ଶୁଖିଲା ନଡିଆ ଉତ୍ପାଦନ କରି ଭାରତ ସର୍ବବୃହତ ଶୁଖିଲା ନଡିଆ ଉତ୍ପାଦକ ହୋଇପାରିଛି । କ୍ୟାବିନେଟ ନିଷ୍ପତ୍ତି ଯୋଗୁଁ 12ଟି ଉପକୂଳବର୍ତ୍ତୀ ରାଜ୍ୟର 3ନିୟୁତ କୃଷକ ଏଥିରୁ ଉପକୃତ ହେବେ ।
- 2020 ମସିହାରେ ମିଲିଂ ପାଇଁ ଉଦ୍ଦିଷ୍ଟ ଶୁଖିଲା ନଡିଆର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ 9ହଜାର 960 ଟଙ୍କା ଥିଲା । 2021 ମସିହାରେ 375 ଟଙ୍କା ମୂଲ୍ୟରେ ବୃଦ୍ଧି କରାଯାଇ 10ହଜାର 335ଟଙ୍କା ଧାର୍ଯ୍ୟ କରାଯାଇଛି ।
- 2020ମସିହାରେ ଶୁଖିଲା ନଡିଆ ଗୋଳା କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ 10ହଜାର 3ଶହ ଟଙ୍କା ଥିଲା । 2021 ମସିହାରେ ଏଥିରେ 3ଶହ ଟଙ୍କା ବୃଦ୍ଧି କରାଯାଇ 10ହଜାର 6ଶହ ଟଙ୍କା କ୍ୱିଣ୍ଟାଲ ପିଛା ଦର ଧାର୍ଯ୍ୟ କରାଯାଇଛି ।
- ଘୋଷଣା କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗୁଁ ମିଲିଂ ପାଇଁ ଥିବା ଶୁଖିଲା ନଡିଆ କ୍ଷେତ୍ରରେ 51ଦଶମିକ 87 ଶତାଂଶ ଲାଭ ଏବଂ ଗୋଳା ନଡିଆ କ୍ଷେତ୍ରରେ 55 ଦଶମିକ 76 ଶତାଂଶ ଲାଭ ସାଧାରଣ ଉତ୍ପାଦନ ଖର୍ଚ୍ଚ ଭାବରେ ସର୍ବ ଭାରତୀୟ ସ୍ତରରେ ସ୍ଥିର କରାଯାଇଛି ।
- 2018 ବଜେଟ୍‌ରେ ସରକାରଙ୍କ ଘୋଷଣା ଅନୁଯାୟୀ 2021ଅମଳ ଋତୁରେ ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଖର୍ଚ୍ଚକୁ ଦେଢଗୁଣ ବୃଦ୍ଧି କରାଯାଇଛି ।
- ଏ କ୍ଷେତ୍ରରେ ସର୍ବନିମ୍ନ ଲାଭ 50ପ୍ରତିଶତ ମିଳିବାର ଆଶ୍ୱାସନା ଦିଆଯାଇଛି ।
- ନଡିଆ ଉତ୍ପାଦିତ ହେଉଥିବା ରାଜ୍ୟମାନଙ୍କରେ ସହାୟକ ମୂଲ୍ୟ ଧାର୍ଯ୍ୟ କ୍ଷେତ୍ରରେ ଏନଏଏଫଇଡି ଏବଂ ଏନସିସିଏଫ ନୋଡାଲ ସଂସ୍ଥା ଭାବରେ ପୂର୍ବବତ୍ କାର୍ଯ୍ୟ କରିବେ ।

ସିଦ୍ଧାନ୍ତ: କେନ୍ଦ୍ରଶାସିତ ଜମ୍ମୁ ଏବଂ କଶ୍ମୀର ରାଜ୍ୟରେ କିସ୍ତିୱାର ଜିଲ୍ଲାରେ ଚେନାବ ନଦୀ ଉପରେ 850 ମେଗାୱାଟ କ୍ଷମତା ସମ୍ପନ୍ନ ଏକ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିରେ 5ହଜାର 281.94 କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏନଏଚପିସି ଏବଂ ଜେକେଏସପିଡିସିର ଅଂଶଧନ 51ଶତାଂଶ ଏବଂ 49ଶତାଂଶ ଅନୁପାତରେ ବିନିଯୋଗ ପାଇଁ ଯୁଗ୍ମ ସହଯୋଗ ଭିତ୍ତିକ କାର୍ଯ୍ୟ ନିମନ୍ତେ ରାଜିନାମା କରାଯିବ ।

ଉପକାର:

- ଜଳବିଦ୍ୟୁତ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର 776.44 କୋଟି ଟଙ୍କା ଜେକେଏସପିଡିସିକୁ ଯୁଗ୍ମ ସହଯୋଗ ଭିତ୍ତିକ କାର୍ଯ୍ୟ ନିମନ୍ତେ ଅଂଶଧନ ବାବଦରେ ଦେଇ ଜମ୍ମୁ କଶ୍ମୀରକୁ ସହାୟତା କରିବେ । ଏନଏଚପିସି ଅଂଶଧନ ବାବଦରେ 808.14କୋଟି ଟଙ୍କା ବିନିଯୋଗ କରିବ ।
- ଏହି ଜଳବିଦ୍ୟୁତ ପ୍ରକଳ୍ପ 60ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।
- ଗ୍ରୀଡରୁ ଆସୁଥିବା ଶକ୍ତିର ଭାରସାମ୍ୟ ରକ୍ଷା କ୍ଷେତ୍ରରେ ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ସହାୟକ ହେବ ଏବଂ ରାଜ୍ୟରେ ବିଦ୍ୟୁତ ଯୋଗାଣ ସ୍ଥିତିରେ ଉନ୍ନତି ଆଣିବ ।
- ଜିଲ୍ଲାରେ ଏହି ନିର୍ମାଣ କାର୍ଯ୍ୟ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ 4 ହଜାର ଲୋକଙ୍କ ନିଯୁକ୍ତି ମିଳିବ । ଏହା ଜମ୍ମୁ କଶ୍ମୀର ସାମାଜିକ ଅର୍ଥନୀତିକ ପ୍ରଗତିରେ ସହାୟକ ହେବ । ■

ଇଚ୍ଛା ଥିଲେ ଉପାୟ ଆପେ ଆପେ ଜୁଟେ!

କନ୍ଦମୂଳ ଚାଷୀ ରାମଗୁଲାବଙ୍କ ଜୀବନ ଧାରାକୁ ସରକାରଙ୍କ ନୂତନ କୃଷି ଉଦ୍ୟମ ବଦଳାଇ ଦେଇଛି । ଗତ ୨୦୨୦ ଡିସେମ୍ବରରେ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାଙ୍କର ପ୍ରଶଂସା କରିଛନ୍ତି । କାଜିରଙ୍ଗା ଜାତୀୟ ଉଦ୍ୟାନ ସଫେଇ କାର୍ଯ୍ୟକ୍ରମ ପାଇଁ ଉଦ୍ୟମ ମାଧ୍ୟମରେ ଏକ ମହିଳା ଦଳ କେବଳ ସଫେଇ କରିନାହାନ୍ତି, କର୍ମନିଯୁକ୍ତି ମଧ୍ୟ ସୃଷ୍ଟି କରିଛନ୍ତି ।

କୃଷକମାନଙ୍କ ପାଇଁ ନୂଆ ଉଦ୍ୟମ

ଗତବର୍ଷ ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶର କୃଷକ ରାମଗୁଲାବ ଲୋକଲୋଚନକୁ ଆସିଲେ । 300କୃଷକଙ୍କୁ ନେଇ ରାମଗୁଲାବ ଗୋଟିଏ କୃଷକ ଉତ୍ପାଦକ ସଂଗଠନ(ଏଫପିଓ) ଗଠନ କରିଛନ୍ତି । ସେମାନେ ପୂର୍ବ ଦର ତୁଳନାରେ ପ୍ରାୟ ଦେଢଗୁଣ ଅଧିକ ଦାମରେ ବର୍ତ୍ତମାନ ସେମାନଙ୍କ ଉତ୍ପାଦିତ ପଦାର୍ଥ ବିକ୍ରି କରୁଛନ୍ତି । 10ହଜାରରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ଗଠନ କରିବାକୁ ସରକାର ବର୍ତ୍ତମାନ ଅଭିଯାନ ଆରମ୍ଭ କରିଛନ୍ତି । ରାମଗୁଲାବଙ୍କର କୃଷକ ଉତ୍ପାଦକ ସଂଗଠନ ଅହମ୍ମଦାବାଦର ଏକ କୃଷି କମ୍ପାନୀକୁ V-43 ସୁନେଲି କନ୍ଦମୂଳ ବିକ୍ରି କରୁଛି । ରାମଗୁଲାବଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ଭାରତୀୟ ରେଳବାଇ ସେମାନଙ୍କ ଉତ୍ପାଦିତ ପଦାର୍ଥକୁ ଗୁଜରାତକୁ ପରିବହନ ସୁବିଧା ଯୋଗାଇ ସମୟ ଓ ଅର୍ଥ ବଞ୍ଚାଇବାକୁ ଅନୁରୋଧ କରିଛନ୍ତି । ଏହି କମ୍ପାନୀ କିଲୋପିଛା 25ଟଙ୍କା ଦରରେ 400ଟନ କନ୍ଦମୂଳ କିଣିବ। ସ୍ଥାନୀୟ ବଜାରରେ ବିକ୍ରି କରି ସେମାନଙ୍କୁ କିଲୋପିଛା 15ରୁ 20ଟଙ୍କା ମିଳିଥାଆନ୍ତା । ପ୍ରଥମ ଦଫାରେ ଫେବୃୟାରୀ ମାସରେ 10ଟନ୍ କନ୍ଦମୂଳ ପଠାଯିବ । ଚଳିତବର୍ଷ ଜୁନ ସୁଦ୍ଧା 2 ଶହ ଟନ୍ କନ୍ଦମୂଳ ଏହି କମ୍ପାନୀ ନେବ । ବର୍ତ୍ତମାନ ଖୁବ୍ କମ୍ ସମୟରେ ମାତ୍ର 35ଘଣ୍ଟା ମଧ୍ୟରେ ଅଳ୍ପ ପରିବହନ ଖର୍ଚ୍ଚରେ ରାମଗୁଲାବଙ୍କ କନ୍ଦମୂଳ ଗୁଜରାଟରେ ପହଂଚିପାରିବ ।

ବର୍ଜ୍ୟବସ୍ତୁରୁ ତନ୍ତୁ

କାଜିରଙ୍ଗା ଜାତୀୟ ପାର୍କ ବିଲୁପ୍ତ ପ୍ରାୟ ଏକ ଶିଙ୍ଗ ବିଶିଷ୍ଟ ଗଣ୍ଡାମାନଙ୍କ ବାସସ୍ଥଳୀ ଏବଂ ବିଶ୍ୱ ଐତିହ୍ୟସ୍ଥଳୀ ଭାବେ ବିଖ୍ୟାତ । ଏହି ପାର୍କ ଏବଂ ଆଖପାଖ ଅଞ୍ଚଳରେ ଏଣେତେଣେ ଫିଙ୍ଗାଯାଉଥିବା ପ୍ଲାଷ୍ଟିକ ପଦାର୍ଥରୁ ଏକ ନୂତନ ଉଦ୍ଭାବନ କରିଛନ୍ତି ରୂପଜ୍ୟୋତି ଟାଇକିଆ ଗୋଗୋଇ। ଏଣେତେଣେ ପଡିଥିବା ବିଭିନ୍ନ ପ୍ଲାଷ୍ଟିକ ସଂଗ୍ରହ କରି ଗାଁର ତନ୍ତୁବାୟମାନଙ୍କୁ ପାରମ୍ପରିକ ତନ୍ତରେ ବ୍ୟବହାର ପାଇଁ ଏକପ୍ରକାର ସୂତା ପ୍ରସ୍ତୁତ କରିଛନ୍ତି । ଗାଁର ଅନ୍ୟ ମହିଳାମାନଙ୍କ ସହିତ ମିଶି ଏଣେତେଣେ ପଡିଥିବା ପ୍ଲାଷ୍ଟିକକୁ ରୂପଜ୍ୟୋତି ସଂଗ୍ରହ କରିଥିଲେ । ଏହାର ପରିମାଣ ଅଧିକ ହୋଇଯିବା ପରେ ଏହାକୁ ଧୋଇ ଶୁଖାଇଲେ । ଏହାପରେ ସେସବୁକୁ ହାତରେ ବଳି ଏକ ଲମ୍ବା ଦଉଡିରେ ପରିଣତ କରିଲେ। ଏହାକୁ କପା ସୂତା ସହିତ ମିଶାଇ ପାରମ୍ପରିକ ତନ୍ତ ସାହାଯ୍ୟରେ ବିଭିନ୍ନ ପ୍ରକାରର ପୋଷାକ, ଟେବୁଲ କ୍ଲଥ ଓ ଷ୍ଟୋଲ ଆଦି ପ୍ରସ୍ତୁତ କରୁଛନ୍ତି । ଏପର୍ଯ୍ୟନ୍ତ ଆସାମର 35ଟି ଗ୍ରାମର 2ହଜାର ମହିଳାଙ୍କୁ ଏହି କୌଶଳ ଶିଖାଇ ସେମାନଙ୍କୁ ଆତ୍ମନିର୍ଭର କରାଇସାରିଲେଣି। 2012 ମସିହାରେ କାଜିରଙ୍ଗା ହାଟ ନାମରେ ଏକ ବିକ୍ରୟ କେନ୍ଦ୍ର ଖୋଲି ବିଦେଶୀ ଏବଂ ସ୍ଥାନୀୟ ଗ୍ରାହକଙ୍କୁ ତାଙ୍କ ଉତ୍ପାଦିତ ପଦାର୍ଥ ବିକ୍ରି କରିବା ଆରମ୍ଭ କଲେ । ତାଙ୍କର ଏହି ଉଦ୍ୟମ ଯୋଗୁଁ ପରିବେଶ ସୁରକ୍ଷା ହେବା ସହ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରିଛନ୍ତି ।

ଭାରତ ଶକ୍ତିଶାଳୀ ଓ ଦକ୍ଷଭାବରେ ଉଭା ହେଉଛି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୋଦ୍ଧାମାନଙ୍କୁ ସେମାନଙ୍କ ସୃଜନଶୀଳତା ପାଇଁ ପ୍ରଶଂସା କରିଛନ୍ତି । ଏଥି ସହିତ କରୋନା ମହାମାରୀ ଅବସ୍ଥା ଲାଗି ରହିଥିବା ସମୟରେ ଦେଶ ଆତ୍ମନିର୍ଭର ଏବଂ ଦକ୍ଷ ହୋଇପାରିଥିବା ବର୍ଣ୍ଣନା କରିଛନ୍ତି

ପଦ୍ମ ପୁରସ୍କାର: ଚଳିତବର୍ଷ ମଧ୍ୟ ଦୃଷ୍ଟି ଆଡୁଆଳରେ ରହିଯାଇଥିବା ଯୋଦ୍ଧାମାନଙ୍କୁ ପଦ୍ମ ପୁରସ୍କାର ଦେବାର ପରମ୍ପରା ରକ୍ଷା କରାଯାଇଛି । ଏହି ସମସ୍ତ ବ୍ୟକ୍ତିମାନଙ୍କ ବିଷୟରେ ତଥା ସେମାନଙ୍କ ଅବଦାନ ବିଷୟରେ ଅଧିକ ଜାଣିବା ପାଇଁ ସମସ୍ତଙ୍କୁ ମୋର ଅନୁରୋଧ ।

ତୀବ୍ର ଗତିରେ ଟୀକାକରଣ: ଭାରତ ବିଶ୍ୱର ସର୍ବବୃହତ କୋଭିଡ-19 ଟିକାକରଣ କାର୍ଯ୍ୟ କରୁଛି । ମାତ୍ର 15ଦିନ ମଧ୍ୟରେ ଭାରତରେ 30ଲକ୍ଷ ଯୋଦ୍ଧାଙ୍କୁ ଟୀକା ଦିଆଯାଇଛି। ଅନ୍ୟ ପକ୍ଷରେ ଏତିକି ପାଇଁ ଆମେରିକା ଭଳି ଦେଶକୁ 18ଦିନ ଏବଂ ବ୍ରିଟେନକୁ 3ଦିନ ଲାଗିଛି ।

ପର୍ଯ୍ୟଟକଙ୍କ ଲକ୍ଷ୍ୟସ୍ଥଳୀ : ଦେଶର 15ଟି ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବା ପାଇଁ ମୁଁ ଦେଇଥିବା ଉପଦେଶରେ ଉଦ୍‌ବୁଦ୍ଧ ହୋଇ ଜାନୁୟାରୀ ପହିଲା ଦିନ ପ୍ରିୟଙ୍କା ପାଣ୍ଡେ ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କର ପୈତୃକ ଘର ବୁଲି ଦେଖିଆସିଛନ୍ତି । ଦେଶର ବିଖ୍ୟାତ ମନିଷୀମାନଙ୍କ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ପାଇଁ ଏହା ତାଙ୍କର ପ୍ରଥମ ପଦକ୍ଷେପ ଥିଲା ।

ଭାରତ ଆବିଷ୍କାର : ଦେଶ ସ୍ୱାଧୀନତାର 75ବର୍ଷ ପୂର୍ତ୍ତି ପାଳନ କରୁଥିବା ସମୟରେ ଯୁବ ଲେଖକମାନଙ୍କ ପାଇଁ 'ଇଣ୍ଡିଆ-75'ନାମରେ ଏକ ଉଦ୍ୟମ ଆରମ୍ଭ ହୋଇଛି । ଭାରତୀୟ ପରମ୍ପରା ଏବଂ ସଂସ୍କୃତି ସମ୍ପର୍କରେ ଗଭୀର ଅଧ୍ୟୟନ କରିଥିବା ଯୁବ ଲେଖକମାନଙ୍କୁ ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିଷୟରେ ଲେଖିବା ପାଇଁ ଉତ୍ସାହିତ କରିବ ।

ଉଦ୍‌ଭାବନର ଶକ୍ତି : ବୋଇଂପାଲିର ପରିବା ବଜାରରେ ଫୋପଡା ଯାଇଥିବା ପରିତ୍ୟକ୍ତ ପଦାର୍ଥରୁ ବିଜୁଳି ଶକ୍ତି ଉତ୍ପନ୍ନ କରାଯାଉଛି । ବଜାରରୁ ପ୍ରତିଦିନର ପ୍ରାୟ 10ଟନ୍ ପରିତ୍ୟକ୍ତ ପଦାର୍ଥରୁ ପାଖାପାଖି 5 ଶହ ୟୁନିଟ୍ ବିଜୁଳି ପ୍ରତିଦିନ ଉତ୍ପାଦିତ ହେଉଛି । ଏଥିରୁ 30 କିଲୋଗ୍ରାମ ଜୈବ ଇନ୍ଧନ ମଧ୍ୟ ସୃଷ୍ଟି କରାଯାଉଛି ।

ମହିଳା ସଶକ୍ତିକରଣ: ଚାରିଜଣ ମହିଳା ପାଇଲଟ୍ ସାନ୍‌ଫ୍ରାନସିସକୋରୁ ବାଙ୍ଗାଲୋରକୁ ବିରାମହୀନ ବିମାନ ଯାତ୍ରା ଆରମ୍ଭ କରିଥିଲେ । ଜାନୁୟାରୀ ୨୬ତାରିଖ ଦିନ ଭାରତୀୟ ବିମାନ ବାହିନୀର ଦୁଇଜଣ ମହିଳା ଅଧିକାରୀ ଇତିହାସ ସୃଷ୍ଟି କରିଛନ୍ତି । ଦେଶର ମହିଳାମାନଙ୍କ ଭାଗିଦାରିତା କ୍ରମାଗତଭାବେ ବଢୁଛି ।

କୃଷି : ଏଇ ନିକଟରେ ଝାନ୍‌ସୀଠାରେ ଏକମାସ ବ୍ୟାପୀ ଷ୍ଟ୍ରବେରୀ ଫେଷ୍ଟିଭାଲ ଆରମ୍ଭ ହୋଇଛି । ବର୍ତ୍ତମାନ ବୁନ୍ଦେଲଖଣ୍ଡରେ ଷ୍ଟ୍ରବେରୀ ଚାଷ ପାଇଁ ଆଗ୍ରହ ବଢିଚାଲିଛି । ଏ କ୍ଷେତ୍ରରେ ଝାନ୍‌ସୀର ଜଣେ ଝିଅ ଗୁର୍ଣ୍ଣିଲ ଚାୱାଲା ଅଗ୍ରଣୀ ଭୂମିକା ନେଇଛନ୍ତି । ଝାନ୍‌ସୀର ଷ୍ଟ୍ରବେରୀ ଉତ୍ସବ 'ଘରେ ରୁହନ୍ତୁ' ଅବଧାରଣକୁ ଗୁରୁତ୍ୱ ଦେଇଛି ।

ସୀମା ଅତିକ୍ରମ କଲା ଯୋଗ: ଚିଲ୍ଲୀରେ ନଭେମ୍ବର 4ତାରିଖକୁ ଯୋଗ ଦିବସଭାବରେ ପାଳନ କରାଯାଉଛି । ଚିଲ୍ଲୀର ପାର୍ଲାମେଣ୍ଟ ସମ୍ପର୍କରେ ଆଗ୍ରହ ସୃଷ୍ଟି ହେଲା ଭଳି ଏକ ବୈଶିଷ୍ଟ୍ୟ ରହିଛି । ଚିଲ୍ଲୀ ସିନେଟ୍‌ର ଉପରାଷ୍ଟ୍ରପତିଙ୍କ ନାମ ହେଉଛି ରବୀନ୍ଦ୍ର ନାଥ କୁନ୍ତିରୋଜ । ବିଶ୍ୱ କବି ଗୌରବ ରବୀନ୍ଦ୍ରନାଥ ଟାଗୋରଙ୍କ ନାମରୁ ତାଙ୍କୁ ଏଭଳି ନାମକରଣର ପ୍ରେରଣା ମିଳିଛି ।

ସଡକ ନିରାପତ୍ତା : ଦେଶ ଜାନୁୟାରୀ 18ତାରିଖରୁ ଫେବୃୟାରୀ 17 ପର୍ଯ୍ୟନ୍ତ ସଡକ ସୁରକ୍ଷା ମାସ ପାଳନ କରୁଛି। ସଡକ ଦୁର୍ଘଟଣା କେବଳ ଦେଶର ଗୁରୁତର ପ୍ରସଙ୍ଗ ନୁହେଁ, ଏହା ବିଶ୍ୱବ୍ୟାପୀ ଗୁରୁତର ପ୍ରସଙ୍ଗ । ବ୍ୟକ୍ତିଗତଭାବେ, ସାମୂହିକଭାବେ ଏବଂ ସରକାରୀସ୍ତରରେ ଭାରତରେ ସଡକ ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି ।

ସୃଜନଶୀଳତାକୁ ସ୍ୱୀକୃତି: ସୀମା ସଡକ ସଂଗଠନ ଦ୍ୱାରା ନିର୍ମିତ ସଡକରେ ଗଲେ ଅନେକ ସୃଜନଶୀଳ ସ୍ଲୋଗାନ ଦେଖିବାକୁ ମିଳିବ । ବର୍ତ୍ତମାନ ଆପଣ ସେହିଭଳି ସୃଜନଶୀଳ ସ୍ଲୋଗାନସବୁ ମାଇଁ ଗଭ୍ ମାଧ୍ୟମରେ ପଠାଇପାରିବେ । ଭଲ ସ୍ଲୋଗାନ ଗୁଡିକ ଜନଚେତନା ଅଭିଯାନ ସମୟରେ ବ୍ୟବହାର କରାଯିବ ।

ମନ୍ କି ବାତ୍ ଶୁଣିବା ପା ଇଁ QR କୋଡକୁ ସ୍କାନିଂ କରନ୍ତୁ ।

Narendra Modi @narendram...
#AatmanirbharBharatKaBudget is a Budget for farmers and agriculture sector. It will contribute to the doubling of incomes of our hardworking Annadatas and invigorate the sector with futuristic technologies. Credit availability will improve, APMC apparatus will be strengthened.

Rajnath Singh @rajnathsingh ·
I specially thank PM& FM for increasing the defence budget to 4.78 lakh cr for FY21-22 which includes capital expenditure worth Rs 1.35 lakh crore. It is nearly19 percent increase in Defence capital expenditure. This is highest ever increase in capital outlay for defence in 15yrs

Amit Shah @AmitShah · 17h
शिक्षा की गुणवत्ता के लिए मोदी सरकार ने ₹3000 करोड़ की राष्ट्रीय अप्रेंटिसशिप प्रशिक्षण योजना शुरू की है। ₹50,000 करोड़ से National Research Foundation शुरू होगा। राष्ट्रीय भाषा अनुवाद मिशन भी शुरू होगा जिससे क्षेत्रीय भाषाओं के विकास को बल मिलेगा।
#AatmanirbharBharatKaBudget

Nitin Gadkari @nitin_gadkari
आदरणीय प्रधानमंत्री श्री @narendramodi जी के नेतृत्व में वित्त मंत्री श्रीमती @nsitharaman जी ने जो बजट पेश किया है वो नए भारत की नींव रखेगा और 130 करोड़ भारतवासियों की ज़िंदगी बेहतर करेगा।
#AatmanirbharBharatKaBudget

Piyush Goyal @PiyushGoyal ·
Welcoming the tax breaks & incentives given in #AatmanirbharBharatKaBudget, Indian industry lauds the roadmap to strengthen important pillars for the nation's economic growth.

Dr Harsh Vardhan @drharshv...
#AatmanirbharBharatKaBudget
Reinvigorating Human Capital to establish a new prosperous India.
- Qualitative strengthening of schools under NEP
- Improving education infra in tribal areas
- Empowering scheduled caste students
- Enhancing synergy b/w Govt aided research institutes

India puts its military might and cultural heritage on show

PTI
New Delhi, 26 January

In a display of India's military might, Rafale fighter jets took part in the Republic Day flypast for the first time as the armed forces showcased their T-90 tanks, the Samvijay electronic warfare system and Sukhoi-30 MKI fighter jets on the Rajpath today.

Depicting the nation's rich cultural heritage and economic progress, 17 tableaux from states and union territories and nine from different Union ministries and paramilitary forces took part in the 72nd Republic day parade. Six tableaux of the defence ministry also attended the event. Also on display were Bajasal, a folk dance from Kalahandi in Odisha, the Fit India Movement and Aatmanirbhar Bharat.

This year, the attendance to the Republic Day parade was limited due to the Covid-19 pandemic. Those below 15 years of age and above 65 were not allowed at the venue.

The parade also witnessed several major changes. The contingents only marched a distance of 3.5 km instead of the usual 8.5 km, and for the first

(INS) Vikrant and naval operations that were conducted during the 1971 India-Pakistan war.

The Air Force exhibited models of light combat aircraft Tejas and indigenously developed anti-tank guided missile Dhruvastra. Scaled-down models of the Light Combat Helicopter, Sukhoi-30 MKI fighter jet and Rohini radar were also part of the IAF tableaux. A total of 38 IAF aircraft, include Rafale, and four planes of the Indian Army participated in the flypast.

The Defence Research and Development Organisation (DRDO) presented two tableaux: One showcasing light combat aircraft Tejas' successful take off from aircraft carrier INS Vikramaditya in 2020; and the other displaying full complement of the anti-tank guided missile systems.

The Republic Day parade ceremony commenced with Prime Minister Narendra Modi visiting the National War Memorial in the morning.

The tricolour was unfurled followed by the national anthem with a

BSF unfurls 131-foot-high Tricolour, tallest along India-Pak border in J&K

ARUN SHARMA
SUCHETGARH, JANUARY 26

THE BORDER Security Force (BSF) unfurled the Tricolour on a 131-foot-high flag post along the India-Pakistan border on the occasion of Republic Day – the tallest ever along the zero line in Jammu and Kashmir.

The 12x8 foot flag at the "heritage" Octroi Border Outpost in Suchetgarh sector of R S Pura sub-division will be visible as far as Pakistan's Sialkot town, nearly 11 km across the International Border.

BSF IG N S Jamwal, who unfurled the flag, said the Tricolour would serve as a landmark for Jammu, adding that the BSF will keep it flying at all costs.

Pakistan Rangers had initially objected to the erection of such a high flag post within 50 metres from the zero line, suspecting

K-CURVE CONCERNS

Big jump in spending must for a sustained recovery

It is not just MSMEs, even the core sector is doing badly and sluggish 2-wheeler sales make it clear the uptick is patchy



{ DAVOS ADDRESS }

Many more made-in-India Covid vaccines soon: Modi

HT Correspondent
letters@hindustantimes.com

NEW DELHI: Prime Minister Narendra Modi on Thursday hailed India's progress in tackling the Covid-19 pandemic, said that India's success in saving lives has been a global good, and pledged a commitment to help other countries with more "made-in-India" vaccines.

Speaking at the World Economic Forum's Davos Agenda

Right now, there are two made-in-India vaccines — but in the coming days, many more vaccines will come. This will help us support other countries at scale

NARENDRA MODI, Prime Minister

in a climate where China's reliability as a global

but with human-centric vision;

leaders — held virtually this year — with a focus on the post-pandemic world and harnessing the technologies of the fourth industrial revolution.

Tracing back India's journey against the pandemic, Modi said: "I remember how in February, March and April, many global experts and institutions had made many predictions. It was said that India would be the most affected by Covid-19; that

PM: 1 lakh NCC cadets to be trained for role in coastal, border areas

EXPRESS NEWS SERVICE
NEW DELHI, JANUARY 28

'A third of them will be girl cadets'
PTI

There should be discussions this session for meaningful results: PM

Prasad slams Oppn boycott, says President above political differences

LIZ MATHEW
NEW DELHI, JANUARY 29

ON THE first day of what is expected to be a tumultuous Budget Session, Prime Minister Narendra Modi on Friday called for debate and discussion on all issues that concern the people of India, keeping democratic values in mind.

should be discussions and presentation of different views this session for meaningful results keeping in mind this entire decade," Modi said ahead of the beginning of the House session.

The Prime Minister's remarks come amidst tension at the Delhi borders where farmers unions are continuing their agitation against the contentious farm laws. Seventeen Opposition

trained guns on the Congress, alleging that its "arrogance" is the "real problem". He said that it never boycotted a presidential address to Parliament despite many "scams" during the Congress-led UPA government.

Union minister Prakash Javadekar also slammed the Congress, alleging that its existence over the past 5-6 years is

presented on Monday, should be seen as [illegible] and described as mini Budgets. "It's the Budget Session. Perhaps, for the first time in the history of India it happened that the Finance Minister had to come out with different packages. There were in fact four to five mini budgets in 2020. So this Budget also will

CABINET CLEARS HIKE IN MSP FOR COPRA

HT Correspondent
letters@hindustantimes.com

NEW DELHI: The Cabinet on Wednesday approved a hike in the minimum support price (MSP) of milling copra by ₹375 per quintal and ball copra by ₹300 per quintal, a commodity grown in 12 coastal states.

Copra is the dried coconut kernel from which coconut oil is pressed.

The Cabinet Committee on Economic Affairs, chaired by Prime Minister Narendra Modi, approved the hike in the MSP for fair average quality of milling copra to ₹10,335 per quintal from ₹9,960 per quintal for the 2020 season, while the MSP for ball copra has been increased to ₹10,600 per quintal from ₹10,300 per quintal last year.

Holding a briefing on the Cabinet decisions, Union minister Prakash Javadekar said the MSP of milling copra is higher by 52 per cent than the production cost, while the support price of ball copra is 55 per cent higher.

The increase in copra MSP for 2021 season is in line with

RNI No. :
DELODI/2020/78831
February: 16-28, 2021

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 13-17 advance Fortnightly, (Publishing Date February 4, 2021, Pages-48)

ସର୍ବପ୍ରଥମ ରାଷ୍ଟ୍ର, ପରେ ଗୁରୁ, ପରେ

ମାତା-ପିତା, ପରେ ପରମେଶ୍ୱର।

ତେଣୁ ପ୍ରଥମେ ନିଜକୁ ନୁହେଁ ରାଷ୍ଟ୍ରକୁ

ଦେଖିବା ଉଚିତ ।

-ଛତ୍ରପତି ଶିବାଜୀ ମହାରାଜ

(ଫେବୃଆରୀ 19ରେ ଛତ୍ରପତି ଶିବାଜୀଙ୍କୁ ତାଙ୍କ 391 ଜନ୍ମ ବାର୍ଷିକୀରେ ଦେଶ ସ୍ମରଣ କରୁଛି)

"ଶିବାଜୀ ମହାରାଜ ଯୁଦ୍ଧଭୂମିରେ ବୀରତ୍ୱ ଏବଂ ପ୍ରଶାସନରେ ଛାପ ଛାଡ଼ି ଯାଇଛନ୍ତି। ତାଙ୍କର ଉତ୍ତମ ପ୍ରଶାସନ ଜରିଆରେ ସେ ବହୁ ଲୋକଙ୍କ ଜୀବନକୁ ସ୍ପର୍ଶ କରିପାରିଥିଲେ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

Odia Issue 16

Editor:
Kuldeep Singh Dhatwalia,
Principal Director General,
PIB, New Delhi

Published & Printed by: Satyendra Prakash, Director General, BOC on behalf of Bureau of Outreach and Communication

Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003

Printed at Infinity Advertising services Pvt. Ltd.
FBD-One Corporate Park, 10th Floor,
New Delhi-Faridabad border,
NH-1, Faridabad-121003 (Haryana)